R.N.I.REGD.NO. ORIORI/2005/15069,
POSTAL REGD. NO. BHADRAK/001/2023-2026
ଓଡ଼ିଆ ସାପ୍ତାହିକ
Odia Weekly
ଭାଗ-୨୧, ସଂଖ୍ୟା-୦୯
Vol-21, Isssue-09
୯ ମାର୍ଚ୍ଚ - ୧୫ ମାର୍ଚ୍ଚ ୨୦୨୬
9th Jan - 15th Jan 2026
ଭଦ୍ରକ Bhadrak
ମୂଲ୍ୟ -୫ ଟଙ୍କା
Price -Rs.5/-

ସାଲନ୍ଦୀ ସମାଚାର
THE SALANDI SAMACHAR
ପ୍ରତିଷ୍ଠାତା - ସାହିତ୍ୟରତ୍ନ ଅପୂର୍ବ ରଂଜନ ରାୟ

ହୃଦୟ ଜିତିଲେ ଭାରତୀୟ ଟିମ୍

ଗାଁରୁ ସହର ବଢୁଛି ନିଶା କାରବାର: ନିଶା କବଳରେ ଯୁବପିଢ଼ି

ଜିଲା ପୁଲିସ ଗତ ବର୍ଷକ ମଧ୍ୟରେ ୬୪ ଟି ମାମଲା ଏନଡିପିଏସ୍ (ନାର୍କୋଟିକ ଡ୍ରଗସ ଏଣ୍ଡ ସାଇକୋଥିରାପି ସବଷ୍ଟାନସ ଆକ୍ଟ)ଆକ୍ଟ ମୂଳେ ରୁଜୁ କରିଛି। ୮୦୦ ଗ୍ରାମ ବ୍ରାଉନ ସୁଗର ଜବତ ହୋଇଛି। ୧କ୍ୱିଣ୍ଟାଲ ୮୬ କିଲୋ ଗଞ୍ଜେଇ ମଧ୍ୟ ଜବତ ହୋଇଛି। ୩ ମହିଳାଙ୍କ ସମେତ ୬୪ ଜଣଙ୍କୁ ଗିରଫ କରାଯାଇଛି। ଏହା ସତ୍ୱେ ଥମୁନି ନିଶା କାରବାର। ଏହାକୁ ସମୂଳେ ରୋକିବା ପୁଲିସ ପାଇଁ ଆହ୍ୱାନ ହୋଇଛି। ତେବେ ପରିବାରରୁ ଆରମ୍ଭରୁ ସଂସ୍କାର ଓ ଆଧ୍ୟାତ୍ମିକ ଚେତନା ମିଳିଲେ ଯୁବପୀଢି ନିଶାସକ୍ତ ହେବା ଧାରା ବ୍ୟାହତ ହୁଅନ୍ତା ବୋଲି ମଧ୍ୟ ମତ ପ୍ରକାଶ ପାଇଛି।

ଭଦ୍ରକ: ନିଶା କବଳକୁ ଯାଉଛନ୍ତି ଭଦ୍ରକ ଜିଲାର ଯୁବପିଢି। ସରକାରୀ ଲାଇସେନସ୍ ପ୍ରାପ୍ତ

ମଦଦୋକାନ ଖୋଲି ସରକାର ମଦର ପ୍ରସାର କରୁଥିବା ବେଳେ ଏପଟେ ବ୍ରାଉନସୁଗର ବା ଧଳାଜହରର ଚୋରା କାରବାର ଦିନକୁ ଦିନ ବଢି ଚାଲିଛି। ତା'ସହିତ ଗଞ୍ଜେଇ କାବରାର ମଧ୍ୟ କିଛି କମ ନୁହେଁ। ଭଦ୍ରକ ସହର ସମେତ ଗ୍ରାମାଞ୍ଚଳରେ ଧଳାଜହର କାରବାର ଚିନ୍ତା ବଢାଇଲାଣି। କାରବାରରେ ସମ୍ପୃକ୍ତ ନିଶା ବେପାରିଙ୍କୁ ପୁଲିସ ଅନେକ ସମୟରେ ଠାବ କରୁଥିବା ଏବଂ ସେମାନଙ୍କ ବିରୋଧରେ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରୁଥିଲେ ବି କାରବାର ଥମୁନାହିଁ। ଏହି କାରବାରର ଚେର ବହୁତ ଲମ୍ବା ଥିବା ଓ ପୁରା ନେଟଓ୍ୱର୍କରେ ବହୁ ସଂଖ୍ୟାରେ ଯୁବକ ଝାସ ଦେଇଥିବା କାରଣରୁ ସମସ୍ତଙ୍କୁ ଠାବ କରିବା ବି ପୁଲିସ ପକ୍ଷେ କାଠିକର ପାଠ ହୋଇଛି। ବିଶେଷ କରି ସ୍କୁଲ ଓ କଲେଜ ଛାତ୍ର ନିଶା କବଳିତ ହେବା ଅଭିଭାବକଙ୍କୁ ଚିନ୍ତାଗ୍ରସ୍ତ

ନିଶା କାରବାର ଏକ ଗମ୍ଭୀର ସାମାଜିକ ସମସ୍ୟା ଭାବେ ଉଭା ହୋଇଛି। ଯାହା ଯୁବପିଢ଼ିଙ୍କୁ ଧ୍ୱଂସ କରୁଛି। ରାଜ୍ୟରେ ଚୋରା ମଦ, ବ୍ରାଉନ୍ସ ସୁଗାର, ଗଜେଇ ଓ ନକଲି ନିଶା ସାମଗ୍ରୀର ଚାଲାଣ ଚିନ୍ତାଜନକ ଭାବେ ବଢ଼ିବାରେ ଲାଗିଛି। ୨୦୧୬ ରୁ ୨୦୨୬ ମଧ୍ୟରେ ଓଡ଼ିଶାରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ନିଶା ଦ୍ରବ୍ୟର ବିକ୍ରୟ ବୃଦ୍ଧି ପାଇଛି, ଯାହା ସ୍ୱାସ୍ଥ୍ୟ ଏବଂ ଆଇନ ଶୃଙ୍ଖଳା ପାଇଁ ବିପଦ ସୃଷ୍ଟି କରୁଛି।

କରିଥିବା ବେଳେ ସାମାଜିକ ବ୍ୟବସ୍ଥାକୁ ମଧ୍ୟ ବିଗାଡି ଦେବାକୁ ବସିଛି। ଭଦ୍ରକ ସହରର ପୁରୁଣାବଜାର, ନୂଆ ବସଷ୍ଟାଣ୍ଡ, କଲେଜ ଛକ, ବନ୍ତଛକ, ଆରଡି ଛକ, ଅପର୍ତିବିନ୍ଧା ଛକ,ନୂଆବଜାର,ଚରମ୍ପା, ବଉଳପୋଖରୀ ଆଦି ସମେତ ସବୁଠି ନିଶା କାରବାର ଭିତରେ ଭିତରେ ଚାଲିଛି। କଲେଜ ଛାତ୍ର ଓ ଯୁବକମାନେ ନିରୋଳାରେ ଧଳାଜହର ନେଉଥିବା ମଧ୍ୟ ସାଧାରଣ ଲୋକଙ୍କ ନଜରକୁ ଆସୁଛି। ଏଥିନେଇ ନିକଟରେ ମାତୃଶକ୍ତି ବାହିନୀ ପକ୍ଷରୁ ଜିଲା ପ୍ରଶାସନକୁ ଏକ ଦାବିପତ୍ର ଦିଆଯାଇ ନିଶା କାରବାରକୁ ବିଶେଷ କରି ଧଳାଜହର କାରବାରକୁ ରୋକିବାକୁ ନିବେଦନ କରାଯାଇଛି। ଲିଖିତ ନିବେଦନ ପତ୍ରରେ ମାତୃଶକ୍ତି ବାହିନୀ ପକ୍ଷରୁ ସହରର ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ ନିଶା କାରବାର ଚାଲିଛି ତାହାର ତାଲିକା ମଧ୍ୟ ପ୍ରଶାସନକୁ ଦିଆଯାଇଛି। କେବଳ ଭଦ୍ରକ ସହର ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଅନୁରୂପ ଅବସ୍ଥା। ନିଶା କାରବାରରେ ଯୁବକମାନେ ସଂଶ୍ଳିଷ୍ଟ ହେବା ସମ୍ପର୍କରେ ଜଣେ ପୁଲିସ ଅଧିକାରୀଙ୍କ କହିବା କଥା ହେଲା: ନିଶା ବେପାରିମାନେ ପ୍ରଥମେ ଯେଉଁ ଯୁବକଙ୍କୁ ନିଶା ଖାଇବାକୁ ଦିଅନ୍ତି ସେମାନେ ପରବର୍ତୀ ଅବସ୍ଥାରେ ତାକୁ ନିଶା ବେପାର କରିବାକୁ ପ୍ରବର୍ତାଇଥା'ନ୍ତି ଓ ବିପୁଳ ରୋଜଗାରର ଲୋଭ ଦେଖାଇ ଥା'ନ୍ତି। ଫଳତଃ ଏକ ନେଟଓର୍କ ସେମାନେ ସଜାଇବାରେ ସକ୍ଷମ ହେଉଛନ୍ତି। ତେବେ ଜିଲା ପୁଲିସ ଗତ ବର୍ଷକ ମଧ୍ୟରେ ଏପରି ନିଶା କାରବାରକୁ ନେଇ ୬୪ ଟି ମାମଲା ଏନଡିପିଏସ୍ (ନାର୍କୋଟିକ ଡ୍ରଗସ ଏଣ୍ଡ ସାଇକୋଥିରାପି ସବଷ୍ଟାନସ ଆକ୍ଟ)ଆକ୍ଟ ମୂଳେ ରୁଜୁ କରିଛି। ୮୦୦ ଗ୍ରାମ ବ୍ରାଉନ ସୁଗର ଜବତ କରିଛି ପୁଲିସ। ଏଥିସହ ୧କ୍ୱିଣ୍ଟାଲ ୮୬ କିଲୋ ଗଞ୍ଜେଇ ମଧ୍ୟ ଜବତ ହୋଇଛି। ୩ ମହିଳାଙ୍କ ସମେତ ୬୪ ଜଣଙ୍କୁ ଗିରଫ କରାଯାଇଛି। ତେବେ ନିଶା କାରବାରକୁ ରୋକିବା ଲାଗି ଜିଲା ପୁଲିସର ସ୍ୱତନ୍ତ୍ର ଟିମ ଓ ଏସଟିଏଫ ମଧ୍ୟ କାମ କରୁଛି ବୋଲି ଅତିରିକ୍ତ ଏସପି ଅରୂପ ଅଭିଷେକ ବେହେରା ଗଣମାଧ୍ୟକୁ ସୂଚନା ଦେଇଛନ୍ତି। ଏପଟେ ନିଶା ଖାଉଥିବା ଯୁବକମାନେ ପରବର୍ତୀ ଅବସ୍ଥାରେ ବିଭିନ୍ନ ଚୋରି,ଛିନତାଇ ଆଦି ଘଟଣାରେ ମଧ୍ୟ ସମ୍ପୃକ୍ତ ହେଉଥିବା ଜଣାଯାଇଛି। ପୁଲିସ ପ୍ରଶାସନ ପକ୍ଷରୁ ନିଶା କାରବାର ବିରୋଧରେ ସଚେତନତା ସୃଷ୍ଟି କରିବା ଲାଗି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ହେଁ କାରବାରକୁ ସମୂଳେ ନିପାତ କରିବା ପୁଲିସ ପାଇଁ ଆହ୍ୱାନ ହୋଇଛି। ଅପରପକ୍ଷେ ନିଶା କାରବାରକୁ ରୋକିବା ପୁଲିସର କାମ ହୋଇଥିଲେ ବି ଏଦିଗରେ ସାମଜିକ ସଚେତନତା ମଧ୍ୟ ଲୋଡା ବୋଲି ମତ ପ୍ରକାଶ ପାଇଛି।

ବିବାଦରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ

ଅଧ୍ୟକ୍ଷଙ୍କ ବିରୋଧରେ ଛାତ୍ର ଓ ଅଧ୍ୟାପକଙ୍କ ଅସନ୍ତୋଷ

- କଲେଜ ଫାଟକ ସାମ୍ନାରେ ଟାୟାର ଜାଳିଲେ ଛାତ୍ର
- ଅଧ୍ୟକ୍ଷଙ୍କୁ ପ୍ରକୋଷ୍ଠରେ ଘେରିଲେ ଅଧ୍ୟାପକ
- ଅଧ୍ୟକ୍ଷଙ୍କ ବେନିୟମ କାର୍ଯ୍ୟ ନେଇ ଛାତ୍ର ଓ ଅଧ୍ୟାପକ ଆନ୍ଦୋଳନ
- ତୁରନ୍ତ ଅଧ୍ୟକ୍ଷ ପଦରୁ ହଟାଇବା ନେଇ ଦାବୀ

ଭଦ୍ରକ: ବାରମ୍ବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟୁଥିବା ବିଭିନ୍ନ ଘଟଣାରେ ସମସ୍ତେ ମର୍ମାହତ। ଭଦ୍ରକ ମହାବିଦ୍ୟାଳୟ ସହିତ ଭଦ୍ରକର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କର ଭାବାବେଗ ଜଡ଼ିତ ରହିଛି। ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟମାନଙ୍କ ମଧ୍ୟରେ ଏହା ଅନ୍ୟତମ। ମାତ୍ର ବାରମ୍ବାର କଲେଜ ପରିସରରେ ଘଟୁଥିବା ଛାତ୍ର ଅଶାନ୍ତି, ଅଧାପକ ଓ ଅଧ୍ୟକ୍ଷଙ୍କ ମଧ୍ୟରେ ବିବାଦ ଆଜି ଅଭିଯୋଗ ହୋଇଛି। ଗତ ୧୩ ଦିନ ମଧ୍ୟରେ ତାଙ୍କର କାର୍ଯ୍ୟକଳାପ ଅସହ୍ୟ ହୋଇଛି ବୋଲି ବହୁ ଅଧ୍ୟାପକ ଗଣମାଧ୍ୟମ ଆଗରେ ବୟାନ ରଖିଛନ୍ତି। ରସାୟନ ବିଭାଗର ମୁଖ୍ୟ ଡ.ପଦ୍ମନାଭ ପତ୍ରୀ କହିଛନ୍ତି ଯେ, ଅଧ୍ୟକ୍ଷ ଦାୟିତ୍ୱ ନେବା ପରଠାରୁ ଡ.ପ୍ରଧାନ ସାର୍ଟିଫିକେଟ ଓ ଅନ୍ୟାନ୍ୟ ସସମ୍ୟା ସପର୍କରେ ଅଧକ୍ଷଙ୍କୁ ଦେଖାକରିବା ପାଇଁ ଗଲେହିଁ, ସେମାନଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ଅଧକ୍ଷ ତାଙ୍କ ଅନୁପସ୍ଥିତିରେ କାହାକୁ ଦାୟିତ୍ୱ ଦେଇନଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିଳମ୍ବିତ ସନ୍ଧ୍ୟା ଯାଏ କଲେଜ

ମହାବିଦ୍ୟାଳୟର ଗାରିମା କ୍ଷୁର୍ଣ୍ଣ କରିଛି। ମାତ୍ର ଏ ଦିଗରେ ନା ଛାତ୍ରଛାତ୍ରୀଙ୍କର ନା ପୁରାତନ ଛାତ୍ରମାନଙ୍କର ନା ରାଜନୈତିକ ବ୍ୟକ୍ତିବିଶେଷଙ୍କର ନା ବୁଦ୍ଧିଜୀବୀମାନଙ୍କର କାହାରି ଭ୍ରୁକ୍ଷେପ ନାହିଁ। କାରଣ ମହାବିଦ୍ୟାଳୟ ପରିସରରେ ବାରମ୍ବାର ଏପରି ଘଟଣାମାନ ଘଟୁଥିବା ବେଳେ ଏ ଦିଗରେ କୌଣସି ସ୍ଥାୟୀ ସମାଧାନର ସୂତ୍ର ଆଜିପର୍ଯ୍ୟନ୍ତ ମିଳିପାରିନାହିଁ। ଏବେ ମହାବିଦ୍ୟାଳୟରେ ଏକ ନୂଆ ବିବାଦ ପଦାକୁ ଆସିଛି। ଅଧକ୍ଷଙ୍କ ବିରୋଧରେ ଛାତ୍ର ଓ ଅଧ୍ୟାପକଙ୍କ ଅସନ୍ତୋଷ। ମହାବିଦ୍ୟାଳୟର ନୂଆ ଅଧକ୍ଷ ଗ୍ରହଣ କରିବା ପରେ ନିୟମିତ ଅଫିସକୁ ଆସୁନଥିବା ଓ ଆପତ୍ତି ଅଭିଯୋଗକୁ ଅଣଦେଖା କରୁଥିବା ନେଇ କଲେଜ ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ବେଳେ ଅଧ୍ୟାପକମାନେ ମଧ୍ୟ ଅଧ୍ୟକ୍ଷଙ୍କୁ ତାଙ୍କ ପ୍ରକୋଷ୍ଠରେ ଘେରିଛନ୍ତି। ପ୍ରକାଶ ଯେ, ଗତ ମାର୍ଚ୍ଚ ୧ ତାରିଖରୁ ଡ.ରଜତ କୁମାର ପ୍ରଧାନ ଭଦ୍ରକ କଲେଜର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟରେ ଯୋଗଦେବା ପରଠାରୁ ଡ.ପ୍ରଧାନ ବରିଷ୍ଠ ଅଧ୍ୟାପକମାନଙ୍କୁ ଅନୁଚିତ ବ୍ୟବହାର ସହିତ ଜାତିଆଣ ଆକ୍ଷେପ କରିଥିବା ପ୍ରତିଶୋଧାତ୍ମକ ଭାବନା ନେଇ କାର୍ଯ୍ୟ କରୁଛନ୍ତି। ଅଧ୍ୟାପକମାନଙ୍କୁ ମନଇଚ୍ଛା ବିଭିନ୍ନ ଦାୟିତ୍ୱରୁ ଅବ୍ୟାହତି ଦେଇ କନିଷ୍ଠମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ସେହିଭଳି ଇଂରାଜୀ ବିଭାଗର ମୁଖ୍ୟ ଡ.ସନ୍ତୋଷ କୁମାର ସେଠୀ କହିବାନୁଯାୟୀ, ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ଡ. ପ୍ରଧାନଙ୍କ ବ୍ୟବହାର ଭଲ ନାହିଁ। ବରିଷ୍ଠ ଅଧ୍ୟାପକମାନଙ୍କୁ ଜାତିଆଣ ଆକ୍ଷେପ କରୁଛନ୍ତି। ଏ ସଂପର୍କରେ ଆମେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଅବଗତ କରାଇବୁ। ଡ.ପ୍ରଧାନଙ୍କୁ ଏଠାରୁ ବଦଳି କରି ଜଣେ ପ୍ରଫେସର ର୍ୟାଙ୍କର ଅଧ୍ୟକ୍ଷଙ୍କୁ ଆଣିବା ଲାଗି ଆମେ ଦାବି କରୁଛୁ ବୋଲି ଡ.ସେଠୀ କହିଛନ୍ତି। ଅପରପକ୍ଷେ ଛାତ୍ରଛାତ୍ରୀ ମଧ୍ୟ ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କୁ ଏଠାରୁ ବଦଳି କରିବା ଲାଗି ଦାବି କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଯେ ନୂଆ ଅଧକ୍ଷ ଯୋଗଦେବା ପରଠୁ ଅଫିସକୁ ଆସୁନାହାନ୍ତି। ତାଙ୍କ କାର୍ଯ୍ୟାଳୟରେ ତାଲାପଡ଼ି ରହୁଛି। ପିଲାମାନେ ତାଙ୍କ ଆପତ୍ତି ଅଭିଯୋଗ ଜଣାଇ ପାରୁନାହାନ୍ତି। ପାସଅରାଉଟ ଛାତ୍ର ଓ ଅଧ୍ୟୟନରତ ଛାତ୍ରମାନେ ସେମାନଙ୍କ ସ୍କଲାରସିପ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା। ଟାଉନ ପୁଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। କିଛି ଅଧାପକ ଅଧକ୍ଷ ସେମାନଙ୍କୁ ଅସମ୍ମାନିତ କରି ଜାତିଆଣ ଆକ୍ଷେପ କରୁଥିବା କହିଛନ୍ତି। ଅପରପକ୍ଷେ ଅଧ୍ୟକ୍ଷ ଡ.ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ' ମୁଁ କାହାରିକୁ ଜାତିଆଣ ଆକ୍ଷେପ କରିନାହିଁ। କଲେଜର ନାକ ଆକ୍ରିଡେସନ ଓ ଅଟୋନୋମି ରିନ୍ୟୁଆଲ ଲାଗି ଯାହାକୁ ଫିଟ ଭାବିଛି, ତାଙ୍କୁ ଦାୟିତ୍ୱ ଦେଇଛି। ମୋର ସମସ୍ତ ଅଧ୍ୟାପକଙ୍କ ସହ ଭଲ ସଂପର୍କ ଅଛି। ତେବେ ପ୍ରଶ୍ନ ଉଠୁଛି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଭଦ୍ରକବାସୀ କିଛିଦିନ ତଳେ ଖୁସି ମନାଉଥିବା ବେଳେ ଐତିହ୍ୟ ସଂପନ୍ନ ଭଦ୍ରକ ମହାବିଦ୍ୟାଳୟର ଭବିଷ୍ୟତ ଏବେ ଅନ୍ଧାରରେ। ଅଳ୍ପ କିଛିଦିନ ମଧ୍ୟରେ ଅନେକ ବିବାଦରେ ମହାବିଦ୍ୟାଳୟ ଛନ୍ଦି ହୋଇପଡ଼ିଛି। ସରକାର ହସ୍ତକ୍ଷେପ କରି ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ପୁଣି ମହାବିଦ୍ୟାଳୟର ହୃତଗୌରବକୁ ଫେରାଇଆଣିବା ପାଇଁ ଭଦ୍ରକର ବୁଦ୍ଧିଜୀବୀମାନେ ଅନୁରୋଧ କରିଛନ୍ତି।

ଚାଷୀର ଧୈର୍ଯ୍ୟକୁ ପରୀକ୍ଷା କରୁଛନ୍ତି ସରକାର !

ସରି ଆସୁଛି ଅବଧି: ଧାନ ବିକ୍ରି ଅପେକ୍ଷାରେ ୪୧ ହଜାର ଚାଷୀ

ଭଦ୍ରକ ଜିଲାର ଧାନିକିଣା ପରିସଂଖ୍ୟାନ
୫୭ ହଜାର ୨୮୧ ଚାଷୀ ବିକିଛନ୍ତି ଧାନ
ଅପେକ୍ଷାରେ ଅଛନ୍ତି ୪୧ ହଜାର ୧୩୧ ଚାଷୀ
ମିଳିଥିବା ଟାର୍ଗେଟ: ୩୧ ଲକ୍ଷ କ୍ୱିଣ୍ଟାଲ
ଧାନକିଣା ଯାଇଛି: ୨୨ଲକ୍ଷ ୨୭ ହଜାର କ୍ୱିଣ୍ଟାଲ
ମିଲର ଉଠାଇଛନ୍ତି: ୧୭.୮୬ ଲକ୍ଷ କ୍ୱିଣ୍ଟାଲ
ମଣ୍ଡିରେ ପଡିଛି : ୪.୪୧ ଲକ୍ଷ କ୍ୱିଣ୍ଟାଲ

ଭଦ୍ରକ: ଧାନକିଣା ଅବଧି ସରି ଆସୁଛି। ହାତରେ ଆଉ ଦୁଇ ସପ୍ତାହ। ଭଦ୍ରକ ଜିଲାରେ ୪୧ ହଜାରରୁ ଅଧିକ ଚାଷୀ ଏବେ ବି ଧାନ ବିକିବା ଲାଗି ଅପେକ୍ଷା ରଖିଛନ୍ତି। ସମସ୍ତ ଚାଷୀଙ୍କ ଠାରୁ ସରକାର ଧାନ କିଣିବେ ବୋଲି ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଧାନସଭାରେ ମଧ୍ୟ ସରକାର ଘୋଷଣା କରି ସାରିଛନ୍ତି। ଏ ପରିପ୍ରେକ୍ଷୀରେ କମ ସମୟ ମଧ୍ୟରେ ଏତେ ସଂଖ୍ୟକ ଚାଷୀଙ୍କ ଠାରୁ ଧାନ କିଣିବା ସ୍ୱତଃ ପ୍ରଶାସନ ପାଇଁ ଏକ ଆହ୍ୱାନ ସଦୃଶ ହୋଇଛି। ବିଭାଗୀୟ ସୂଚନାଥାଉକି: ଜିଲାରେ ମାର୍ଚ୍ଚ ୯ ତାରିଖ ସୁଦ୍ଧା ୫୭ହଜାର୨୦୧ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଛନ୍ତି। ଜିଲାରେ ୧୦୫ ସେବା ସମବାୟ ସମିତ ଓ ମହିଳା ଗୋଷ୍ଠୀଙ୍କୁ ମିଶାଇ ମୋଟ ୧୫୩ ଟି ମଣ୍ଡି ଖୋଲିଛି। ସରକାର ଦୁଇଟି ପର୍ଯ୍ୟାୟରେ ଭଦ୍ରକ ଜିଲାକୁ ମୋଟ ୩୧ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ଲାଗି ଟାର୍ଗେଟ ଦେଇଛନ୍ତି। ତହିଁରୁ ୯ ତାରିଖ ସୁଦ୍ଧା ୨୫ଲକ୍ଷ ୩୪ ହଜାର କ୍ୱିଣ୍ଟାଲର ଟାର୍ଗେଟ ବିଭିନ୍ନ ମଣ୍ଡିକୁ ବଣ୍ଟନ କରାଯାଇଛି। ଚାଷୀଙ୍କ ଠାରୁ ୨୨ ଲକ୍ଷ ୨୭ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଛି। ମିଲରମାନେ ୧୭ଲକ୍ଷ ୮୬ ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରୁ ଉଠାଇ ସାରିଛନ୍ତି। ୪ ଲକ୍ଷ ୪୦ ହଜାର କ୍ୱିଣ୍ଟାଲ ଧାନ ଏବେ ବି ମଣ୍ଡିରେ ପଡିରହିଛି। ତେବେ ଧାନର ବଜାର ଦର ଓ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ମଧ୍ୟରେ ଯଥେଷ୍ଟ ଫରକ ରହୁଛି। ବାହାର ରାଜ୍ୟର ଦଲାଲମାନେ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୧୮୦୦ ଟଙ୍କା ମୂଲ୍ୟରେ ଧାନ କିଣୁଥିବା ବେଳେ ସରକାରୀ ମୂଲ୍ୟ ୩୧୦୦ ଟଙ୍କାରେ ଧାନ ବିକିବାକୁ ଚାଷୀ ଚାହିଁ ବସିଛି। କିନ୍ତୁ ଆରମ୍ଭରୁ ଧୀମାରେ ଚାଲିଥିବା ଧାନକିଣା ଗତି ଯଦି କ୍ଷୀପ୍ର ନହୁଏ ତେବେ ସମସ୍ତ ଚାଷୀଙ୍କ ଠାରୁ ପ୍ରତିଶ୍ରୁତି ମୁତାବକ ଧାନ କିଣିବା ଏକପ୍ରକାର ଅସମ୍ଭବ ବୋଲି ଜଣେ ଯୋଗାଣ ବିଭାଗ ଅଧିକାରୀ ଆଲୋଚନା ବେଳେ ସ୍ୱୀକାର କରିଛନ୍ତି। ବିଭାଗୀୟ ତଥ୍ୟ ଅନୁଯାୟୀ; ଜିଲାରେ ଏବେ ୪୧ ହଜାର ୧୩୧ ଜଣ ଚାଷୀ ଧାନ ବିକିବା ଲାଗି ଚାହିଁ ବସିଛନ୍ତି ଯେଉଁମାନଙ୍କୁ ସରକାରୀ ଭାବେ ଟୋକନ ଇସ୍ୟୁ ହାଇସାରିଛି। ଯଦିଓ ରାଜ୍ୟ ନିଗମ ଏହା ମଧ୍ୟରେ ସମ୍ବଲପୁରର ୧୧ ମିଲରଙ୍କୁ ଜିଲାରୁ ଧାନ କିଣିବା ଲାଗି ଅନୁମତି ଦେଇଥିଲେ ଓ ସେହି ମିଲର ମଣ୍ଡିରୁ ଧାନ ଉଠାଇବା ଆରମ୍ଭ କରିଛନ୍ତି ତଥାପି ଜିଲାର ମିଲରମାନେ ସହଯୋଗ ନକଲେ ଆଗକୁ ପରିଣତି ଭଲ ହୋଇନପାରେ ବୋଲି ସେହି ଅଧିକାରୀ ଆଲୋଚନା ବେଳେ କହିଛନ୍ତି। ଏହି କ୍ରମରେ ସରକାର ଜିଲାର ଚାଷୀଙ୍କ ଧୈର୍ଯ୍ୟର ପରୀକ୍ଷା ନକରିବ ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ତଥ୍ୟଭିଜ୍ଞ ମହଲରେ ମତ ପ୍ରକାଶ ପାଇଛି।

ଜିଲ୍ଲାସ୍ତରୀୟ ପି.ଏମ୍-କିସାନ ଉତ୍ସବ ଦିବସ ପାଳିତ

ଭଦ୍ରକ ଜିଲ୍ଲାର ୧,୫୮,୨୫୧ ଜଣ କୃଷକଙ୍କୁ ୩୧ କୋଟି ୬୫ ଲକ୍ଷ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ

ଭଦ୍ରକ: ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି (ପି.ଏମ୍-କିସାନ) ଯୋଜନାର ୨୨ତମ କିସ୍ତି ସହାୟତା ରାଶି ପ୍ରଦାନ ଅବସରରେ ଭଦ୍ରକ ଜିଲ୍ଲା ଓ ବ୍ଲକ ସ୍ତରରେ ପି.ଏମ୍-କିସାନ ଉତ୍ସବ ଦିବସ ପାଳନ କରାଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରିଣୀ ପ୍ରୀତିରେଖା ମହାଲିକ, ଜିଲ୍ଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର ଓ ବରିଷ୍ଠ ବୈଜ୍ଞାନିକ ଡ଼ଃ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଇଁ ପି.ଏମ୍-କିସାନ ଯୋଜନାର ଗୁରୁତ୍ୱ ଓ ଲାଭ ସଂପର୍କରେ ଅବଗତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲାର ୧,୫୮,୨୫୧ ଜଣ ଜମିଧାରୀ କୃଷକଙ୍କୁ ପ୍ରତିଜଣଙ୍କୁ ୨,୦୦୦ ଟଙ୍କା ହିସାବରେ ମୋଟ ୩୧ କୋଟି ୬୫ ଲକ୍ଷ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସହାୟତା ରାଶି କୃଷକମାନଙ୍କର କୃଷି କାର୍ଯ୍ୟକଳାପକୁ ସୁଦୃଢ କରିବା ସହ ତାଙ୍କ ଆର୍ଥିକ ସଶକ୍ତିକରଣରେ ସହାୟକ ହେବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା।

ମା ମୋତେ ଶେଷଥର ପାଇଁ ଦେଖିନିଅ

ନୂଆଦିଲ୍ଲୀ: ମା ମୋତେ ଶେଷଥର ପାଇଁ ଦେଖିନିଅ। ଯୁଦ୍ଧ ଭୂମିକୁ ଯାଉଥିବା ୨୩ ବର୍ଷୀୟା ଦୀପିକା ଆଧାନା ନିଜ ମାଆଙ୍କୁ କୋହଭରା ଭିଡିଓ କଲ। ପେଶାରେ ସେ ଏୟାର ଇଣ୍ଡିଆ ଏକ୍ସପ୍ରେସର ପାଇଲଟ୍। ଇରାନ୍-ଇସ୍ରାଏଲ୍ ଯୁଦ୍ଧ ବିଭୀଷିକା ମଧ୍ୟରେ ୟୁଏଇରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର କରି ଆଣିବା ପାଇଁ ତାଙ୍କୁ ନିର୍ଦ୍ଦେଶ ମିଳିଥିଲା। ଅହରହ ଡ୍ରୋନ୍ ମିଶାଇଲ ଗର୍ଜୁଥିବା ୟୁଏଇକୁ

ବିମାନ ଉଡାଇବା ପୂର୍ବରୁ ମାଆଙ୍କୁ ଭିଡିଓ କଲ କରି ଶେଷ ଥର ତାଙ୍କୁ ଦେଖିବାକୁ କହିଥିଲେ ଦୀପିକା। ଏହି ସାହାସୀ ପାଇଲଟଙ୍କୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। ଦୀପିକାଙ୍କୁ ରେସକ୍ୟୁ ମିଶନରେ ୟୁଏଇ ଉଡାଣ କରିବାକୁ ନିର୍ଦ୍ଦେଶ ଆସିଥିଲା। ଯୁଦ୍ଧ ପରିସ୍ଥିତି ଭିତରେ ବି ବିମାନ ଉଡାଇ ୟୁଏଇର ଏୟାରପୋର୍ଟରେ ଲ୍ୟାଣ୍ଡିଂ କରିଥିଲେ ଦୀପିକା। ଘଂଟାଏ ଭିତରେ ସେ ୧୬୯ ଜଣ ଭାରତୀୟଙ୍କୁ ବିମାନରେ ବସାଇ ରେସ୍କ୍ୟୁ କରିଥିଲେ। ଦୀପିକା କହିଛନ୍ତି ଉଡାଣର କିଛି ସମୟ ପରେ ବିମାନ ଟ୍ରାଫିକ୍ କଂଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା ଓ କିଛି ସମୟ ପରେ ଯୋଗାଯୋଗ ସ୍ଥାପନ ହେବାରୁ ବିମାନଟି ସୁରକ୍ଷିତ ଭାବେ ଦିଲ୍ଲୀରେ ଅବତରଣ କରିଥିଲା। ହରିୟାଣାର ଫରିଦାବାଦରେ ଦୀପିକାଙ୍କ ଘର। ତାଙ୍କ ଜେଜେବାପାଙ୍କ ଇଚ୍ଛା ଥିଲା ନାତୁଣୀ ପାଇଲଟ ହେଉ। ୨୦୨୦ ମସିହାରେ କର୍ମସିଆଲ ପାଇଲଟ୍ ଲାଇସେନ୍ସ ହାସଲ କରିଥିଲେ। ଏହାପରେ ୨୦୨୪ରେ ଏୟାର ଇଣ୍ଡିଆ ଏକ୍ସପ୍ରେସରେ ପାଇଲଟ୍ ହୋଇଥିଲେ।

ମାଗୁଣୀର ଶଗଡ଼

ଗୋଦାବରୀଶ ମହାପାତ୍ର

ଖଲିକୋଟରେ ଦୁଇ ଲକ୍ଷ ଲୋକଙ୍କ ଭିତରେ ପ୍ରତିଦିନ ଯିବାଆସିବା ଚାଲିଛି । କେତେ ସଂସାରରୁ ଯାଉଛନ୍ତି, କେତେ ସଂସାରକୁ ଆସୁଛନ୍ତି । ଏ ଖବର ରଖୁଛନ୍ତି ଗୃହ-ପରିବାର ବା ସାଇପଡ଼ିଶାର ଲୋକେ, କିନ୍ତୁ ଯେଉଁଦିନ ମାଗୁଣୀ ଏ ସଂସାର ଛାଡ଼ି ଚାଲିଗଲା, ସେଦିନ ଖବରଟା ଖଲିକୋଟର ପୁରପଲ୍ଲୀ ସବୁଆଡ଼େ ବ୍ୟାପିଗଲା । ଯିଏ ଶୁଣିଲା ସେ ମୁହୂର୍ତ୍ତେ ହେଲେ ନୀରବ ରହି ଦୁଃଖରେ କହିଲା, "ମାଗୁଣୀ ଚାଲିଗଲା ? ଆହା, ବିଚରା ଚାଲିଗଲା !"

ମାଗୁଣୀ କିଏ ? ଖଲିକୋଟର ସେ ରାଜା ନୁହେଁ, ଏ କଥା ନିଶ୍ଚୟ । ସେ ରାଜ୍ୟର ନେତା ନୁହେଁ, ଏ କଥା ସମସ୍ତେ କହିବେ । ସେ କର୍ମୀ ନୁହେ, ଏ କଥା ସମସ୍ତେ ଜାଣନ୍ତି । ସେ କେବେ ସତ୍ୟାଗ୍ରହରେ ଯୋଗଦେଇ ନାହିଁ, କି ରଜାକୁ ଖଜଣା ଦେଇନାହିଁ । ତା' ବେକରେ କିଏ ଫୁଲମାଳ ଲମ୍ବାଇ ନାହିଁ, କି ସେ କାହା ଗଳାରେ ମାଳ ଲମ୍ବାଇଦେବା ଦରକାର ପଡ଼ିନାହିଁ, ଜନସମୁଦ୍ର ଭିତରେ କରତାଳି ଗହଳରେ ବକ୍ତୃତା ଦେଇନାହିଁ । ସେ କେବଳ କରିଛି ଗୋଟିଏ କାମ - ମୁଣ୍ଡର ଝାଳ ତୁଣ୍ଡରେ ମାରି ଜୀବନ ପଥରେ ଲଢ଼େଇ କରିଛି । ସେ ଲଢ଼େଇ ଦେଶ ପାଇଁ ନୁହେଁ, ଜାତି ପାଇଁ ନୁହେଁ, ତାହା ନିଜର ପେଟ ଚାଖଣ୍ଡକ ପାଇଁ । ମାଗୁଣୀର ମୃତ୍ୟୁ ଖବର ପାଇ ସମସ୍ତେ କହିଲେ, "ଆହା, ବିଚରା ଚାଲିଗଲା ।"

ଗଡରେ ପଚାରିଲେ ତ ସମସ୍ତେ କହିବେ ମାଗୁଣୀ କିଏ, ଦୂର ଜଙ୍ଗଲ ତଳ ପଲ୍ଲୀଗାଁରେ ମଧ୍ୟ ତା'ର ପରିଚୟ ମିଳିପାରିବ । ମାଗୁଣୀ ଖଲିକୋଟର କେହି ନୁହେଁ, ସେ ଜଣେ ଶଗଡ଼ିଆ । ଦୁଇଟା ବଳଦ ଓ ସେ: ଏ ତିନି ମିଶି ଗୋଟାଏ ସଂଘ ଗଢ଼ିଥିଲେ, ଯାହା ଦୁଇ ଲକ୍ଷ ଲୋକଙ୍କ ମନକୁ ଛୁଇଁଗଲା ।

ପ୍ରତିଦିନ ଖଲିକୋଟ ଗଡ଼ରେ ସୂର୍ଯ୍ୟ ଉଏଁ ଓ ସୂର୍ଯ୍ୟ ଅସ୍ତ ହୁଏ । ଘନଘୋର ବର୍ଷାଦିନେ ଲୋକେ ସୂର୍ଯ୍ୟ ନ ଦେଖି ମାଗୁଣୀକି ଦେଖି ବେଳ ଜାଣନ୍ତି । ମାଘ ମାସର ଜାଡ଼ରେ ପିଣ୍ଡାରେ ଘୋଡ଼ିଘାଡ଼ି ହୋଇ ଲୋକେ ବସିଥିବା ବେଳେ, ମାଗୁଣୀ ନିଜ ପରିଚିତ ସାଙ୍ଗ ଦୁଇଟିକୁ ଶଗଡ଼ରେ ଯୋଚି ପାହାଡ଼ ତଳେ ଗୀତ ବୋଲି ଚାଲିଯାଏ । ଲୋକେ କହନ୍ତି ମାଗୁଣୀ ସେମାନଙ୍କର ଗୋଟାଏ ଘଣ୍ଟା । ବର୍ଷାଦିନେ ବର୍ଷା ଘୁଞ୍ଚି ଯାଇପାରେ, ଖରାଦିନେ ଖରାତାତି ଊଣା ହୋଇପାରେ କିନ୍ତୁ ମାଗୁଣୀର ଶଗଡ଼ ଦିନେ ହେଲେ ବନ୍ଦ ହୁଏ ନାହିଁ । କହେ, ରଜାଘରେ ଯୋଡ଼ା ମୋଟରକାର ଅଛି ସତ; କିନ୍ତୁ ତା'ପରି ଇଞ୍ଜିନିଅର ନାହାନ୍ତି । ତା' ଶଗଡ଼ ରଜାଘର ମୋଟରଠୁଁ ବଳେ । ବାର ବର୍ଷର ଅତି ପରିଚିତ ସାଥୀ କାଳିଆ ଓ କଷରା ବଳଦ ଉପରେ ସେ ହାତ ମାରି ଆଉଁଷି ଦେଲେ ତା' ଗାଡ଼ିରେ ପକ୍ଷ ଦିଆହୁଏ । ସେତେବେଳେ ସେ ଶଗଡ଼ ଉପରେ ହସି ଗୀତ ବୋଲିଦିଏ, 'ରାମ ଯେ ଲଇକ୍ଷଣ ଗଲେ ମୃଗ ମାରି', ତା'ର ମୋଟର ଚାଲେ । ସେତେବେଳେ ଶ୍ୟାମଳ ତରୁ ପତ୍ର ତଳେ, ଗିର କନ୍ଦରା ଭିତରେ ପ୍ରତିଧ୍ୱନୀ ଉଠେ । ଅର୍ଦ୍ଧସୁପ୍ତ କୁକ୍‌କୁଟ କୁମ୍ଭାଟୁଆ ତାକୁ ଉତ୍ତର ଦିଅନ୍ତି । ପଲ୍ଲୀର ବୁଲା କୁକୁରଦଳ ଚମକି ଉଠି ଗାଁରେ ଚହଳ ପକାଇ ଦିଅନ୍ତି । ଘଡ଼ଘଡ଼ି ଶବ୍ଦରେ ଶଗଡ଼ ଚାଲିଯାଏ ଷ୍ଟେସନ ଅଭିମୁଖେ ।

ପଚାଶ ବର୍ଷର ମାଗୁଣୀ ବାର ବର୍ଷର ସାଥୀ ବଳଦକୁ ଯେତେବେଳେ ଭଡ଼ା ବୋହି ଚାଲେ, ସତୁରି ଅଶୀ ବର୍ଷ ତଳର କାହାଣୀ ପରି ବହିଯାଏ । ସେ କହେ ଆଗ ତା' ନିଜ କଥା ତା'ର କେବେ ବାପା ମା' ଥିଲେ, ସେ କେବେ ସୁଖରେ ବଢ଼ି ଖଟରେ ଶୋଉଥିଲା, ସେ କେବେ ଘରେ ବସି ଦୁଇ ଓଳି ପେଟପୂରାଇ ଖାଉଥିଲା, ଆଉ ଜଣକର ମଧୁର ବଚନ ଶୁଣି ଜୀବନର ସକଳ ଦୁଃଖ ଭୁଲିଯାଇଥିଲା । ସେ ଗଢ଼ିଥିଲା ଗୋଟେ ସ୍ୱପ୍ନ ରାଜ୍ୟ । ସେ ରାଜ୍ୟରେ ସିଏ ଥିଲା ରାଜା । ରାଣୀ କରି ଯାହାକୁ ଆଣିଥିଲା, ଜୀବନଟାକୁ ସେ ହସାଇ ନଚାଉଥିଲା । ତା'ର ଅଧର ତଳେ ସେ ଅମୃତ ପିଉଥିଲା; ତା'ର ଚାହାଣୀ ଭିତରେ ସେ ଜଗତ ଦେଖୁଥିଲା; ତା'ର ନିଶ୍ୱାସରେ ସେ ସୁବାସ ବାରୁଥିଲା ଓ ତା'ର ପାଦ ତଳେ ସେ ଫୁଲ ଫୁଟିବାର ଦେଖୁଥିଲା । କିନ୍ତୁ ସେ ସ୍ୱପ୍ନ ତା'ର ବେଶି ଦିନ ରହିଲା ନାହିଁ । ସ୍ୱପ୍ନମୟୀ ହସି ହସି ଚାଲିଗଲା । ଏ ସଂସାରର ସେପାଖକୁ ଏପାଖେ ଏ ଦୁଇଟି ବଳଦ ଗାଁରୁ ଷ୍ଟେସନକୁ ଓ ଷ୍ଟେସନରୁ ଗାଁକୁ ଦିନକେ ଦୁଇ ଥର ଯାଇ ତାକୁ ଆଉ ଜନ୍ମରେ ଭେଟିବାର ଚେଷ୍ଟା କରୁଥିଲା ।

ଶଗଡ଼ ବୋହିଲାବେଳେ ଏ କଥା ସେ ସମସ୍ତଙ୍କୁ ଶୁଣାଇ କନ୍ଦାଇ ପକାଏ । ନିଜେ ଦୁଇ ଟୋପା ଲୁହ ନିଜର ଚିରା କାନିରେ ପୋଛିଦେଇ ବଳଦ ଉପରେ ହାତ ମାରି ପୁଣି କହେ ଆଉ ଗୋଟାଏ ଗଳ୍ପ । ଲୋକଙ୍କ ବାଟ ସରିଯାଏ, କିନ୍ତୁ ତା'ର ଗଳ୍ପ ସରେ ନାହିଁ । ସେ କହେ ତା' ଶଗଡ଼ରେ ନ ବସିଚି କିଏ ? ବସି ନଥିଲେ ବସି ନଥିବେ ଖଲିକୋଟର ରାଜା । କିନ୍ତୁ ଦେବାନ୍ କହ, ମ୍ୟାନେଜର କହ, ଓକିଲ କହ, ମହାଜନ କହ, ଏପରି କି ମହାତ୍ମାଙ୍କ ଭକ୍ତ ପର୍ଯ୍ୟନ୍ତ କହ, ସମସ୍ତେ ବସିଛନ୍ତି ତା' ଶଗଡ଼ରେ ଏସବୁ କଥା କହିଲାବେଳେ ସେ ଉତ୍ସାହରେ କହେ ଯେ, ବେଳେବେଳେ ବଳଦ ଦୁଇଟା ଠିଆ ହୋଇଥିଲେ ମଧ୍ୟ ସେମାନଙ୍କୁ ଅଡ଼ାଏ ନାହିଁ । ଜାଣିପାରିଲେ କହେ, ଏ ପଶୁଗୁଡ଼ାକ ମଧ୍ୟ ଏ କଥା ଶୁଣିବାକୁ କାନଉଛନ୍ତି ।

ମାଗୁଣୀର ଶଗଡ଼ ଓ ବଳଦ ଖଲିକୋଟର ଗୋଟିଏ ବିରାଟ ଇତିହାସ ନ ହେଲେ ମଧ୍ୟ ସେ ଇତିହାସର କେତେଟା ପୃଷ୍ଠା । ସେ ଇତିହାସ କହେ, ଏ ଶଗଡ଼ ରାଜ୍ୟର ସମସ୍ତିଙ୍କି ଚିହ୍ନିଛି । କେତେ ବାଳବିଧବା ଏହାରି ଉପରେ ବସି ଶାଶୁଘରୁ ବାପ ଘରକୁ ଫେରିଛନ୍ତି । କେତେ ସୁହାସିନୀ କୁଳବଧୂ ବାପଘରୁ ଶାଶୁଘରକୁ ମଧ୍ୟ ଯାଇଛନ୍ତି । ଖଜଣା ଗଣ୍ଡାକ ଦେଇ ନ ପାରି ଯେଉଁଦିନ ମଣ୍ଡଳ ଗାଁର ଗଦା ରାଉଳ ଜେଲ ଗଲା, ସେଇଦିନ ତା' ଘରର ଛାଞ୍ଚୁଣି ମୁଣ୍ଡା ଆଦି ଏଇ ଶଗଡ଼ରେ ବୁହାହୋଇ ଆସି ରଜାଘର କଚିରି ଦୁଆରେ ଜମା ହୋଇଥିଲା । ଯେଉଁଦିନ ବେନ୍ଦାଳିଆ ଗାଆଁର ମଧୁରଥେ ନରହତ୍ୟା ଅପରାଧରେ ଧରାହେଲେ, ସେଦିନ ସେ ଏଇ ଗାଡ଼ିରେ ବସି ଯାଇଥିଲେ । ଏଇ ଗାଡ଼ିରେ ବଡ଼ ଓକିଲ ଆସି ରଜାଘର ପକ୍ଷ ନେଇଛନ୍ତି । ଏଇ ଗାଡ଼ିରେ ରଇତନେତାଏ ହାତକଡ଼ା ପଡ଼ି କଚିରିକି ଯାଇଛନ୍ତି । ଏଇ ଗାଡ଼ି ସୁଖ ଦେଖିଛି, ଦୁଃଖ ଦେଖିଛି । ଲୁହ ବୋହି ଏଇ ଗାଡ଼ିର ଶୁଖିଲା ପାଳର ଗଦି ଓଦା ହୋଇଯାଇଛି; ହସରୋଳରେ ଏଇ ଗାଡ଼ି କେତେ କମ୍ପିଛି ।

ଏଇ ସବୁ କଥା କହି ମାଗୁଣୀ ଯେତେବେଳେ ଗାଡ଼ି ଗଳାଏ, ମନେହୁଏ ମାଗୁଣୀର ଗୋଟାଏ ଜୀବନ୍ତ ଇତିହାସ । ଏପରି ଦଶ ପାଞ୍ଚଟା ଇତିହାସକୁ ଏକାଠି କଲେ ଓଡ଼ିଶାରେ ଗୋଟିଏ କୋଣାର୍କ ତିଆରି ହୁଅନ୍ତା ।

ଦିନେ ମାଗୁଣୀ ଶୁଣିଲା, ତା' ଗାଡ଼ିରେ ଆଉ ଲୋକେ ବସିବେ ନାହିଁ, କାରଣ ସିଂହଘର ଗୋଟାଏ ମୋଟର ବସ୍ ଆଣୁଛନ୍ତି । ଶୁଣିଲା ମାତ୍ରେ ସେ ହସି ହସି ଆକାଶ ଫଟାଇଦେଲା । କହିଲା, "ମୋଟର ବସ୍ ! ତା' କ'ଣ ମୋ କାଳିଆ କଷରାକୁ ଟପିଯିବ ? ଭଲ କରି ଆହାର ଦେଇ ଯେତେବେଳେ ହାତ ମାରିଦେବି, ଲୋକେ କ'ଣ ମୋ ଗାଡ଼ି ଛାଡ଼ି ସେ ଗାଡ଼ିକି ଯିବେ ?" ଏକଥା ଶୁଣି ସମସ୍ତେ ହସିଲେ ସତ, ମାତ୍ର ସେ ଖାତିରି କଲା ନାହିଁ । ଦୁଇ ଚାରି ଦିନ ଗଲା । ଦେଖୁ ଦେଖୁ ଗଡ଼ରେ ମୋଟର ବସ୍ ପହଞ୍ଚିଲା । ଲୋକେ କହିଲେ, ଏଥର ମାଗୁଣୀର ବ୍ୟବସାୟ ବୁଡ଼ିଲା । ଏକାବେଳେକେ କୋଡ଼ିଏ ଜଣଙ୍କୁ ଧରି ଘଣ୍ଟାକେ ଚାଳିଶ ମାଇଲ ଯିବ । ମାଗୁଣୀ କି ତାକୁ ବଳିଯିବ ?

କଥା ସତ । ଦୈତ୍ୟଦାନବ ପରି ଗଡ଼ରେ ମୋଟର ବସ୍‌ଟାକୁ ଦେଖି ମାଗୁଣୀ ମନରେ ଛନକା ପଶିଗଲା । ସେ କାନ୍ଦିପାରିଲା ନାହିଁ ସତ; କିନ୍ତୁ କାନ୍ଦ କାନ୍ଦ ହୋଇ ଭାବିଲା, ସେଦିନ ଯାଇଥିଲି କୋଦଳା ସଭାକୁ । କିଏ କହୁଥିଲେ, କଳ ଜିନିଷଠୁଁ ହାତ-ଜିନିଷ ଭଲ । ତା' ହେଲେ ମୋଟର କଳଠୁଁ କ'ଣ ମୋ ଶଗଡ଼ ଭଲ ନୁହେଁ ? ଏତେ ଲୋକ ସଭାରେ ବସି ଶୁଣୁଥିଲେ, ସେମାନେ କ'ଣ ମୋର ଦୁଃଖ ବୁଝିବେ ନାହିଁ ? କର୍ମୀ ନ ବୁଝିଲେ ଯିବି ଗାନ୍ଧୀଙ୍କ ପାଖକୁ । ଦରିଦ୍ରର ସାଥୀ ସେ, ଗରିବଙ୍କ ବନ୍ଧୁ ସେ । ସେ କ'ଣ କହିବେ, ମାଗୁଣୀ ମରିଯାଉ ଆଉ ଏ ସିଂହେ ବଞ୍ଚନ୍ତୁ ।

ଷ୍ଟେସନରୁ ଗଡ଼କୁ ସିଂହଙ୍କ ବସ୍ ଚାଲିଲା । ମାଗୁଣୀର ଶଗଡ଼ ମଧ୍ୟ ଚାଲିଲା କିନ୍ତୁ ବସ୍ ପୂର୍ଣ୍ଣ, ଶଗଡ଼ ଖାଲି । ମାଗୁଣୀ ଯେତେ ଆଗରୁ ରାତି ଅଧରୁ ଉଠି ଷ୍ଟେସନରେ ଶଗଡ଼ ହାଜର କଲେ ମଧ୍ୟ ଲୋକେ ଗଲେ ବସ୍‌ରେ । ଯେତେ ନୂଆ ଗଦି ପକାଇଲେ ମଧ୍ୟ ଲୋକେ ଧାଇଁଲେ ବସ୍ ମୁହଁକୁ । ଯେତେ ହାତ ଧରି ଡାକିଲେ ମଧ୍ୟ ଲୋକେ ଚାଲିଲେ ବସ୍ ଆଡ଼କୁ । ଦିନେ ଗଲା, ଦୁଇ ଦିନ ଗଲା । ସେ ଦୁଇ ଓଳି ଖାଇକରି ଆସୁଥିଲା, ଓଳିଏ ଖାଇ ଆସିଲା । ସେ ଭାତ ଖାଇ ଆସୁଥିଲା, ତୋରାଣି ପିଇ ଆସିଲା । ସେ ଦୁଇ ଓଳିରେ ଥରେ ପିଇ ଆସୁଥିଲା, କ୍ରମେ ତିନି ଓଳି ଚୁଲି ଲାଗିଲା ନାହିଁ । କାଳିଆ କଷରାଙ୍କ ଛାତିହାଡ଼ ଦିଶିଲା । ସେମାନଙ୍କୁ ଧରି ସେ ଯେତେବେଳେ କାନ୍ଦିଲା - କିଏ କହିଲା ପାଗଳ, କିଏ କହିଲା ବାୟା ।

ତା'ପରେ ଯେଉଁଦିନ ମାଗୁଣୀର କୁଡ଼ିଆ ଦୁଆର ଭାଙ୍ଗି ଗାଁ ଲୋକେ ତା' ଶବ କାଢ଼ିଲେ, ଦେଖିଲେ ଛିଣ୍ଡା କତରା ତଳେ ପାଞ୍ଚଣ ବାଡ଼ିଗଣ୍ଡିକ ଶୁଆଇଦେଇ ମାଗୁଣୀ ଆଖି ବୁଜିଦେଇଛି । ମଶାଣିରେ ନିଆଁ ଜଳିଲା, ଆକାଶରେ ପକ୍ଷୀ ଉଡ଼ି ଧୂଆଁ ପାର ହେଲେ । ପୃଥିବୀରେ ଦୁଇ ଲକ୍ଷ ଲୋକ ସେ ଖବର ପାଇ ଦୁଃଖରେ କହିଲେ - "ଆହା, ମାଗୁଣୀ ଚାଲିଗଲା !"

ଏ ସାରା ସଂସାର

ଅଜୟ ଚନ୍ଦ୍ର ମହାପାତ୍ର

ଏ ସାରା ସଂସାର ଜଞ୍ଜାଳରେ ଭରା
ଏଠାରେ ମାନବ ହୁଏ ଦିଗହରା
ଆତ୍ମ ଅଭିମାନି ଏନର ହୃଦୟ
ମିଛ ଅହଂକାରେ ହୁଏ ସେ ନିର୍ଦ୍ଦୟ
ଅଳିକ ଭାବନା ଅନୀତି ବିଚାର
ସଦା ଏ ମାନବ ହୁଏ ତତପର
ପରକୁ କଷଣ ଦେଇ ଏ ମାନବ
କରୁଥାଏ ନିଜେ ସୁଖ ଅନୁଭବ
ସମାଜରେ ନିଜେ ବଡ଼ ହେବାପାଇଁ
ଅପରାଧି କାର୍ଯ୍ୟ ନିତି କରୁଥାଇ
ପରଧନ ପର ସର୍ବସ୍ୱ ହରଣ
କରୁଥାଏ ସେତ ନିତି ଦିନୁ ଦିନ
ନିର୍ବୋଧ ମାନବ ବୁଝିପାରୁନାହିଁ
ଜୀବନଟା କେତେ ଦିନ ଥିବ ରହି
ଅଢ଼େଇ ଦିନର ମାନବ ଜୀବନ
ଏ ସଂସାରେ ରହିବ ବା କେତେଦିନ
ଜଗତ ବନ୍ଧୁଙ୍କୁ ଆଶ୍ରା କରୁଥିଲେ
ଶ୍ରୀ ଗୁରୁଚରଣ ସେବା କରୁଥିଲେ
ନିତି ଜପୁଥିଲେ ରାମ କୃଷ୍ଣ ନାମ
ମିଳିଯିବ ତୋତେ ବଇକୁଣ୍ଠ ଧାମ ।

ଭକ୍ତବନ୍ଧ ପ୍ରାଣସିନ୍ଧୁ

ହରମୋହନ କୁଅଁର

ଯେତେ ପ୍ରଣମିଲେ ଊଣା ହେବ ପ୍ରଭୁ
ତୁମ ଶ୍ରୀଚରଣ କମଳରେ
ପ୍ରାଣ ସ୍ପନ୍ଦନୀୟ ପ୍ରାତଃ ସ୍ମରଣୀୟ
ତୁମେ ଏ ଜାତିର ଘରେ ଘରେ ।
ଏ ଜାତି ବିଧାତା ଓଡ଼ିଆ ଅସ୍ମିତା
ଓଡ଼ିଆତ୍ୱ ଭାଷା ପରି ଭାଷା
ତୁମ ଲାଗି ଆମେ ମୁଣ୍ଡଟେକି ଚାଲୁ
ତେଜି ସବୁ ଦୁରାଶା ହତାଶା ।
ଅନ୍ତୁଡ଼ିଶାଳରୁ ମଶାଣି ପର୍ଯ୍ୟନ୍ତ
ତୁମ ନାମ ଜପି ଜପି ନରେ
ଜନ୍ମଦାତ୍ରୀ କୋଳ ଛାଡ଼ିବା କାଳରୁ
ଜପେ ଯିବା ଯାଏ କୋକେଇରେ ।
ଶୈଶବ କୈଶୋର ଯୌବନ ବାର୍ଦ୍ଧକ୍ୟ
ଚତୁରାଶ୍ରମ ଏ ଜୀବନର
ପ୍ରଲମ୍ବିତ ଆମ ଜୀବନ ମଧ୍ୟରେ
ତୁମେ ହିଁ କେବଳ ସ୍ମରଣର ।
ତୁମେ ଚିରନ୍ତନ ମନନ ଚିନ୍ତନ
ତୁମେ ପରା ବ୍ରହ୍ମ ସନାତନ
ତୁମ ନାମ ବିନା ନିଷ୍ପ୍ରାଣ ଜୀବନ
ବନ୍ଦ ହୁଏ ରକ୍ତ ସଂଚାଳନ ।
ତୁମେ ଜଗତର ଆନନ୍ଦ ବିଷାଦ
ହରଷ ବିରସ ହସକାନ୍ଦ
ବାର ମାସେ ତେର ପରବ ଗାଉଛି
ଛନ୍ଦେ ଛନ୍ଦେ ତୋ ଗୀତ ଗୋବିନ୍ଦ ।

ମୋ ଜନ୍ମ କାଳରେ ତୁମ ନାମ ଜପି
ଜନନୀ ମୋ' ପାଇଲା ଉଦ୍ଧାର
ମରଣ କାଳରେ ପୀଡ଼ନ ଶେଯରେ
ମୁକ୍ତି ପାଇବ କି ମୁହିଁ ଛାର ।
ନିର୍ମାଲ୍ୟ କଣିକା ଜିଭରେ ଥୋଇଲେ
ମୁକ୍ତି ପାଇଯାଏ ମହାପାପୀ
ଆଜୀବନ ଯିଏ ତୋତେ ଜପୁଥାଏ
ତାଙ୍କଠାରୁ କିଏ ଅଛି ତପୀ ।
ଭକ୍ତପାଇଁ ତୋର ବ୍ୟଥିତ ଅନ୍ତର
ଯବନ ସାଲବେଦ ପ୍ରମାଣ
ଦାସିଆ ବାଉରି ବଳରାମ ଦାସ
ବନ୍ଧୁ ମହାନ୍ତିଙ୍କ ରଖି ମାନ ।
ତୁମେ ଭକ୍ତ ବନ୍ଧ ଅବନ୍ଧୁର ବନ୍ଧୁ
ଦୁଷ୍ଟଙ୍କୁ ବୈକୁଣ୍ଠେ ଦିଅ ସ୍ଥାନ
ଚକ୍ରେ ନକ୍ରେ ନାଶି ସ୍ୱର୍ଗଧାମେ ପେଶି
କରିଥିଲ ଗଜ ଉଦ୍ଧାରଣ ।
ତୁମ ନାମ ତୁମ ସଂସ୍କୃତି ସମ୍ମାନ
ରକ୍ଷା ଦାୟିତ୍ୱ ପରା ତୁମର
କାହିଁକି ସହଜେ ଦର୍ଶନ ହେଉନି
ପ୍ରାଣସିନ୍ଧୁ ! ଭକ୍ତମାନଙ୍କର ?
ସାଧାରଣ ଦିଅ ଦର୍ଶନ ରଥରେ
ସବୁଠାରୁ ଏହା ଭଲ କଥା
ଦେଉଳ ଭିତରେ ଦଳା ଚକଟାରେ
ଭକ୍ତେ କିଆଁ ପାଉଛନ୍ତି ବ୍ୟଥା ?

ଅପର୍ତ୍ତିବିନ୍ଧା, ଭଦ୍ରକ

ଟିକି ଚଢ଼େଇ

କରୁଣାକର ବେହୁରିଆ

"ଟିକି ଚଢ଼େଇ ଟିକି ଚଢ଼େଇ
କୁଆଡ଼େ ଯାଉଛୁ ପର ଉଡେଇ ।
ଆ' ମୋ ସାଥୀରେ ଖେଳିବା ବସି
ସାଙ୍ଗ ହୋଇ ଦୁହେଁ ହୋଇବା ଖୁସି ।
ମିଠା ବରକୋଳି ମିଠା ପିଜୁଳି
ସାଇତି ରଖିଛି ତୋ ପାଇଁ ତୋଳି ।
ଗାଇବୁ ଗୀତ ତୁ ଶୁଣିବି ମୁହିଁ
ମୁଁ କହିବି ଗପ ଶୁଣିବୁ ତୁହି ।
ରଖିଛି ତୋ ପାଇଁ ସୁନା ପଞ୍ଜୁରୀ
ରହିବୁ ସେଥିରେ ଖେଳିବୁ ଦୋଳି ।"
ଯେତେ ପରକାରେ ଡାକିଲି ମୁହିଁ
ଆସିଲା ନାହିଁ ସେ ଟିକି ଚଢ଼େଇ ।
ଲାଞ୍ଜ ଟେକି ଟେକି ଡେଣା ହଲେଇ
କହିଲା ଶେଷରେ ଥଣ୍ଟ ମେଲେଇ
"ଗଛ ଡାଳରେ ମୁଁ ଖେଳୁଛି ଦୋଳି
ଖାଏ ଜାମୁ, ବର, ବଇଁଚ କୋଳି ।
ଲୋଡ଼ାନାହିଁ ମୋର ସୁନା ପଞ୍ଜୁରୀ
ସ୍ୱାଧୀନତାର ସେ ଅଟେ ବଇରୀ ।
ସ୍ୱାଧୀନ ପକ୍ଷୀ ମୁଁ ସ୍ୱାଧୀନ ହୋଇ
ଲଭିଛି ଜନମ ରହିବା ପାଇଁ ।
ଦାସତ୍ୱ ଡୋରିରେ ନ ହୋଇ ବନ୍ଧା
ନିଜେ ମୁଁ କରିବି ଜୀବନ ଫନ୍ଦା ।
ତୋର ମୋର ଭାବ ଏମିତି ଥାଉ
ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ହେଉ ।
ସ୍ୱାଧୀନତା ଆମ ଜନ୍ମାଧିକାର
କାହାରିକୁ ପରାଧୀନ ନ କର ।"

ଗବସାହି, ଭଦ୍ରକ

ଆମ ନଈ

ଶ୍ରୀମତୀ ଦମୟନ୍ତୀ ନାଥ

ଗାଁ ପାଖେ ବହିଯାଇଛି
ଆମ ନଈ
ପିଲାବେଳୁ ଶୁଣିଛି
ପୂର୍ଣ୍ଣଗର୍ଭା ସାହାନାଇ ।
ତା କୂଳ ଘାସ ଗାଲିଚା
ଟାଣିନିଏ ମନକୁ
ଟାଣେ ପୁଣି ଶୁଖାନଈ
ଧାର ପାଣି ଧାରାକୁ ।
ପଶୁପକ୍ଷୀ ଜୀବ-ଜଗତ
ସବୁକୁ ନିଜର
ଜଳଦାନ କରି ପୂର୍ଣ୍ଣ
ଲଭେ ଜୀବନର ।
ଜଳ ଗହଳେ ପୁଣି
ରୂପ ତା' ଭୟଙ୍କର
ପ୍ରଖର ସ୍ରୋତରେ
ଭାସିଯାଏ ଘରଦ୍ୱାର ।
ଜୀବନକୁ ତଉଲୁଛି
ଗାଁ ନଈ ସାଥେ
ପାରିବିକି ଭରସି
ମହିମା ମୁଣ୍ଡାଇ ମାଥେ ।
ନଈର ସାୟନ୍ତନ ଦୃଶ୍ୟ
ଅତୀବ ମନୋହର
ଡଙ୍ଗାରେ ମୀନ ଜୀବିର
ମଶାଲ ଝାଲମନ ମୁଗ୍ଧକର ।
ରୂପେଲି ଜ୍ୟୋତ୍ସ୍ନାଲୋକରେ
ଶୈଳ ବନସ୍ଥଳୀ
ଶ୍ରୀ ଧାରଣ, ପାରଦ ଧୌତର
ଭ୍ରମ ହାବେଳୀ ।
ଦିନଥିଲା ପୂଜୁଥିଲୁ
ନଈଧାରାକୁ
ଆଜି ବେଳ ବଦଳିଛି
ନୂଆ ରୂପ ଧରାକୁ ।
ପାଣି ପାଇଁ ସବୁଠୁ
ବଡ଼ ଅଟକଳ
ସୁଧୁରିବ ଜଳ ଅଭାବ
ହୋଇଲେ ସଫଳ ।

ଏହି ସେ ଭଦ୍ରକ ଭୂଇଁ

ନାଟ୍ୟଶ୍ରୀ ନିର୍ମଳ ରାଉତ

ପୁଲକ ଆକାଶ ପହଡ଼ ଖୋଲିଲେ
ସିନ୍ଦୂରା ଯାଏ ଛୁଇଁ
ପହିଲି ସକାଳ କଅଁଳ ସୂରୁଜ
ଅୟୁତ ପ୍ରଣାମ ଦେଇ
କହେ ଏ ଭଦ୍ରକ ଭୂଇଁ......
ଏହି ସେ ଭଦ୍ରକ ଭୂଇଁ ।
ବନ୍ଧୁକ ଗୁଳି ହାତର ଶିକୁଳୀ
ରକତରେ ଭିଜା ମାଟି
ଇତିହାସ ବୁକୁ ଚିରି କାନ୍ଦିଉଠେ
ଇରମ ଲୁଣିଆ ପିଠି
ପାହାନ୍ତି ପହରେ ବିଜୁଳି କାନ୍ଦଣା
ଶୁଭୁଥାଏ କଇଁ କଇଁ
ଅୟୁତ ପ୍ରଣାମ ଦେଇ
ଏହି ସେ ଭଦ୍ରକ ଭୂଇଁ......
ସାହିତ୍ୟ ସଂଗୀତ କଳା ଇତିହାସ
ଯେ ମାଟି ତ୍ୟାଗରେ ତୋଳା

ସୁନାରେ ସୁନାରେ ମନ୍ଦିର ପୁଣି
ଗଢ଼ା ତା'ର ମୁଖଶାଳା
ନବ ବଧୂରତ ସଂଗ ଚିରାଗ
ତୁଳସୀରେ ଯାଏ ଛୁଇଁ
ଅୟୁତ ପ୍ରଣାମ ଦେଇ
ଏହି ସେ ଭଦ୍ରକ ଭୂଇଁ.....
ଧୂଳି ଧୂସରିତ ଗାଁ ସବୁଜିମା
ହୃଦୟ ମାଣିକ କ୍ଷେତ
ମମତାରେ ଯୋଡ଼ା, କେତେ ଯେ ପଣତ
ମାଟି ବନ୍ଧୁର ମିତ
ତଥାପି କହିବି ବେଶି ଭଲ ଲାଗେ
ତା' ପାଦରେ ଗଲେ ନଇଁ
ଅୟୁତ ପ୍ରଣାମ ଦେଇ
ଏହି ସେ ଭଦ୍ରକ ଭୂଇଁ......
ଏହି ସେ ଭଦ୍ରକ ଭୂଇଁ ।

ପ୍ରାର୍ଥନା

ରାଜକିଶୋର ସାହୁ

କର ପ୍ରାର୍ଥନା !
ଅକାଳରେ ବୃକ୍ଷମାନଙ୍କର-
ନହେଉ ମୃତ୍ୟୁ ।
ବଢ଼ିଯାଉ ସେମାନଙ୍କର ବୟସ
ସବୁଜପତ୍ରର ଶାଢ଼ୀପିନ୍ଧି
ସେମାନେ ବନିଯା'ନ୍ତୁ ଦେବୀର ପ୍ରତିମା
ନଦୀର ଜଳ ହେଉ ସ୍ୱଚ୍ଛ ଓ ନିର୍ମଳ
ଜହ୍ନ ଆସି ମୁହଁ ଦେଖୁ ପାଣି ଦର୍ପଣରେ
ଲେଖିଚାଲନ୍ତୁ ମହାକାବ୍ୟ ।

କର ପ୍ରାର୍ଥନା !
ପିଲାମାନଙ୍କର ବସ୍ତାନିର ବୋଝ
କମିଯାଉ
ସେମାନେ ଉପଭୋଗ କରନ୍ତୁ ଶୈଶବ
କିଶୋର କିଶୋରୀମାନ ସ୍ୱପ୍ନର
ଜେଟ୍ ବିମାନରେ ବସି
ବୁଲି ଆସନ୍ତୁ
ଅନନ୍ତ ଆକାଶରୁ
ଅନ୍ତରୀକ୍ଷ ପର୍ଯ୍ୟନ୍ତ ।

କର ପ୍ରାର୍ଥନା !
ପକ୍ଷୀମାନେ ଉଡ଼ି ଉଡ଼ି ଆସନ୍ତୁ
ନିର୍ଭୟରେ ବସନ୍ତୁ
ଘର ଅଗଣାରେ
ଖାଇଚାଲନ୍ତୁ ତଣ୍ଡୁଳ
ସେମାନଙ୍କ କିଚିରି ମିଚିରି
ଶବ୍ଦରେ ଲେଖାଯାଉ
ବ୍ୟାକରଣ
ଯୁବକ ଯୁବତୀମାନେ
ପୃଥିବୀର ପରିବର୍ତ୍ତନର
ବେଗ ସହ ତାଳଦେଇ
ଯଦି ଦୌଡ଼ି ନପାରନ୍ତି
ବନ୍ଦ ନହେଉ
ସେମାନଙ୍କ ଚାଲିବା ।

କର ପ୍ରାର୍ଥନା !
ନିଃସହାୟ ନହେଉ ବାର୍ଦ୍ଧକ୍ୟ
କିଏ ସାହାଯ୍ୟ ଟିକେ ମାଗିଲେ
କେହି ହେଲେ କେହି
ଦେଉ ତା' ଉତ୍ତର ।

କର ପ୍ରାର୍ଥନା !
ବର୍ଲିନ ୱାଲପରି
ଭାଙ୍ଗିଯାଉ, ଦେଶ ଦେଶ
ଭିତରେ ଥିବା ବିଭେଦ ପ୍ରାଚୀର
ଦେହ ରଙ୍ଗର
ଭେଦଭାବ ଭୁଲି
ମଣିଷ ହେଉ
ଅମୃତର ସନ୍ତାନ ।

କର ପ୍ରାର୍ଥନା !
ଶବ୍ଦମାନେ ଜନ୍ମ ନିଅନ୍ତୁ
ସତ୍ୟର ଜରାୟୁରୁ
ପ୍ରାଚୁର୍ଯ୍ୟମୟ ଜୀବନଟିଏ
ମିଳୁ ବା ନମିଳୁ
ଗାରିମାମୟ ଜୀବନଟିଏ
ମିଳୁ ସମସ୍ତଙ୍କୁ
କର ପ୍ରାର୍ଥନା !

ବାପା

ଡ. ହରିହର ନାୟକ

ବାପା !
ଏକ ସାହସର ପ୍ରତିକ
ଧୈର୍ଯ୍ୟର ପାହାଡ଼
ଦୁଃଖ- ସୁଖର
ଫେଣ୍ଟା ଫେଣ୍ଟି
ରକ୍ତ ମାଂସ
ଶରୀରରେ ଗଢ଼ା
ଏକ ଗଣିତର ସୂତ୍ର
ବାପା !
ଅନେକ ଅର୍ଥର ସମାହାର
ସେ ଏକ ଆଶ୍ରାବାଡ଼ି
ଶକ୍ତ ବରଗଛ
ପ୍ରଚଣ୍ଡ ରୌଦ୍ର ତାପର
ଖରାତାତି
ଟକମକ୍ ସମୁଦ୍ରର
ତତଲା ବାଲି
ଯିଏ ନିଜ କାନ୍ଧରେ
ଅନ୍ୟକୁ ବୋହିଛି
ଜୀବନ ତମାମ
ବୁକୁଚା ବୁହା
ମଣିଷଟେ ପରି
ବାପା !
ଅନେକ ଯନ୍ତ୍ରଣାର ଫୁଲହାର
ସେ ଏକ ଧର୍ମ
ଗୀତା ବାଇବେଲ କୋରାନର
ମୂଳ ମନ୍ତ୍ର
ଏକ ଲମ୍ବା ରେଳପଥ
ଜୀବନର ଲମ୍ବା ରାସ୍ତା
ଚାଲିବାକୁ ଦିଅନ୍ତି
ସେ ଦୀକ୍ଷା
ପ୍ରେରଣାର ଉତ୍ସ ବାପା
ସମୁଦ୍ର ଲଙ୍ଘିବାର ସାହସ
ସମାଜରେ ଆଲୋକ ଦେଖିବା
ପ୍ରତିଷ୍ଠିତ ମଣିଷ ହେବା
ଆକାଶରେ ଉଡ଼ିବାକୁ ହେଉ
କିମ୍ବା ପାତାଳର ଅମୃତ ସନ୍ଧାନ
ସବୁବେଳେ ବାପାଙ୍କର
ଆର୍ଶିବାଦ ଲୋଡ଼ା ।

ଭଲ ମଣିଷଟେ କର

ବଂଶୀଧର ଖୁଣ୍ଟିଆ

ଜନମ ଦେଇଛ ଧରାରେ ହେ ପ୍ରଭୁ
ମଣିଷଟେ କରି ମୋତେ
ମଣିଷ ପଣିଆ ନେବନାହିଁ ହରି
ଦୁଃଖ କଷ୍ଟ ଆସୁ ଯେତେ ।
ତୁମେ ତ ଦେଇଛ ମନଟିଏ ମୋତେ
ଭାବିବାକୁ ଭଲ କଥା,
ସତ୍ୟ ନ୍ୟାୟ ଧର୍ମ ଆଚରି ଜୀବନେ
ଟେକି ଚାଲୁଥିବି ମଥା ।
ଦୁଇଗୋଟି ଆଖି ଦେଇଛ ପ୍ରଭୁ ହେ
ସଦା ଭଲ ଦେଖୁଥିବି
ଆନ ସୁଖେ ସୁଖି କରାଇବ ମୋତେ
ଦୁଃଖେ ଲୁହ ଢ଼ାଳୁଥିବି ।
କହିବାକୁ ଶକ୍ତି ଦେଇଛ ଠାକୁରେ
ଗାଉଥିବି ତୁମ କଥା
ମିଠା କଥା କହି ମନ ମୋହୁଥିବି
ନ ଦେଇ କା' ମନେ ବ୍ୟଥା
ହାତ ଦୁଇଗୋଟି ଦେଇଛ ହେ ନାଥ
କରୁଥିବି ଭଲ କାମ
ଜଗତର ହିତେ ଜୀବନ ହାରି ମୁଁ
ରଖିଯିବି ଯଶ ନାମ
ତୁମେ ତ ଦେଇଛ ପାଦ ଦୁଇଗୋଟି
ଚାଲୁଥିବି ଭଲ ପଥେ
ପିତାମାତା ଗୁରୁ ଗୁରୁଜନ ପାବେ
ପୂଜୁଥିବି ଭକ୍ତି ମତେ ।
ତୁମେ ଦେଇଅଛ ଦୁଇଗୋଟି କାମ
ଭଲ କଥ ଶୁଣୁଥିବି,
ରାଗ, ହିଂସା, କ୍ରୋଧ ଦୂର କରି ମନୁ
ଆନେ ନିଜର କରିବି ।
ଆହେ ଦୟାମୟ ଜଗତ ଠାକୁର
ଏତିକି ପ୍ରାର୍ଥନା ମୋର
ଧନ ଦଉଲତ ଲୋଡ଼ା ନାହିଁ କିଛି
ଭଲ ମଣିଷଟେ କର ।

ଗଣଦୌଡ଼ରେ ସାମିଲ୍ ହେଲେ ହଜାର ହଜାର ଶ୍ରୀରାମ ଭକ୍ତ

ଭଦ୍ରକ: ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ଆନୁକୁଲ୍ୟରେ ମାତୃଭୂମି ପାଇଁ ଗଣଦୌଡ଼ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ମା'ତାରିଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ସହର ମଧ୍ୟ ଦେଇ ବାଇପାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା। ମା' ତାରିଣୀଙ୍କ ମନ୍ଦିରରେ ରୀତି ନିତି ଅନୁଯାୟୀ ପୂଜା ଅର୍ଚ୍ଚନା ପରେ ଗଣଦୌଡ଼କୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା, ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମିତିର ଉପଦେଷ୍ଟା ତଥା ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସାଧାରଣ ସଂପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦଳମତ ନିର୍ବିଶେଷରେ ମାତୃଭୂମି ପାଇଁ ଉତ୍ସର୍ଗୀକୃତ ହଜାର ହଜାର ଯୁବକ, ଛାତ୍ର ଛାତ୍ରୀ, ସାଧାରଣ ଜନତା, ମହିଳା ସାମୁହିକ ଭାବରେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଭାରତ ମାତା କୀ ଜୟ, ବନ୍ଦେ ମାତରମ୍, ଜୟ ଶ୍ରୀରାମ ଧ୍ୱନୀରେ ସମଗ୍ର ଭଦ୍ରକ ସହରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ସହରର ବିଭିନ୍ନ ଛକ ମାନଙ୍କରେ ମାତୃଶକ୍ତିଙ୍କ ଦ୍ୱାରା ପୁଷ୍ପ ଅର୍ପଣ କରାଯାଇ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରୀୟ ଚେତନା, ରାଷ୍ଟ୍ରର ଅଖଣ୍ଡତା ମାତୃଭୂମିର ସେବା ଓ ରାଷ୍ଟ୍ରବାଦର ଉଦ୍ଦେଶ୍ୟରେ ନେଇ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାର ସମସ୍ତ ସାମାଜିକ ସଂଗଠନର କର୍ମକର୍ତ୍ତା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ଗଣ, କ୍ରୀଡ଼ାବିତ୍, ବିଭିନ୍ନ କ୍ଲବର ସଦସ୍ୟ, ଆଧ୍ୟାତ୍ମିକ ସଂଗଠନ ଏବଂ ବିଭିନ୍ନ ରାଜନୈତିକ ଦଳର ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସମିତି ପକ୍ଷରୁ ଗୋ ପୂଜନ, ସାଧୁସନ୍ଥ ପୂଜନ, ବାଇକ ଶୋଭାଯାତ୍ରା, ବାଲ୍ ବଜରଂଗୀଙ୍କ ଦ୍ୱାରା ସାଇକେଲ ଶୋଭାଯାତ୍ରା, ଅଯୋଧ୍ୟା ସମେତ ବିଭିନ୍ନ ତୀର୍ଥକ୍ଷେତ୍ରରୁ ଆଜ୍ଞାମାଳ ଯାତ୍ରା, କଳସ ଶୋଭାଯାତ୍ରା, ଅଖଣ୍ଡ ହନୁମାନ ଚାଳିଶା ପାଠ, ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଭଳି ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି ସଂପାଦକ ତଥା ଗଣ ମାଧ୍ୟମ ଓ ସୋସିଆଲ ମିଡ଼ିଆ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ନଗର ସଂକୀର୍ତ୍ତନରେ ୧୦ ରୁ ୧୨ ଲକ୍ଷ ଭକ୍ତଙ୍କର ସମାବେଶ ହେବାର ଆଶା କରାଯାଇଛି।

ଆଇଏଏସ୍ ଅଧିକାରୀସ୍ତରରେ ଅଦଳବଦଳ

ଭୁବନେଶ୍ୱର: ରାଜ୍ୟ ସରକାର ଆଇଏଏସ୍ ଅଧିକାରୀସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତ ମନୀଷ କୁମାର ଅଗ୍ରୱାଲଙ୍କୁ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ ଭାବେ ନିଯୁକ୍ତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ସଚିବ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀ ପ୍ରଧାନଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କୁ ମତ୍ସ୍ୟ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ ମଧୁସ୍ମିତା ସାହୁଙ୍କୁ ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ତାଲିମ ପରିଷଦ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ଶ୍ରୀମତୀ ସାହୁଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ବନ୍ଦୋବସ୍ତ ଏବଂ ଚକବନ୍ଦୀ ଅତିରିକ୍ତ ଆୟୁକ୍ତ ଉପମା କାଲୋଙ୍କୁ ଉତ୍ତରାଂଚଳ ରାଜସ୍ୱ ମଣ୍ଡଳ ଆୟୁକ୍ତଙ୍କ ସଚିବଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହ ଆଇଏଏସ୍ ଲିଲି କୁମାରୀ କୁଲୁଙ୍କୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ସଚିବ, ମାଲକାନଗିରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ବୟନ ଏବଂ ହସ୍ତତନ୍ତ ନିର୍ଦ୍ଦେଶକ, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ମାଲକାନଗିରି ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅନ୍ୟ ଏକ ନିର୍ଦ୍ଦେଶନାମା ଅନୁଯାୟୀ, ଜୟପୁର ଉପଜିଲାପାଳ ଅକବରମ୍ ସସ୍ୟ ରେଡ୍ଡୀଙ୍କୁ ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ରୂପେ ନିଯୁକ୍ତି ମିଳିଛି। ଶ୍ରୀମତୀ ରେଡ୍ଡୀଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ବଣେଇ ଉପ ଜିଲାପାଳ ଅକ୍ଷୟ ପିଲ୍ଲେଙ୍କୁ ପାରାଦ୍ୱୀପ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି। ପଦମପୁର ଉପ ଜିଲାପାଳ ଅରୁଗୁଲା ସ୍ନେହାଙ୍କୁ ମୟୂରଭଞ୍ଜ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ତାଳଚେର ଉପ ଜିଲାପାଳ ସମୀର କୁମାର ଜେନାଙ୍କୁ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ରାଇରଙ୍ଗପୁର ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ କଳାହାଣ୍ଡି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି।

ନୂଆ ଅମୃତ ଭାରତ ଟ୍ରେନ୍ ମଞ୍ଜୁର: ଓଡ଼ିଶାର ୯ଟି ଷ୍ଟେସନ ଦେଇ ଚାଲିବ

ଭୁବନେଶ୍ୱର: ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ କେନ୍ଦ୍ର ସରକାର, ପୋଡନୁର ଏବଂ ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ, ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳ ସେବାକୁ ସୁଦୃଢ଼ କରିବ ବୋଲି ଏହି ପତ୍ର ମାଧ୍ୟମରେ ଜଣାଇଛନ୍ତି। ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ପାଇଁ ଏହି ନୂତନ ଅମୃତ ଭାରତ ଟ୍ରେନ ସେବାକୁ ଅନୁମୋଦନ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଝାଡ଼ଖଣ୍ଡ ପହଂଚିବା ପୂର୍ବରୁ ଏହି ଟ୍ରେନ୍ ରାୟଗଡା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର, ବରଗଡ ରୋଡ୍, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ସମେତ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇଯିବ। ଏହି ଟ୍ରେନ୍ ସେବା ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯଥେଷ୍ଟ ଲାଭ ପାଇବେ ତତସହିତ ଦକ୍ଷିଣ ଭାରତ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନକୁ ସହଜ ଯାତ୍ରାର ବିକଳ୍ପ ପ୍ରଦାନ କରିବ। ଏହା ଏହି ଅଂଚଳଗୁଡ଼ିକ ମଧ୍ୟରେ ପ୍ରାୟତଃ ଯାତାୟତ କରୁଥିବା ଛାତ୍ର, ଶ୍ରମିକ, ବ୍ୟବସାୟୀ ଏବଂ ଯାତ୍ରୀମାନଙ୍କୁ ମଧ୍ୟ ସାହାଯ୍ୟ କରିବ। ଏହି ମଞ୍ଜୁରୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ରାଜ୍ୟବାସୀଙ୍କ ପାଇଁ ଉତ୍ତମ ପରିବହନ ସୁବିଧା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭାବରେ ଦେଖାଯାଉଛି। ନୂତନ ଅମୃତ ଭାରତ ଟ୍ରେନ୍ ଆଂଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ସାମଗ୍ରିକ ବିକାଶରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି।

ପ୍ରତି ଜିଲ୍ଲାରେ ହେବ ପୁସ୍ତକ ମହୋତ୍ସବ, ବରପୁତ୍ରଙ୍କ ନାଁରେ ନାମିତ ହେବ ପାଭିଲିୟନ

ଭୁବନେଶ୍ୱର: ପ୍ରତି ଜିଲ୍ଲାରେ ହେବ ଜିଲ୍ଲାସ୍ତରୀୟ ପୁସ୍ତକ ମହୋତ୍ସବ। ଏଥିପାଇଁ ପ୍ରତି ଜିଲ୍ଲାକୁ ମିଳିବ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ। ପୂର୍ବ ନିଷ୍ପତ୍ତି କ୍ରମେ ଚଳିତ ଆର୍ଥିକ ବର୍ଷରୁ ଏହା କାର୍ଯ୍ୟକାରୀ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିଷ୍ପତ୍ତି ନେଇଛି। ଚଳିତ ବର୍ଷ ବିଧାନସଭା ଷ୍ଟାଣ୍ଡିଂ କମିଟି ବି ଜିଲ୍ଲାସ୍ତରୀୟ ପୁସ୍ତକ ମହୋତ୍ସବ ଆୟୋଜନ ନେଇ ବିଭାଗକୁ ପରାମର୍ଶ ଦେଇଛି। ଗତ ୭ ବର୍ଷ ହେବ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପୁସ୍ତକ ମହୋତ୍ସବ ଆୟୋଜକ ଅନୁଷ୍ଠାନଙ୍କୁ ନେଇ ସଂସ୍କୃତି ବିଭାଗ ୟୁନିଟ୍-୩ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ୧୦ଦିନ ଧରି ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ ଆୟୋଜନ କରିଆସୁଥିଲା। ଗତ ବର୍ଷଠାରୁ ସଂସ୍କୃତି ବିଭାଗ ଏକାକୀ ପୁସ୍ତକ ମହୋତ୍ସବ ଆୟୋଜନ କରୁଛି। ପୁସ୍ତକ ମହୋତ୍ସବ ପାଇଁ ବାର୍ଷିକ ୩ କୋଟି ଟଙ୍କା ମିଳୁଥିବା ବେଳେ ଚଳିତ ବର୍ଷ ବଜେଟ୍‌ରେ ୨୪ କୋଟି ଟଙ୍କା ବ୍ୟୟବରାଦ ସହ ପ୍ରତି ଜିଲ୍ଲାରେ ପୁସ୍ତକ ମହୋତ୍ସବ କରିବାକୁ ବିଭାଗ ସବୁଜ ସଙ୍କେତ ଦେଇଛି। ଜିଲ୍ଲାୱାରୀ ପୁସ୍ତକ ମହୋତ୍ସବ ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ପୂର୍ବରୁ ସରକାରଙ୍କୁ ସଂସ୍କୃତି ବିଭାଗ ପ୍ରସ୍ତାବ ଦେଇଥିଲା। ଜିଲ୍ଲା ସ୍ତରୀୟ ପୁସ୍ତକ ମହୋତ୍ସବ ଲାଗି ଏସ୍‌ଓପି ପ୍ରସ୍ତୁତ ହେବ। ଏହି ଅନୁସାରେ ପ୍ରତି ଜିଲ୍ଲାର ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ହେବ। ପୁସ୍ତକ ମହୋତ୍ସବ ଆୟୋଜନ ପାଇଁ ଯଥେଷ୍ଟ ପୂର୍ବରୁ ଦିନ ଧାର୍ଯ୍ୟ ହେବ। ଅଧିକରୁ ଅଧିକ ଅଂଶଗ୍ରହଣ ଲାଗି ରାଜ୍ୟ ଭିତରୁ ଏବଂ ରାଜ୍ୟ ବାହାରୁ ପ୍ରକାଶକ ମାନଙ୍କୁ ନିମନ୍ତ୍ରଣ କରାଯିବ। ପ୍ରତି ପୁସ୍ତକ ମହୋତ୍ସବ ମଂଚକୁ ସେହି ଜିଲ୍ଲାର ଜଣେ ବରପୁତ୍ରଙ୍କ ନାଁରେ ନାମିତ କରାଯିବ। ଏପରିକି ସ୍ଥାନୀୟ ଅଂଚଳର ବିଭିନ୍ନ ବରପୁତ୍ରଙ୍କ ପାଭିଲିୟନ୍ ନିର୍ମାଣ କରାଯାଇ ତାଙ୍କର ମୂଲ୍ୟବୋଧ ଓ ସିଦ୍ଧାନ୍ତର ପ୍ରଚାର, ପ୍ରସାର କରାଯିବ। ଓଡ଼ିଆ ଭାଷା, ଓ ସାହିତ୍ୟର ପ୍ରଚାର, ପ୍ରସାର ପାଇଁ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସାହିତ୍ୟ ଆଲୋଚନାଚକ୍ରରେ ସାମିଲ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧୀୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ମହୋତ୍ସବରେ ଷ୍ଟଲଗୁଡ଼ିକ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରାଯିବା ସହ ପ୍ରକାଶମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ପାଇଁ ଭଲ ପ୍ରକାଶନୀ ସଂସ୍ଥା ଓ ପ୍ରକାଶକମାନଙ୍କୁ ସମ୍ମାନିତ କରାଯିବ। ଏହି କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦନା ପାଇଁ ବିଭାଗ ପକ୍ଷରୁ ଜିଲ୍ଲା ସଂସ୍କୃତି ଉନ୍ନୟନ ଅଧିକାରୀ (ଡିସିଓ) ମାନେ ଜିଲ୍ଲା ସ୍ତରରେ ସମସ୍ତ ସହଯୋଗ କରିବେ ବୋଲି ନିଷ୍ପତ୍ତି ହୋଇଛି।

ପ୍ରବୀଣ କୁମାର କବିଙ୍କ ଇଂରାଜୀ ଉପନ୍ୟାସ 'ଉଇ ବିକେମ୍ ଏ ପୋଏମ୍' ଉନ୍ମୋଚିତ

ଭଦ୍ରକ: ପ୍ରବୀଣ କୁମାର କବିଙ୍କ ଇଂରାଜୀ ଉପନ୍ୟାସ 'ଉଇ ବିକେମ୍ ଏ ପୋଏମ୍' ଉନ୍ମୋଚିତ ହୋଇଯାଇଛି । ଘସିପୁରା ସ୍ଥିତ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ୍‌ରେ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ଅତିଥି ଭାବରେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଦୀପ କୁମାର ମହାନ୍ତି, ଇଂରାଜୀ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ନିରଞ୍ଜନ ପତି, କବି ଡ. ଅଶୋକ ପୁହାଣ ଓ ପ୍ରକାଶକ ସଂଗ୍ରାମ କେଶରୀ ସେନାପତି। ସ୍ୱତନ୍ତ୍ର ଅତିଥି ଭାବରେ ଲୋକପ୍ରିୟ କଣ୍ଠଶିଳ୍ପୀ ସତ୍ୟଜିତ ଜେନା ଓ ଶୁଭଶ୍ରୀ ଜେନା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରେମର ଏକ ନିଆରାପଣକୁ ଦର୍ଶାଉଥିବା ଏହି ବହିଟି ଶୁଭପଲ୍ଲବ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ହୋଇଛି। ସୂଚନା ଥାଉକି ପ୍ରବୀଣ କୁମାର କବିଙ୍କର ତିନି ଓଡ଼ିଆ ବହି ପୂର୍ବରୁ ପ୍ରକାଶିତ ହୋଇସାରିଛି ଏବଂ ଏହା ତାଙ୍କ ରଚିତ ପ୍ରଥମ ଇଂରାଜୀ ଉପନ୍ୟାସ। ଏହି କାର୍ଯ୍ୟକ୍ରମରେ ଆଖାପାଖି ଲେଖକ/ ଲେଖିକାମାନଙ୍କ ସହିତ କିଛି ପାଠକପାଠିକମାନେ ଯୋଗ ଦେଇଥିଲେ। ଏହି ସଭାର ସଂଚାଳନା କରିଥିଲେ ଇଂରାଜୀ ଅଧ୍ୟାପିକା ପ୍ରିୟଙ୍କା ଦେବୀ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଇଂରାଜୀ ଅଧ୍ୟାପିକା ସବିତାରାଣୀ ମିଶ୍ର। ବହିଟି କିଣିବା ପାଇଁ ଆମାଜନ୍‌ରେ ଉପଲବ୍ଧ ଥିବାବେଳେ ଶୁଭପଲ୍ଲବ ଷ୍ଟୋରରେ ଅତିରିକ୍ତ ରିହାତି ସହିତ ଉପଲବ୍ଧ ଅଛି।

ସମୁଦ୍ର ଗର୍ଭରେ ଲୀନ ହେଲାଣି ଉପକୂଳ ଅଞ୍ଚଳ

ବାଲେଶ୍ୱର: ମାଡ଼ି ଆସୁଛି ସମୁଦ୍ର। ଖାଇବାରେ ଲାଗିଲାଣି ସ୍ଥଳଭାଗ। ବାଲେଶ୍ୱର ଓ ଭଦ୍ରକ ଉପକୂଳରେ ସ୍ଥିତି ସଙ୍ଗିନ ହେଲାଣି। ଯାହାକୁ ନେଇ ଅଂଚଳବାସୀ ଚିନ୍ତାରେ ପଡ଼ିଛନ୍ତି। ଓଡ଼ିଶାରେ ମୋଟ ୫୪୯.୫ କିମି ବେଳାଭୂମି ଥିବା ବେଳେ ୧୯୯୦ ମସିହାରୁ ୨୦୧୮ ମସିହା ମଧ୍ୟରେ ସମୁଦ୍ର ୧୪୦.୨ କିମି ଅଂଚଳ ମାଡ଼ି ଆସିଲାଣି। ସେହିପରି ଗତ ୭ବର୍ଷ ମଧ୍ୟରେ ପ୍ରାୟ ୮ କିମିରୁ ଅଧିକ ଉପକୂଳ ଅଂଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ବାଲେଶ୍ୱରରେ ୯୨.୧୪ କିମି ଏବଂ ଭଦ୍ରକରେ ୫୯.୮୮ କିମି ଉପକୂଳ ରହିଛି। ଏଠାରେ ସମୁଦ୍ର କ୍ରମଶଃ ଉପକୂଳକୁ ମାଡ଼ି ଆସିଲାଣି। ବାଲେଶ୍ୱରରେ ୨୧.୬ କିମି ଅଂଚଳ ସମୁଦ୍ର ଆଁରେ ଥିବାବେଳେ ୫.୫୦ କିମି ଅଂଚଳ ସବୁଠାରୁ ଅଧିକ ସମ୍ବେଦନଶୀଳ ଏବଂ ୧୬.୧୦ କିମି ଅପେକ୍ଷାକୃତ କମ୍ ସମ୍ବେଦନଶୀଳ ଅଂଚଳ ଭାବେ ଚିହ୍ନଟ ହୋଇଛି। ସେହିପରି ଭଦ୍ରକରେ ୧୩.୫୬ କିମି ଅଂଚଳ ସମୁଦ୍ର ଗଆଁରେ ଥିବା ବେଳେ ୬.୬୪ କିମି ଅଂଚଳ ସବୁଠାରୁ ଅଧିକ ସମ୍ବେଦନଶୀଳ ଏବଂ ୬.୯୨ କିମି ଅଂଚଳ ଅପେକ୍ଷାକୃତ କମ୍ ସମ୍ବେଦନଶୀଳ ଅଂଚଳ ଭାବେ ଚିହ୍ନଟ ହୋଇଛି। ବାଲେଶ୍ୱର ତୁଳନାରେ ଭଦ୍ରକର ଉପକୂଳ ଅଂଚଳ ଯଥେଷ୍ଟ କମ୍ ଥିଲେ ବି ଅଧିକ କ୍ଷୟ ହେଉଛି। କେନ୍ଦ୍ରାପଡ଼ାରେ ସର୍ବାଧିକ ୩୧.୦୨ କିମି ଉପକୂଳ କ୍ଷୟ ହୋଇଥିବା ବେଳେ ଜଗତସିଂହପୁରରେ ୧୪.୫୮ କିମି ଏବଂ ପୁରୀରେ ୬.୬୮ କିମି ଉପକୂଳ କ୍ଷୟ ହୋଇଛି। ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ନିୟମିତ ଉପକୂଳ କ୍ଷୟ ହେଉଥିବାରୁ ଶତାଧିକ ଗାଁ ଉପରେ ତା'ର ପ୍ରଭାବ ପଡ଼ିଛି। ଏକାଧିକ ଅଂଚଳରେ ଏକର ଏକର ଚାଷଜମି ଓ ଜନବସତି ସମୁଦ୍ର ଭିତରକୁ ଚାଲିଯାଇଛି। ଫଳରେ ଲୋକମାନେ ଚାଷ ଓ ବାସ ହରାଇଛନ୍ତି। ତେଣୁ ଉପକୂଳ କ୍ଷୟ ଏକ ଚିନ୍ତାଜନକ ବିଷୟ। ଏହାର ପ୍ରତିକାର କରା ନ ଗଲେ ସମୁଦ୍ର ତଟବର୍ତ୍ତୀ ଅଧିକାଂଶ ଅଂଚଳ ସମୁଦ୍ର ଗର୍ଭକୁ ଚାଲିଯିବା ପାଇଁ ଆଉ ବେଶି ବର୍ଷ ଲାଗିବନି।

ବିନା ଲାଇସେନ୍ସରେ କ୍ଷୀର ବିକିପାରିବେନି

ଭୁବନେଶ୍ୱର: ଦୁଗ୍ଧ ତଥା ଡାଏରି ଉତ୍ପାଦନରେ ବଢ଼ିଚାଲିଥିବା ଅପମିଶ୍ରଣକୁ ରୋକିବାକୁ ଫୁଡ୍ ସେଫ୍‌ଟି ଅଥରିଟି ଅଫ୍ ଇଣ୍ଡିଆ କଡ଼ା ପଦକ୍ଷେପ ନେଇଛନ୍ତି। କ୍ଷୀର ଉତ୍ପାଦନ ଏବଂ ବିକ୍ରି ପାଇଁ ଏଣିକି ଲାଇସେନ୍ସ ଅନିବାର୍ଯ୍ୟ ହେବ। ଗ୍ରାହକଙ୍କଠାରୁ ବାରମ୍ବାର ଅପମିଶ୍ରଣ ଅଭିଯୋଗ ଆସିବା ପରେ ଏଭଳି ନିଷ୍ପତ୍ତି ନେଇଛି । ଡାଏରି ସହକାରୀ ସମିତି ସଦସ୍ୟଙ୍କୁ ବାଦ୍ ଦେଲେ, ଅନ୍ୟ ସମସ୍ତ ଦୁଗ୍ଧ ଉତ୍ପାଦକ ଏବଂ କ୍ଷୀର ବିକ୍ରି କରୁଥିବା ସମସ୍ତ କ୍ଷୀର ବ୍ୟବସାୟୀଙ୍କ ପାଇଁ (ଏଫ୍‌ଏସ୍‌ଏସ୍‌ଏଆଇ)ରେ ପଞ୍ଜିକରଣ କରିବା ଅନିବାର୍ଯ୍ୟ ହେବ। ବିଭାଗ ପକ୍ଷରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳର ଫୁଡ୍ କମିସନରଙ୍କୁ ଆଡଭାଇଜରି ଜାରି କରାଯାଇସାରିଛି। ଆଡଭାଇଜରିରେ ଉଲ୍ଲେଖ ଅଛି, ଡାଏରି ସହକାରୀ ସମିତି ସଦସ୍ୟଙ୍କୁ ଛାଡ଼ି ଦୁଗ୍ଧ ଉତ୍ପାଦନ କରୁଥିବା ସମସ୍ତ ବ୍ୟବସାୟୀ ଏବଂ ବିକ୍ରି କରୁଥିବା ଯେକୌଣସି ବ୍ୟବସାୟୀ ପଞ୍ଜିକରଣ ସହ ଲାଇସେନ୍ସ ପ୍ରାପ୍ତ କରିବା ନିହାତି ଜରୁରି। ଏଣିକି କ୍ଷୀର ଡିଲର୍ସ ମାନେ ଦୁଗ୍ଧ ଉତ୍ପାଦକ ଏବଂ ଦୁଗ୍ଧ ବିକ୍ରେତାଙ୍କ ବ୍ୟବସାୟ କେନ୍ଦ୍ରକୁ ମଧ୍ୟ ସମୟ ସମୟରେ ଯାଂଚ କରାଯିବ। ଯେଉଁଠି କ୍ଷୀର ରଖାଯାଉଛି, ସେଠିକାର ତାପମାତ୍ରା ଏବଂ ପରିଚ୍ଛନ୍ନତା ଏବଂ କ୍ଷୀରର ମାନ ପରୀକ୍ଷା କରାଯିବ। ଏହି ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ହେଲେ କ୍ଷୀର ଅପମିଶ୍ରଣ ରୋକାଯିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ବି ସୁନିଶ୍ଚିତ କରାଯାଇପାରିବ। ନିୟମକୁ ଉଲଂଘନ କରୁଥିବା ବ୍ୟବସାୟୀ ବା ବିକ୍ରେତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି ।

ପ୍ରସିଦ୍ଧ ଶୈବପୀଠ ଆରଡ଼ି ପୀଠର ବିକାଶରେ ରୋକ



ଭଦ୍ରକ: ପଛେଇ ଯାଇଛି ପ୍ରସିଦ୍ଧ ଶୈବପୀଠ ଭଦ୍ରକ ଜିଲ୍ଲା ଆରଡ଼ି ଆଖଣ୍ଡଳମଣୀ ପୀଠର ବିକାଶ। ପାଖାପାଖି ଦୁଇ ବର୍ଷ ହେବ ପୂର୍ବ ବିକାଶ ମୂଳକ କାମରେ ଖଣ୍ଡେ ଇଟା ବି ଯୋଡିପାରିଲାନି ଭଦ୍ରକ ଜିଲ୍ଲା ପ୍ରଶାସନ। ଖାଲି ମିଟିଂ ମିଟିଂରେ ଗଡ଼ିଚାଲିଛି ସମୟ। ଏମିତିକି ୨୦୨୫ ମସିହା ମହାଶିବରାତ୍ରି ଦିନ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଆରଡ଼ି ଆସି ବାବାମଣୀଙ୍କୁ ପୂଜାର୍ଚ୍ଚନା କରିବା ସହ ପୀଠର ବିକାଶ ପାଇଁ ୧୦କୋଟି ଟଙ୍କା ଘୋଷଣା କରିଥିଲେ। ସେ ଟଙ୍କାର ଏକ ଟଙ୍କା ବି କାମରେ ଲାଗିପାରିନାହିଁ ଏପର୍ଯ୍ୟନ୍ତ। ସେହି ଘୋଷଣା କେବଳ ଘୋଷଣାରେ ରହିଗଲା ପରି ଲାଗୁଛି, ଯାହାକୁ ନେଇ ସେବାୟତଙ୍କ ଭିତରେ ତୀବ୍ର ଅସନ୍ତୋଷ ବଢିଚାଲିଛି। ତେବେ କ'ଣ ପାଇଁ ଆଖଣ୍ଡଳମଣୀ ପୀଠର ବିକାଶରେ ରୋକ ଲାଗିଛି ତାହା କାହାକୁ ଜଣାନାହିଁ। ଏମିତିକି ପ୍ରଶାସନିକ ଅଧିକାରମାନେ ମଧ୍ୟ ଆରଡ଼ି ପୀଠର ବିକାଶ କଥାକୁ ନେଇ ଚୁପ। କିନ୍ତୁ ବିକାଶ କାର୍ଯ୍ୟ ଆଗକୁ ବଢିପାରୁନାହିଁ, ଯାହା ଆଲୋଚନା ଓ ଚର୍ଚ୍ଚା ହେଉଛି ସରକାର ଓ ଜିଲ୍ଲା ପ୍ରଶାସନ ଭିତରେ ଚାଳମେଳର ଅଭାବ ପାଇଁ କାଳେ ବିକାଶ ମୂଳକ କାର୍ଯ୍ୟ ଆଗେଇପାରୁନି। କିନ୍ତୁ ବରିଷ୍ଠ ସେବାୟତମାନଙ୍କ ଅଭିଯୋଗ ସରକାର ଓ ପ୍ରଶାସନିକ ସ୍ତରରେ ଆନ୍ତରିକତାର ଅଭାବ ପାଇଁ ବିକାଶ ଠପ୍ ହୋଇଯାଇଛି। ବିକାଶ ମୂଳକ କାର୍ଯ୍ୟ ଆଗେଇ ପାରୁନଥିବାରୁ ପୀଠକୁ ଆସୁଥିବା ଭଲ ନାହିଁନଥିବା ହଇରାଣ ହେଉଥିବାର ଦେଖିବାକୁ ମିଳିଛି। ପୀଠରେ ଏକ ଭଲ ଶୌଚାଳୟ ନଥିବାରୁ ମହିଳା ଭକ୍ତଙ୍କ ଠାରୁ ପୁରୁଷ ଭକ୍ତ ବହୁ ହଇରାଣ ହେଉଛନ୍ତି। ଶିବଗଙ୍ଗା ପୁଷ୍କରଣୀର ପାଣି ଅପରିଷ୍କାର ହେବାରେ ଲାଗିଛି। ପୀଠରେ ଜାଗା ସଂକୀର୍ଣ୍ଣତା ବିଭିନ୍ନ ପର୍ବ ପର୍ବାଣୀରେ ଭକ୍ତଙ୍କୁ ଅସୁବିଧାରେ ପକାଉଛି। ଏମିତି ଅନେକ ସମସ୍ୟା ମୁଣ୍ଡ ଟେକି ରହିଥିବା ବେଳେ ଏହାର ସମାଧାନ ହୋଇପାରୁନଥିବା ସେବାୟତମାନେ ଅଭିଯୋଗ କରିଛନ୍ତି। ପୂର୍ବ ସରକାର ସମୟରେ ପ୍ରଥମ ପର୍ଯ୍ୟାୟରେ ଛଅ କୋଟି ଟଙ୍କା ଖର୍ଚ୍ଚ କରାଯାଇ ମନ୍ଦିର ବେଢା ଭିତରର ସଂପ୍ରସାରଣ କରାଯିବା ସହ ମନ୍ଦିରର ଆଲୋକିକରଣ କାର୍ଯ୍ୟ କରାଯାଇଥିଲା। ମନ୍ଦିର ବେଢା ସଂପ୍ରସାରଣ ସ୍ଥଳରେ ବେଢା ଭିତରେ ଥିବା ଭୋଗ ଦୋକାନୀ ସମେତ ଅନ୍ୟ ଦୋକାନୀ ମାନଙ୍କୁ ଉଚ୍ଛେଦ କରାଥିଲା ପ୍ରଶାସନଓ ପ୍ରତିଶ୍ରୁତି ମିଳିଥିଲା ଭୋଗ ମଣ୍ଡପ କରାଯାଇ ଦିଆଯିବ ବୋଲି ହେଲେ ପୂର୍ବ ସରକାର ବଦଳିଗଲା ହେଲେ ସେ ପ୍ରତିଶ୍ରୁତି ପୂରଣ କରିପାରିଲାନାହିଁ।

ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାର

ସାମ୍ବିଧାନିକ ବିଧିବ୍ୟବସ୍ଥାରେ 'ଘୋଡ଼ା ବେପାର' ଏବେ ସାଧାରଣ ଲୋକଙ୍କ ପାଇଁ ଚର୍ଚ୍ଚାର ବିଷୟ । ଚଳିତ ରାଜ୍ୟସଭା ନିର୍ବାଚନକୁ ନେଇ ଗାଁଠୁ ସହର ସବୁଆଡ଼େ ଚର୍ଚ୍ଚା । ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଆରମ୍ଭ କରି ସାଧାରଣ ଜନତା ସମସ୍ତଙ୍କ ମୁହଁରେ ଗୋଟିଏ କଥା, ଏଥର ନିର୍ବାଚନରେ ବି ଘୋଡ଼ା ବେପାର ହେବ ! ସୋମବାର ହେବ ରାଜ୍ୟସଭା ନିର୍ବାଚନ । ବିଶେଷ କରି ଚତୁର୍ଥ ଆସନକୁ ନେଇ ଜୋରଦାର କସରତ ଚାଲିଛି । ଆରୋପ-ପ୍ରତ୍ୟାରୋପରେ ଉଠୁଛି ପଡୁଛି ରାଜ୍ୟ ରାଜନୀତି । ସମୟ ଯେତିକି ଗଡୁଛି ନେତାଙ୍କ ଛାତିକି ସେତିକି ଧଡ଼ଧଡ଼ ହେଉଛି । ବିଜେଡି ସୁପ୍ରିମୋ ବୟାନ ଦେଇଛନ୍ତି ଯେ, ବିଜେପି ଘୋଡ଼ା ବେପାର କରିବା ଉଦ୍ୟମ କରୁଛି । ବିଜେପି ପ୍ରାର୍ଥୀ ଘୋଡ଼ା ବେପାର ଚେଷ୍ଟା ଜାରି ରଖିଛନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହା ଏକ ଅପରାଧ ବୋଲି କହିଛନ୍ତି ନବୀନ ପଟ୍ଟନାୟକ । ନବୀନଙ୍କ ଏଭଳି ପ୍ରତିକ୍ରିୟା ପରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ପାଲଟା ଆକ୍ଷେପ କରିଛନ୍ତି । ଜୟନାରାୟଣ କହିଛନ୍ତି ଯେ, ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କର ଘୋଡା ବେପାରର ଅଭିଜ୍ଞତା ଅଛି । କାମଳ ରୋଗୀଙ୍କୁ ସବୁ ହଳଦିଆ ଦେଖାଯାଏ । ଆମେ ଘୋଡା ବେପାର କରୁନାହୁଁ । ସେମାନେ ଆମକୁ ଭୋଟ ଦେଉଛନ୍ତି ଆମେ ନେଉଛୁ । ଆମେ କେବଳ ବିବେକାନୁମୋଦିତ ଭୋଟ୍ ମାଗିଛୁ । ଏପରି ମନ୍ତବ୍ୟ ଦେଇ ନବୀନ ସ୍ୱୀକାର କରିଦେଲେ ଯେ ସେ ହାରି ସାରିଲେଣି ।

ସବୁ ଦଳର ଟେନସନ୍ । କିଏ ଭୋଟ ଦେବ ? କିଏ ନ ଦେବ ? କିଏ ଯଦି ଭୋଟ ଦେବାକୁ ନ ଆସିଲା.... । କାହା ଭୋଟ ଯଦି ନାକଚ ହେବ ? ଏସବୁ ଡର ଏବେ ସବୁ ଶିବିରରେ । ଏଥର ରାଜ୍ୟସଭା ପାଇଁ ବିଜେଡ଼ି ଓ କଂଗ୍ରେସ ନିଜ ଦଳର ବିଧାୟକଙ୍କୁ ରିସୋର୍ଟ ହୋଟେଲରେ ରଖିବାରେ ଯୋଜନା ଚଳାଇଛନ୍ତି । ଏପଟେ ଶାସକଦଳ ଅମିତ ଶାହାଙ୍କ ମନ୍ତ୍ରଣାରେ ତାଙ୍କର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛନ୍ତି । କେମିତି ବିରୋଧୀଦଳର କିଛି ବିଧାୟକଙ୍କୁ ମନାଇ ସେମାନଙ୍କ ସହିତ ମୂଲଚାଲ କରି ସେମାନଙ୍କୁ ନିଜ ପକ୍ଷକୁ ଆଣିପାରିବେ । ଏପଟେ ନବୀନ ନିବାସରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଏବେ ବିଧାୟକମାନଙ୍କୁ ଏକାଠି ରଖିବାକୁ କସରତ ଚଳାଇଛନ୍ତି । ନିୟମିତ ବିଧାୟକଙ୍କୁ ଡାକି ବୁଝାଯାଉଛି । ସେହିପରି କଂଗ୍ରେସ ଦଳ ବିଧାୟକଙ୍କୁ ନେଇ ହୋଟେଲରେ ବୈଠକ ଓ ଡିନର ପାର୍ଟି କରୁଥିବାର ସୂଚନା ମିଳୁଛି । ପିସିସି ସଭାପତି ଭକ୍ତ ଦାସ ଓ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ସମସ୍ତଙ୍କ ସହ ଯୋଗାଯୋଗ ରକ୍ଷା କରୁଛନ୍ତି । ତଥାପି ବିଜେଡ଼ି ଓ କଂଗ୍ରେସ ଦଳ ଭିତରେ ଅନେକ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି । ଦଳୀୟ ନେତୃତ୍ୱଙ୍କ ନିଷ୍ପତିକୁ ବିରୋଧ କରି ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ ଦଳରୁ ବିଦା ହେବା ଓ ପୂର୍ବତନ ସାଂସଦ ରବିନ୍ଦ୍ର ଜେନା ଇସ୍ତଫା ଦେବା ବିଜେଡ଼ି ରାଜନୀତିରେ ହଇଚଇ ବଢ଼ାଇଛି । ପ୍ରାୟ ୫ଜଣ ବିଧାୟକ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଙ୍ଗ କରିବା ନେଇ ଦଳ ଭିତରେ ଆଲୋଚନା ହେଉଛି । ସେହିପରି କଂଗ୍ରେସ ଦଳରେ ବିଧାୟକ ବୈଠକରେ ଯୋଗଦେଇଥିବା ୨ଜଣ ବିଧାୟକ ପରେ ଆୟୋଜିତ ତାରକା ହୋଟେଲ ଡିନର ପାର୍ଟିକୁ ଯାଇନଥିଲେ । ଏ ନେଇ ନାନାଦି ଚର୍ଚ୍ଚା ବଢ଼ିବାରେ ଲାଗିଛି । ପୂର୍ବରୁ ବିଧାୟକ ଦଳ ବୈଠକ ଓ ନାମାଙ୍କନ ଦାଖଲ ଦିନ ଅନୁପସ୍ଥିତ ଥିବା କଟକ ବାରବାଟୀ ବିଧାୟିକା ସୋଫିୟା ଫିର୍ଦ୍ଦୋସ ଗଣମାଧ୍ୟମକୁ କହିଥିଲେ, ରାଜ୍ୟସଭା ନିର୍ବାଚନ ନେଇ ଦଳର ନିଷ୍ପତି ସହ ମୁଁ ରହିଛି । ଏହିସବୁ ଆଲୋଚନା ଓ ପର୍ଯ୍ୟାଲୋଚନାରୁ ସ୍ପଷ୍ଟ ଜଣାପଡୁଛି ଯେ ଦୁଇ ବିରୋଧୀଦଳ ମଧ୍ୟରେ ଅନେକ ବିଧାୟକ ଏହି ଘୋଡ଼ା ବେପାରରେ ସାମିଲ ହେବାର ସମ୍ଭାବନା ରହିଛି । ପ୍ରଶ୍ନ ଉଠୁଛି ଯେ ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ସମ୍ମାନ ଜଣାଇ ସାଧାରଣ ଜନତା ବିଭିନ୍ନ ନିର୍ବାଚନରେ ସାମିଲ ହୋଇ ନିଜର ପସନ୍ଦଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟଦେଇ ଜୟଯୁକ୍ତ କରିବା ପରେ ସେମାନେ ବିଧାୟକ ପଦବୀ ପାଇଛନ୍ତି । ମାତ୍ର ଯେଉଁ ଦଳୀୟ ନୀତି, ନିୟମ, ଆଦର୍ଶକୁ ପାଥେୟ କରି ଲୋକମାନଙ୍କୁ ଲମ୍ବା ଚଉଡ଼ା ଭାଷଣ ଶୁଣାଇ ଦଳୀୟ ଆଦର୍ଶରେ ଜନସାଧାରଣଙ୍କୁ ଅନୁପ୍ରାଣିତ କରି ଭୋଟ ନେଇ ବିଧାୟକ ହୋଇଛନ୍ତି, ଏବେ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ନେଇ ସାମୁହିକ ଓ ଦଳୀୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବିଧାୟକ ପଦବୀ ପାଇ ପୁଣି ଟଙ୍କା ପଇସା କାରବାର ବା ରାଜନୈତିକ ଭାଷାରେ 'ଘୋଡ଼ା ବେପାର'ରେ ସାମିଲ କେମିତି ହେଉଛନ୍ତି । ଜନସାଧାରଣଙ୍କ ଦୃଷ୍ଟିରେ ଏମାନଙ୍କର ସ୍ଥାନ କେଉଁଠି ? ଏମାନଙ୍କର ଆଦର୍ଶ କଣ ଓ ନୀତିଗତି କଣ ?

ନିଶା ନିବାରଣ ଓ ଆମ ସମାଜ

ମନୋରଞ୍ଜନ ମହାନ୍ତି

ମଦ ଅବା ମାଦକଦ୍ରବ୍ୟ ମନୁଷ୍ୟଙ୍କ ମଧ୍ୟରେ ଆଜି ଦୂରତ୍ୱ ବଢ଼ାଇ ଚାଲିଛି । ଏହା ମନୁଷ୍ୟଙ୍କ ମଧ୍ୟରେ ଘୃଣା, ଦ୍ୱେଷ ଓ ଈର୍ଷାଭାବ ସୃଷ୍ଟି କରୁଛି । ଲୋକଙ୍କୁ ଦାରିଦ୍ର୍ୟ ଓ ଅନାହାର ଦିଗକୁ ଟାଣିନେଉଛି ସାଥେ ସାଥେ ଅଜଣା ରୋଗରେ ଆକ୍ରାନ୍ତ କରାଉଛି । ମଦ୍ୟପାନର ଏସବୁ ଚିତ୍ର ଅତି ଭୟାନକ । ଏ ଦୃଷ୍ଟିରୁ ନିଶା ନିବାରଣକୁ ପ୍ରାଥମିକତା ଦେବା ଏକ ଜନମଙ୍ଗଳକାରୀ ସରକାରଙ୍କ ଧ୍ୟେୟ ହେବା ଆବଶ୍ୟକ ।

ମଦ ନିଶାରେ ଜଣେ ବାପା ନିଜ ଛଅ କନ୍ୟାଙ୍କୁ କୁରାଢ଼ିରେ ହାଣି ହତ୍ୟା କଲା, ମଦନିଶାରେ ଜଣେ ବ୍ୟକ୍ତି ନିଜ ଘରେ ନିଆଁ ଲଗେଇ ଦେଲା । ଖବର ପଢ଼ିଲାବେଳେ ମନେହୁଏ, ଆମେ ବିକାଶର ପାହାଚ ଉପରେ ଚଢୁଛୁ ନା ଆମେ ଏଭଳି ଏକ ଯୁଗ ମଧ୍ୟକୁ ଅଗ୍ରସର ହେଉଛୁ, ଯିଏ ଆମକୁ ଘୋର ଅନ୍ଧକାର ଦିଗକୁ ଯିବାପାଇଁ ବାଧ କରୁଛି । ତେଣୁ ଆଜିର ସମୟକୁ ଆଦିମ ଯୁଗ କୁହାଯିବା ଅଧିକ ପ୍ରାସଙ୍ଗିକ ହେବ । କାରଣ ଗୋଟିଏ ପଟେ ଆମେ ନଭଶ୍ଚୁମ୍ବୀ ଅଟ୍ଟାଳିକା ନିର୍ମାଣ କରି, ପାହାଡ଼ର ଛାତି ଚିରି ସଡ଼କପଥ ଓ ରେଳପଥ ନିର୍ମାଣ କରି, ସଡ଼କ ଉପରେ ଅସଂଖ୍ୟ ଛୋଟ ବଡ଼ ଯାନ ଚଳାଇ, ଅତଳ ସମୁଦ୍ର ଗର୍ଭରୁ ଖଣିଜ ପଦାର୍ଥ ଉତୋଳନ କରି, ଆକାଶର ହୃଦୟ ମଧ୍ୟରେ ଗ୍ରହ ନକ୍ଷତ୍ରଙ୍କୁ ଖୋଜି ବୁଲି, ଜୀବନ ରକ୍ଷକ ଔଷଧ ଉଦ୍ଭାବନ କରି, ଅଣୁ ଅବା ପରମାଣୁ ବୋମା ଭଳି ବିନାଶକ ସାମଗ୍ରୀ ତିଆରି କରି ଆମେ ବିକାଶର ଡିଣ୍ଡିମ ପିଟି ଚାଲିଛେ ।

ଅନ୍ୟପଟେ ମଦ୍ୟପାନ ଯୋଗୁଁ ପ୍ରତିଦିନ ଆମ ସମାଜରେ ସହସ୍ର ଘଟଣା ଓ ଦୁର୍ଘଟଣା ସହ ବୀଭତ୍ସ କାଣ୍ଡ ଘଟିଚାଲିଛି । ଅଥଚ ଆମେ ମାଦକଦ୍ରବ୍ୟର ବ୍ୟବସାୟ ଏବଂ ଉଦ୍ୟୋଗ ଗଢ଼ି ଚାଲିଛେ । ଏହାଦ୍ୱାରା ମାଦକଦ୍ରବ୍ୟର ଠିକା ନେଉଥିବା ଏବଂ ଏହାକୁ ତିଆରି କରୁଥିବା ତଥା ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଆୟ ବୃଦ୍ଧି ହେଉଛି । ଏମାନେ ମାଲାମାଲ୍ ହେଉଛନ୍ତି ସତ, କିନ୍ତୁ ଏହାକୁ ଗ୍ରହଣ ବା ସେବନ କରୁଥିବା ଲୋକଙ୍କ ଜୀବନ ବିପଦ ମୁହଁକୁ ଟାଣି ହୋଇଯାଉଛି । ଏମାନଙ୍କ ମଧ୍ୟରୁ ୪୦%ରୁ ଊର୍ଦ୍ଧ୍ୱର୍ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ଅନେକେ ରିକ୍ସାଚାଳନା କରି ଅବା କୁଲି ମଜୁରି କରି ଜୀବିକା ନିର୍ବାହ କରନ୍ତି । ନିଶା ସେବନ ଦ୍ୱାରା ଏମାନେ ଏକାଧିକ ରୋଗରେ ଆକ୍ରାନ୍ତ ହେବା ସହ ଋଣଭାରରେ ବୁଡ଼ି ରହୁଛନ୍ତି । ପୁଣି ନିଜ ପରିବାରକୁ ନର୍କପୁର ସମ କରିବାରେ ଏମାନେ କୌଣସି ଅବସର ଛାଡ଼ନ୍ତି ନାହିଁ । ଏଥିପାଇଁ ହିଁ ଚିକିତ୍ସାଳୟମାନଙ୍କରେ ଆଜି ଅଯଥା ଭିଡ଼ ହେଉଛି । ଭାରତରେ ଆଜି ମାଦକଦ୍ରବ୍ୟର କାରବାର ଦ୍ରୁତଗତିରେ ବଢ଼ିଚାଲିଛି । ଏହାର ବଳୟ ମଧ୍ୟକୁ ପ୍ରତ୍ୟେକ ବୟସ ଓ ବର୍ଗର ଲୋକ ବିନା ଦ୍ୱିଧାରେ ପ୍ରବେଶ କରି ଚାଲିଛନ୍ତି ।

ମଦ୍ୟପାନ ତଥା ମାଦକଦ୍ରବ୍ୟ ସେବନ ଆଜି କାହାପାଇଁ ଅଭ୍ୟାସ ପାଲଟିଛି ତ ଆଉ କାହାପାଇଁ ଆଭିଜାତ୍ୟ ସହ ଆଧୁନିକତାର ପ୍ରତୀକ ସାଜିଛି । କେହି କେହି ଅବସାଦରୁ ମୁକ୍ତିପାଇଁ ତଥା ଦୁଃଖ ଭୁଲିବା ପାଇଁ ଏପରି କରନ୍ତି ବୋଲି ସଫେଇ ଦିଅନ୍ତି । ହେଲେ ସେମାନେ ଭୁଲି ଯାଉଛନ୍ତି ଯେ, ସେହି ମଦିରା ଅବା ମାଦକଦ୍ରବ୍ୟ ହିଁ ସମୟକ୍ରମେ ସେମାନଙ୍କ ବହୁମୂଲ୍ୟ ଜୀବନ ନେବାକୁ ପଛାଇବ ନାହିଁ । ଏହା ହେଉଛି ଏପରି ଏକ ପର୍ଯ୍ୟାୟ ଯେଉଁଥିରେ ମନୁଷ୍ୟ ନିଶାକୁ ପିଏନାହିଁ ବରଂ ନିଶା ତାକୁ ପିଇଚାଲେ ।

ପ୍ରକୃତରେ ମାଦକଦ୍ରବ୍ୟର ନିଶାଠାରୁ ଦୂରେଇ ରହି ନିଜ କର୍ତ୍ତବ୍ୟ, କାର୍ଯ୍ୟକ୍ରମ ଓ ସଙ୍ଘର୍ଷ ପ୍ରତି ନିଶା ବଢ଼ିଲେ ମନୁଷ୍ୟ ପାଇଁ ଶ୍ରେୟସ୍କର ହେବ । କିନ୍ତୁ ଆଜିର ଯୁବପିଢ଼ି ମଦ୍ୟପାନ ତଥା ନିଶା ସେବନ ସହ ଅଧିକ ମାତ୍ରାରେ ଜଡ଼ିତ ରହୁଛନ୍ତି । ଏମାନେ ଭାବୁଛନ୍ତି, ପୃଥିବୀର ଏକମାତ୍ର ଜିନିଷ ହେଉଛି ନିଶା, ଯାହା ସେମାନଙ୍କୁ ଆନନ୍ଦ ଦେଇପାରିବ । ପୁଣି ଜୀବନ ଯୁଦ୍ଧ ପାଇଁ ନିଶା ହିଁ ଉତ୍ସାହ ଯୋଗାଇ ଦେବ । ଦୁନିଆର ପ୍ରତ୍ୟେକଟି ସମସ୍ୟାରୁ ନିଶା ହିଁ ଏମାନଙ୍କୁ ମୁକ୍ତି କରାଇବ । ଏମାନଙ୍କର ଏଭଳି ଚିନ୍ତାଧାରା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । ଜାଣିରଖିବା ଉଚିତ ଯେ, ମଦ ଅବା ନିଶାଦ୍ରବ୍ୟ କୌଣସି ପରିସ୍ଥିତିରେ ଆମ ସଫଳତା ଅବା ବିଫଳତା କିମ୍ବା ଉଦାସୀନତାର ପ୍ରତୀକ ହୋଇପାରେନା । ଏହା ଶରୀରକୁ କେବଳ ରୋଗାକ୍ରାନ୍ତ ଓ ନିସ୍ତେଜ କରିପାରେ । ଶରୀରକୁ ଯନ୍ତ୍ରଣା ଦେଇପାରେ । ଜୀବନକୁ ନିଶ୍ଚିହ୍ନ କରିଦିଏ । ଏହା କଦାପି ଜୀବନର ମାନକ ସାଜିପାରିବ ନାହିଁ ।

ବିଗତ ଦିନରେ ମୁକ୍ତିଲାଭ କରିଥିବା ହିନ୍ଦୀ ଚଳଚ୍ଚିତ୍ର 'କବୀର ସିଂ'ର ନାୟକ ପେଷାରେ ଯଦିଓ ଜଣେ ଡାକ୍ତର, କିନ୍ତୁ ସେ ଜଣେ ନିଶାସକ୍ତ ତଥା କ୍ରୋଧିତ ପ୍ରକୃତିର ବ୍ୟକ୍ତି ଥିଲା । ଯାହାର ସମସ୍ତ ସମସ୍ୟାର ଏକମାତ୍ର ସମାଧାନ ଥିଲା ମଦ୍ୟପାନ ଓ ଡ୍ରଗ୍ସ ସେବନ । ଏକଥା ସତ୍ୟ ଯେ, ଚଳଚ୍ଚିତ୍ରରେ ପ୍ରଦର୍ଶିତ ଏଭଳି ଚରିତ୍ର ଯୁବକମାନଙ୍କୁ ନିଶା ପ୍ରତି ଆକର୍ଷିତ କରୁଛି ବା କରୁଥିବ । ଯୁବକମାନେ କବୀର ସିଂ ହେବାକୁ ଚାହୁଁଛନ୍ତି । ତା' ଭଳି ଜୀବନ ଜିଇଁବାକୁ ଆଗ୍ରହ ରଖୁଛନ୍ତି । କିନ୍ତୁ ଚଳଚ୍ଚିତ୍ର ଜଗତ ଏବଂ ବାସ୍ତବ ଦୁନିଆ ମଧ୍ୟରେ ଥିବା ଆକାଶ ପାତାଳର ପ୍ରଭେଦକୁ ଯୁବଗୋଷ୍ଠୀ ଆଦୌ ବୁଝିପାରନ୍ତି ନାହିଁ । ବାସ୍ତବିକ ଅଢ଼େଇ ଘଂଟାର ଏଭଳି ଚଳଚ୍ଚିତ୍ର ଆମକୁ ମନୋରଞ୍ଜନ ଦେଇପାରେ, କିନ୍ତୁ ସେସବୁ ଚରିତ୍ର ଜୀବନ ସଂଗ୍ରାମରେ ଆମ ସହ କଦାପି ସାମିଲ ହୋଇପାରିବେ ନାହିଁ । ଆମ ପାଦ ସହ ପାଦ ମିଳାଇ ଚାଲିପାରିବେ ନାହିଁ । ଜୀବନ ଯୁଦ୍ଧରେ ସ୍ୱୟଂକୁ ହିଁ ଲଢ଼ିବାକୁ ପଡ଼ିବ । ଯାହା କେବଳ ମଦ୍ୟପାନ ତଥା ନିଶା ସେବନ ବିନା ସମ୍ଭବ ।

ସେହିଭଳି ବିଗତ ଦିନରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପାଇଁ ଏକାଧିକ ସେଲିବ୍ରିଟି ଏବଂ ପରେ ପରେ ଲୋକପ୍ରିୟ ଟେଲିଭିଜନ ଅଭିନେତ୍ରୀ ଭାରତୀ ସିଂ ଡ୍ରଗ୍ସ ସେବନ ତଥା ନିଜ ପାଖରେ ଡ୍ରଗ୍ସ ରଖିବା ଅଭିଯୋଗରେ ଗିରଫ ହୋଇଥିଲେ । ସେତେବେଳେ ଏହି ବିଷୟ ସାରା ଦେଶରେ ଡ୍ରଗ୍ସର ବିତର୍କକୁ ଜୋରଦାର କରିଥିଲା । ଏହି ବିତର୍କ ଏବେ ଘରେ ଘରେ ପହଂଚିଛି । କାହିଁକି ବା ନ ପହଂଚିବ ଏହି ବିଷୟରେ ବିତର୍କ ହେବା ନିହାତି ଆବଶ୍ୟକ । କାରଣ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । କିନ୍ତୁ କେବଳ ତର୍କ ବିତର୍କ ଦ୍ୱାରା ତାହା ଯଥେଷ୍ଟ ହେବନାହିଁ କିମ୍ବା ସମସ୍ୟାର ସମାଧାନ ଆଣିଦେବ ନାହିଁ । ଏଥିପାଇଁ ଆମ ନିଜକୁ ଓ ସର୍ବୋପରି ସମାଜକୁ ଠିକ୍‌ଭାବରେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ଓ ଭୂମିକା ତୁଲାଇବାକୁ ହେବ । ସମସ୍ତେ ଜାଣନ୍ତି, ଡ୍ରଗ୍ସ ଏବଂ ଡ୍ରଗ୍ସ ମାଫିଆଙ୍କ ସହ ବଲିଉଡ୍‌ର ସଂଯୋଗ ବହୁ ପୁରାତନ । ଏ ବିଷୟରେ ଟିକିନିଖି ଖବର ଗଣମାଧ୍ୟମରେ ପ୍ରସାରିତ ହେଉଛି । ଏ ବାବଦରେ ଅନେକ ବଡ଼ ବଡ଼ ସେଲିବ୍ରିଟିଙ୍କୁ ମଧ୍ୟ ପ୍ରଶ୍ନ କରାଯାଇଛି, ଏହାର ତଦନ୍ତ ବି ଚାଲିଛି ।

ଦେଶର ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ ମଧ୍ୟ ନିଜ କାର୍ଯ୍ୟ କରିଚାଲିଛି । ବଲିଉଡ୍ ସେଲିବ୍ରିଟିଙ୍କୁ ନିଶାସକ୍ତ ଅବସ୍ଥାରେ ଧରାଯିବା ଏକ ଆଶ୍ଚର୍ଯ୍ୟଜନକ କଥା ନୁହେଁ । କିନ୍ତୁ ଦେଶର ବୃହତ୍ ଯୁବଗୋଷ୍ଠୀ ଏମାନଙ୍କୁ ଅନୁସରଣ କରୁଥିବାରୁ ଏକଥା ଆମ ପାଇଁ ଚିନ୍ତାର ବିଷୟ ପାଲଟିଛି । କାରଣ ଏହି ଯୁବଗୋଷ୍ଠୀ ଉକ୍ତ ସେଲିବ୍ରିଟିଙ୍କ ଭଳି ହେବାକୁ ଚାହାଁନ୍ତି । ସେଲିବ୍ରିଟିମାନେ ଆମ ଦେଶର ଏକ ବଡ଼ବର୍ଗଙ୍କ ପ୍ରତିନିଧିତ୍ୱ କରନ୍ତି । ଏମାନେ ହେଉଛନ୍ତି ଅନେକ ଲୋକଙ୍କ ପ୍ରେରଣାର ଉତ୍ସ । ଏମାନେ ଡ୍ରଗ୍ସ ସେବନ କିମ୍ବା ମଦ୍ୟପାନରେ ଜଡ଼ିତ ଥିବା ଜଣାପଡ଼ିଲେ, ତାହା ଖବରକାଗଜର ଶିରୋନାମା ପାଲଟିଯାଏ । ଏଭଳି ସ୍ଥିତିରେ ଯୁବକମାନେ କିପରି ଏବଂ କେଉଁ ଆଧାରରେ ସେମାନଙ୍କୁ ନିଜ ପ୍ରେରଣାଦାୟକ ଭାବେ ବିଚାର କରିବେ ?

ସମୁଦ୍ର ଭିତରେ କ୍ରୁଜ୍ ଜାହାଜରେ ଡ୍ରଗ୍ସ ପାର୍ଟିର ମଜା ନେଉଥିବା ବେଳେ କିଙ୍ଗ୍ ଖାନଙ୍କ ପୁଅ ଆରୟନ ନାର୍କୋଟିକ୍ କଂଟ୍ରୋଲ ବ୍ୟୁରୋ ହାତରେ ଧରାପଡ଼ିଛି । ଯେଉଁ କିଙ୍ଗ୍ ଖାନ୍ ଦେଶର ଲକ୍ଷ ଲକ୍ଷ ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ ଆପ୍ ମାଧ୍ୟମରେ ସରଳ ଓ ସୁବିଧାରେ ଶିକ୍ଷା ଗ୍ରହଣ କରିପାରିବେ ବୋଲି ବାର୍ତ୍ତା ବାଂଟି ଚାଲିଛନ୍ତି, ତାଙ୍କରି ସୁପୁତ୍ର ଏଭଳି ଅପକର୍ମ ହେତୁ ଗିରଫ ହେବା ସମାଜ ପାଇଁ ଶୁଭଙ୍କର ନୁହେଁ । ଆସନ୍ତାକାଲି ଏହାର ପରିସରକୁ ଅନ୍ୟ କେହି ବି ଆସିପାରନ୍ତି । ଯେଉଁମାନେ ଏମାନଙ୍କୁ ପସନ୍ଦ କରୁଛନ୍ତି ବା କରୁଥିଲେ, ସେମାନେ ଏମାନଙ୍କ ଦ୍ୱାରା ପ୍ରତାରିତ ହେଲେ ବୋଲି ଧରାଯିବ ।

ମଦ, ମାଦକଦ୍ରବ୍ୟ ଅବା ଡ୍ରଗ୍ସ କେବଳ ରୋଗ ସୃଷ୍ଟିକାରୀ ନୁହେଁ ବରଂ ଜୀବନ ବିନାଶକ । ନିଶା ସେବନ ଉଭୟ ଉଦାସୀନତା ଏବଂ ଆତ୍ମହତ୍ୟା ପ୍ରବଣତାକୁ ବଢ଼ାଇଥାଏ । ଯୁବପିଢି ଯେଭଳି ଏହାର ବଳୟ ମଧ୍ୟକୁ ପ୍ରବେଶ ନକରନ୍ତି ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ରହିବା ।

"କୌଣସି ଦେଶର ପରିସ୍ଥିତି ସେଠାକାର ମହିଳା ମାନଙ୍କର ସ୍ଥିତିକୁ ଦେଖି ଜଣେ କହିପାରିବ"

ଜ୍ଞାନ ଓ ସଚେତନା ବୃଦ୍ଧି ଦ୍ୱାରା ମହିଳା ମାନଙ୍କର ପ୍ରଗତି ସମ୍ଭବ ହୋଇପାରିଛି । ଆଧୁନିକ ସମୟରେ ମହିଳା ମାନଙ୍କ ଆଶା ଆକାଂକ୍ଷାକୁ ପୁରଣ କରିବା ପାଇଁ ଅନେକ ଅବସର ରହିଛି । ଏହି ପରିପ୍ରେକ୍ଷୀରେ ହାଇଦ୍ରାବାଦର ତାୟେବା ବେଗମ୍ ଖେଦିୟେ ଜଙ୍ଗ, ଯିଏ ପ୍ରଥମ ମୁସଲିମ୍ ମହିଳା ସ୍ନାତକ ଥିଲେ ତାଙ୍କ ଜିବନୀକୁ ଅବଲୋକନ କଲେ ଆମେ ଜାଣି ପାରିବା ଯେ, ମହିଳାଙ୍କ ଶିକ୍ଷା ପାଇଁ ସେ କିପରି ସାରା ଜୀବନ ସଂଘର୍ଷ କରିଥିଲେ । ତେଣୁ ତାଙ୍କ ଜୀବନର ଏକ ପରିଚୟ ନିଶ୍ଚିତ ଭାବରେ ହଜାର ହଜାର ମୁସଲିମ ମହିଳା, ଯେଉଁମାନେ ସେମାନଙ୍କ ଶିକ୍ଷାଗତ ଅଧୀକାର ପାଇଁ ଲଢେଇ କରୁଛନ୍ତି, ତାଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇପାରିବ । ତାୟେବା ବେଗମ୍‌ଙ୍କ ଜନ୍ମ ଏପରି ସମୟରେ ହୋଇଥିଲା, ଯେତେବେଳେ ମହିଳାମାନେ ଶିକ୍ଷିତ ହେବା ଏକପ୍ରକାର ଅବାସ୍ତବ ଥିଲା । କିନ୍ତୁ ଏହିପରି ସମୟରେ ତାୟେବା ବେଗମ୍ ପ୍ରଥମ ମୁସଲମାନ ମହିଳା ଭାବରେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ୧୮୯୪ ମସିହାରେ ସ୍ନାତକ ହୋଇଥିଲେ । ସେ ଏକ ସାମାଜିକ କର୍ମୀ ଭାବରେ ବାହ୍ମ ସମାଜର ବାର୍ଷିକ ମହିଳା ଅଧିବେଶନରେ ଅଧ୍ୟକ୍ଷତା ମଧ୍ୟ କରିଥିଲେ । ଶିକ୍ଷା ଓ କୌଶଳ ବୃଦ୍ଧି ସହିତ ମହିଳା ସଶକ୍ତି କରଣ ପାଇଁ ବେଗମ୍ ରୋକେୟା ଶେଖାୱେତ୍ ହୁସେନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଯୋଜନା ଅଞ୍ଜୁମନ-ଏ-ଖାୱାତିନ୍-ଏ-ଇସଲାମକୁ ମଧ୍ୟ ତାୟେବା ବେଗମ୍ ନିଜର ନିୟନ୍ତ୍ରଣକୁ ଆଣିଥିଲେ । ସେ ୧୯୦୫ ମସିହାରେ 'ଅନୱରି ବେଗମ୍' ନାମକ ଏକ ଉପନ୍ୟାସର ରଚନା କରିଥିଲେ, ଯେଉଁଥିରେ ଉକ୍ତ ସାମାଜିକ ସଂସ୍କାର ଗୁଡିକୁ ସମର୍ଥନ ଜଣାଇଥିଲେ, ଯେଉଁଗୁଡିକୁ ସେ ହାଇଦ୍ରାବାଦର ପରିବାର ମାନଙ୍କରେ କାର୍ଯ୍ୟକାରୀ କରିବାକୁ ଚାହିଁଥିଲେ । ଭାରତର ଲୋକ ସଙ୍ଗୀତରେ ତାଙ୍କର ଅବଦାନ ପାଇଁ ସେ ବେଶ୍ ଜଣାଶୁଣା ।

୧୯୦୭ ମସିହାରେ ତାୟେବା ବେଗମ୍, ସରୋଜିନୀ ନାଇଡୁ ଓ ଅମିନା ହାଇଦରୀଙ୍କ ଭଳି ଅନ୍ୟ ପ୍ରଭାବଶାଳୀ ନାରୀ ନେତ୍ରୀ ମାନେ ମିଶି ତତ୍କାଳିନ ହାଇଦ୍ରାବାଦର ନିଜାମଙ୍କୁ ହାଇଦ୍ରାବାଦ ଠାରେ ମହବୁବିଆ ବାଳିକା ବିଦ୍ୟାଳୟ ସ୍ଥାପନା କରିବାକୁ ପ୍ରବର୍ତ୍ତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେମାନେ ସେଠାରେ ଆର୍ଥିକ ଅନଗ୍ରସରଙ୍କ ପାଇଁ ସ୍କୁଲ ଓ ପାଠାଗାରର ବ୍ୟବସ୍ଥା ମଧ୍ୟ କରିଥିଲେ । ତାଙ୍କ ଦ୍ୱାରା ହାଇଦ୍ରାବାଦରେ ସ୍ଥାପନ କରାଯାଇଥିବା ଆଠଟି ବିଦ୍ୟାଳୟ ମଧ୍ୟରୁ ବର୍ତ୍ତମାନ ସମୟରେ ମଧ୍ୟ ଦୁଇଟି ସ୍କୁଲ୍ ଚାଲୁଅଛି । ତାଙ୍କ ପ୍ରଭାବଶାଳୀ ଜୀବନିରୁ ବର୍ତ୍ତମାନ ନାରୀ ମାନେ ଅନୁପ୍ରାଣିତ ହୋଇ ନିଜକୁ ସଶକ୍ତିକୃତ କରିବା ଉଚିତ୍ । ଭାରତ ସରକାର ମଧ୍ୟ ମହିଳା ସଶକ୍ତିକରଣ ପାଇଁ ଧ୍ୟାନ କୈନ୍ଦ୍ରିଭୂତ କରିଆସୁଛନ୍ତି । ଭାରତ ସମ୍ବିଧାନର ଅନୁଚ୍ଛେଦ - ୧୬ ମହିଳା ମାନଙ୍କୁ ସମାନ ଅବସରର ଅଧୀକାରକୁ ସୁନିଶ୍ଚିତ କରିଥାଏ । ମହିଳା ମାନଙ୍କ ପାଇଁ ଏବେ କୌଣସି ବାଧା ନାହିଁ ଏବଂ ଏହାକୁ ସେମାନେ ଯଥା ଶୀଘ୍ର ହୃଦୟଙ୍ଗମ କରିବା ଉଚିତ୍ । ଯଦି ଗର୍ଭବତୀ ହୋଇ ମଧ୍ୟ ତାୟେବା ବେଗମ୍ ତାଙ୍କ ସମୟରେ ବନ୍ୟା ପୀଡ଼ିତ ମାନଙ୍କୁ ସାହାଯ୍ୟ କରିପାରିଥିଲେ, ତେବେ ଏପରି କୌଣସି ଗତିରୋଧ ନାହିଁ ଯାହା ବର୍ତ୍ତମାନ ମହିଳା ମାନଙ୍କୁ ତାଙ୍କ ପ୍ରଗତି ପଥରୁ ରୋକିପାରିବ । ତେଣୁ ନିଜର ପ୍ରଗତିର ପଥରେ ଅଗ୍ରସର ହେବା ପାଇଁ ମୁସଲିମ ମହିଳା ମାନେ ତାୟେବା ବେଗମ୍‌ଙ୍କ ଜୀବନିରୁ ଅନୁପ୍ରାଣିତ ହେବା ଉଚିତ୍ ।

ଜଗନ୍ନାଥ ମନ୍ଦିର

ଆଲୋକ ବିହାରୀ ରାୟ

କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଶ୍ରୀ ଜଗନ୍ନାଥ ଦେଉଳ ବିଶ୍ୱର ପୂର୍ବ-ଦକ୍ଷିଣ (ଅଗ୍ନିକୋଣ)ରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବତ୍ସଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ । ଏହା ମହୋଦଧିତୀରେ ଥିଲେ ହେଁ ଏଠାରେ କୂଅ ଖୋଳିଲେ ଲୁଣପାଣି ନ ଝରି ମଧୁର ଜଳ ଝରିଥାଏ ।

ସିଂହଦ୍ୱାର: ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ୨୧୪ ଫୁଟ ୮ ଇଂଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସଂପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ । ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ । ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ । ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ୍ୟ ରହିଥିବା ଦେଖାଯାଇଛି । ଶ୍ରୀମନ୍ଦିରର ଶୋଭା ନୀଳଚକ୍ର ବୃଦ୍ଧି କରୁଛି ଓ ଏହା ଉପରେ ପତିତପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ, ପାପୀ ତପୀଙ୍କୁ ନିଜ ପାଖକୁ ଟାଣି ଆଣି ଅଭୟ ଦେଉଛି ଓ ଶରଣ ପଞ୍ଜର ନାମକୁ ସାର୍ଥକ କରୁଛି ।

ଏଥିପୂର୍ବରୁ ଶ୍ରୀମନ୍ଦିରର ନାଭିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳ । ମଧ୍ୟବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୂଖୀ ଭାବେ ଅବସ୍ଥିତ ଥିବା ଜଣାଯାଏ । ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି କେହି କେହି ପ୍ରତ୍ନତାତ୍ତ୍ୱିକ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି । ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହାଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ । ବର୍ତ୍ତମାନ ମଧ୍ୟ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଛି । ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଉକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ । ବେଢ଼ା ମଧ୍ୟରୁ ଉକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଂଚିବା ନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡେ । ଉକ୍ତ ପାବଚ୍ଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ । ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ । ଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣି ଘର ଅବସ୍ଥିତ । ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ । ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଛି । କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ୍ୟ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହତି । ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାବର୍ତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଛନ୍ତି । ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦିଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଛି ।

କଳ୍ପବଟ

ନାଥୁରାମ ଗୋଡସେ

ନାଥୁରାମ ବିନାୟକ ରାଓ ଗୋଡସେ ଏକ ମରାଠୀ ଚିତପାୱନ୍ ବ୍ରାହ୍ମଣ ପରିବାରରେ ୧୯ ମଇ ୧୯୧୦ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ବିନାୟକ ୱାମନରାଓ ଗୋଡସେ, ଏକ ଡାକ କର୍ମଚାରୀ ଥିଲେ; ମାତା ଥିଲେ ଲକ୍ଷ୍ମୀ (ନବ ଗୋଦାବରୀ) । ଜନ୍ମ ସମୟରେ ତାଙ୍କ ନାମ ଥିଲା ରାମଚନ୍ଦ୍ର । ଏକ ଦୁର୍ଭାଗ୍ୟଜନକ ଘଟଣାରୁ ସେ 'ନାଥୁରାମ' ନାମ ପାଇଥିଲେ । ତାଙ୍କ ଜନ୍ମ ପୂର୍ବରୁ ମାତା, ପିତାଙ୍କ ୩ ପୁଅ ଓ ୧ ଝିଅ ଥିଲେ, କିନ୍ତୁ ୩ଟି ପୁଅର ଶିଶୁକାଳରେ ମୃତ୍ୟୁ ହୋଇଥିଲା । ପୁରୁଷ ଶିଶୁଙ୍କ ଉପରେ କୌଣସି ଅଭିଶାପ ଅଛି ବୋଲି ଭୟରୁ, ଛୋଟ ରାମଚନ୍ଦ୍ରକୁ କିଛି ବର୍ଷ ପର୍ଯ୍ୟନ୍ତ ଝିଅଟିଏ ପରି ପାଳନ କରାଯାଇଥିଲା । ତାଙ୍କ ନାକରେ ଛେଦ କରି 'ନଥ' (ନାକର ଅଳଙ୍କାର) ପିନ୍ଧାଇଥିଲେ । ଏହି କାରଣରୁ ସେ 'ନାଥୁରାମ' ଅର୍ଥାତ୍ "ନାକରେ ନଥ ପିନ୍ଧିଥିବା ରାମ" ନାମରେ ପରିଚିତ ହେଲେ । ପରେ ତାଙ୍କ ଛୋଟଭାଇ ଜନ୍ମିଲାପରେ, ତାଙ୍କୁ ପୁଅ ଭାବରେ ପରିଚିତ କରାଇଲେ । ଗୋଡସେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ବାରାମତୀର ଏକ ସ୍ଥାନୀୟ ବିଦ୍ୟାଳୟରେ ପଢିଲେ, ତା ପରେ ସେ ପୁଣେରେ ଏକ ସଂପର୍କୀୟ ମାଉସୀଙ୍କ ସହିତ ରହି, ଇଂରାଜୀ ବିଦ୍ୟାଳୟରେ ଶିକ୍ଷା ପାଇବାକୁ ଯାଇଥିଲେ ।

ସେ ୩୦ ଜାନୁଆରୀ ୧୯୪୮ରେ ନୂଆଦିଲ୍ଲୀରେ ଗାନ୍ଧୀଙ୍କୁ ଛାତିରେ ତିନିଥରି ଗୁଳି ମାରିଥିଲେ । ପୁଣେର ଏହି ହିନ୍ଦୁ ରାଷ୍ଟ୍ରବାଦୀଙ୍କ ମତରେ ଗାନ୍ଧୀ ଭାରତ ବିଭାଜନ ସମୟରେ ମୁସଲମାନଙ୍କ ଅସଂଗତ ରାଜନୈତିକ ଦାବିକୁ ସମଥର୍ନ କରିଥିଲେ । ନାରାୟଣ ଆପ୍ଟେ ଓ ଅନ୍ୟ ୬ ଜଣଙ୍କ ସହିତ ମିଶି ସେ ଗାନ୍ଧୀଙ୍କ ହତ୍ୟାର ଚକ୍ରାନ୍ତ କରିଥିଲେ । ପ୍ରାୟ ୧ ବର୍ଷ ଧରି ତାଙ୍କ ବିରୁଦ୍ଧରେ ଅପରାଧିକ ମାମଲା ଚାଲିବା ପରେ, ୮ ନଭେମ୍ବର ୧୯୪୯ରେ ଗୋଡସେଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଦଣ୍ଡକୁ ପରିବର୍ତ୍ତନ କରିବା ପାଇଁ ଗାନ୍ଧୀଙ୍କ ଦୁଇ ପୁଅ - ମଣିଲାଲ ଗାନ୍ଧୀ ଓ ରାମଦାସ ଗାନ୍ଧୀ ଅନୁରୋଧ କରିଥିଲେ, କିନ୍ତୁ ଏହି ଅନୁରୋଧକୁ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ, ଉପପ୍ରଧାନମନ୍ତ୍ରୀ ବଲ୍ଲଭଭାଇ ପଟେଲ ଓ ଗଭର୍ଣ୍ଣର ଜେନେରାଲ୍ ସି. ରାଜଗୋପାଳାଚାରୀ ପ୍ରତ୍ୟାଖ୍ୟାନ କରିଥିଲେ । ୧୫ ନଭେମ୍ବର ୧୯୪୯ରେ ଗୋଡସେଙ୍କୁ ଅମ୍ବାଲା ସେଂଟ୍ରାଲ୍ ଜେଲରେ ଫାସି ଦିଆଯାଇଥିଲା ।

ସବୁ ରେସ୍‌ରେ ଆଗୁଆ କରୀନା

ବଲିଉଡର ବେବୋ କହିଲେ ସାଧାରଣତଃ କରୀନାଙ୍କୁ ହିଁ ବୁଝାଏ। ଏହି ଅଭିନେତ୍ରୀ ନିଜ ଚତୁର କଳାର ସଂରଚନାରେ ବଲିଉଡ୍‌ରେ ବେଶ୍ ଦବ୍‌ଦବା ରଖିପାରିଛନ୍ତି। ନିଜ ଅଭିନୟର ଯାଦୁରେ ପ୍ରଶଂସକମାନଙ୍କ ହୃଦୟରେ ବସା ବାନ୍ଧିଥିବାବେଳେ ନିଜର ରିଲ୍ ଲାଇଫ୍‌କୁ ନେଇ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ବେବୋଙ୍କର ଜନ୍ମଦିନରେ ବହୁ ଅଭିନେତା ଓ ତାଙ୍କ ପ୍ରଶଂସକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ମଙ୍ଗଳକାମନା କରିଛନ୍ତି। ବଲିଉଡ୍‌ରେ କରୀନାର ରହିଛି ସ୍ୱତନ୍ତ୍ର ପରିଚୟ। ଶୋବିଜ୍ ଦୁନିଆରେ କରୀନାଙ୍କର ଏକ ଭିନ୍ନ ବ୍ୟକ୍ତିତ୍ୱ ଅଛି। ସେ ହୁଏତ ପ୍ରତିବର୍ଷ ଚଳଚ୍ଚିତ୍ର କରିନପାରନ୍ତି, କିନ୍ତୁ ଇଣ୍ଡଷ୍ଟ୍ରିରେ ରହିଛି ତାଙ୍କର ଜଲୱା। ଯେତେବେଳେ କରୀନା କିଛି ନୂଆ ଟ୍ରେଣ୍ଡ ଷ୍ଟାର୍ଟ କରନ୍ତି, ଏହା ପରଠୁ ବଲିଉଡରେ ଚାଲେ ସେହି ଟ୍ରେଣ୍ଡ। ଏମିତି କୁହାଯାଏ ବାକି ଅଭିନେତ୍ରୀମାନେ ତାଙ୍କୁ ଅନୁସରଣ କରନ୍ତି। ସେ ସାଇଜ୍ ଜିରୋ ଫିଗର୍ ହେଉ ବା ବ୍ଲଣ୍ଡ କେଶ ସବୁଥିରେ ସେ ରେସ୍‌ରେ ଆଗୁଆ। ବଲିଉଡରେ ଏମିତି ଅନେକ ଧାରା ସେ ସ୍ଥିର କରିଛନ୍ତି। ଯେତେବେଳେ କରୀନା ଜିରୋ ସାଇଜ୍ ଟ୍ରେଣ୍ଡ କରିଥିଲେ, ସେ ବୋଧହୁଏ ଭାବି ନଥିଲେ ଯେ ପ୍ରଶଂସକଙ୍କ ମଧ୍ୟରେ ଏହା କେତେ କ୍ରେଜ୍ ହୋଇଯିବ। କରୀନା ଟସନ ଚଳଚ୍ଚିତ୍ର ପାଇଁ ତାଙ୍କ ଲୁକ୍ ପରିବର୍ତ୍ତନ କଲେ। ଯେଉଁଥିରେ ସେ ବିକିନି ପିନ୍ଧି ସେ ନିଜର ଜିରୋ ସାଇଜ୍ ଫଟୋ ସେୟାର କରିଥିଲେ। ଆଉ ଏହି ଫଟୋ ଦେଖିବା ପରେ ମତୁଆଲା ହୋଇଯାଇଥିଲେ ଦର୍ଶକ। ସୈଫ ଅଲି ଖାନଙ୍କ ସହ କରୀନାଙ୍କର ଥିଲା ଏହା ପ୍ରଥମ ଚଳଚ୍ଚିତ୍ର। ତେବେ ଏଥିପାଇଁ କରୀନାଙ୍କୁ ବହୁତ ଗାଳି ଶୁଣିବାକୁ ପଡିଥିଲା। ଖବର ଅଛି ଯେ ସେଟରେ ସୁଟିଂ କରିବା ସମୟରେ କରୀନା ଅନେକ ଥର ଦୁର୍ବଳ ହୋଇଯାଇଥିଲେ। ବାସ୍ତବ ଜୀବନରେ ତାଙ୍କର ଏହି ପଦକ୍ଷେପ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିଥିଲା। ସେ ଟ୍ରେଣ୍ଡ ଏତେ ପପୁଲାର ଥିଲା ଯେ, ସେବେଠୁ ବି ଚାଲିଆସୁଛି ସେ ପରମ୍ପରା। ଏହା ସ୍ୱୀକାର କରିବାକୁ ହେବ ଯେ କରୀନା ସର୍ବଦା କିଛି ନୂଆ ଚେଷ୍ଟା କରିବାରେ ସର୍ବଦା ଆଗୁଆ। ସେଥିପାଇଁ କରୀନା ଏପରି କଲେ ଯାହା କେହି କେବେ କରିନାହାଁନ୍ତି। ତଥାପି ବଲିଉଡରେ ନିଜର ନୂଆ ଟ୍ରେଣ୍ଡ ବଜାୟ ରଖିବାରେ ସେ ଅନେକ ଅଭିନେତ୍ରୀଙ୍କୁ ପଛରେ ପକାଇଛନ୍ତି।

ଶହେ ଭାଷା କହିପାରୁଥିବା ରୋବୋର୍ଟ



ଇରାନ୍‌ର ତେହେରାନ୍ ବିଶ୍ୱବିଦ୍ୟାଳୟ ଏଭଳି ଏକ ରୋବୋର୍ଟ ତିଆରି କରିଛି ଯାହା ଶହେଟି ଭିନ୍ନ ଭିନ୍ନ ଭାଷା ବୁଝିପାରିବା ସହ ଅନୁବାଦ ବି କରିପାରୁଛି। କେବଳ ଏତିକି ନୁହେଁ ଏହା ମୁହଁ ଚିହ୍ନିବା ସହ ଫୁଟବଲ୍‌କୁ କିକ୍ ମାରିପାରେ। ଏକ ରିପୋର୍ଟ ଅନୁସାରେ, ବିଶ୍ୱବିଦ୍ୟାଳୟର ଏକ ଟିମ୍ ଚାରି ବର୍ଷ ଧରି ଏହି ରୋବୋର୍ଟ ତିଆରି କରିଥିଲେ। ଏହାର ନାଁ 'ସୁରେନା'। ରିପୋର୍ଟ ଅନୁସାରେ ଏହି ରୋବୋର୍ଟ ଯେ କୌଣସି ଜିନିଷକୁ ଉଠାଇପାରିବ। ଖାଲି ସେତିକି ନୁହେଁ, ଲୋକମାନଙ୍କ ସହ ହାତ ମିଳାଇ ଅଭିନନ୍ଦନ ଜଣାଇପାରିବ। ସୂତ୍ର ଅନୁସାରେ, ୧୭୦ ସେଣ୍ଟିମିଟର୍ ଲମ୍ବ ଏବଂ ୭୦ କିଲୋଗ୍ରାମ୍ ଓଜନର ସୁରେନା ଘଣ୍ଟା ପ୍ରତି ୭ କିଲୋମିଟର୍ ଗତିରେ ଚାଲିବାକୁ ସକ୍ଷମ ଏବଂ ଆବଡ଼ା-ଖାବଡ଼ା ଜାଗାରେ ଆଗପଛ ତଥା ବାମ-ଡାହାଣକୁ ମୁହଁ ବୁଲାଇପାରିବ।

ବିଶ୍ୱ ରେକର୍ଡ କରିବାର ନିଶା

କୌଣସି କ୍ଷେତ୍ରର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ସମ୍ପର୍କରେ ଜାଣିବାକୁ ଉତ୍ସୁକତା ରହିବା ସ୍ୱାଭାବିକ। ତେବେ ସମୟାନୁକ୍ରମେ ସଂପୃକ୍ତ ପ୍ରଦର୍ଶନକାରୀଙ୍କ ଠାରୁ ଉନ୍ନତ ପ୍ରଦର୍ଶନ ପୂର୍ବକ ତାଙ୍କଠାରୁ ଆଉ କେହି ଶ୍ରେୟ ଛଡ଼ାଇ ନେଇ ନିଜ ନାମରେ ତାହାକୁ ଲିପିବଦ୍ଧ କରିବା ଏକ ପ୍ରଥା ପାଲଟିଗଲାଣି। ତେଣୁ ବିଭିନ୍ନ କ୍ଷେତ୍ରରେ ବିଶ୍ୱ ରେକର୍ଡମାନ ସୃଷ୍ଟି ହୋଇ ଭାଙ୍ଗିଚାଲିଛି। ଏହାର ଟିକିନିଖି ହିସାବ ରଖିବା ପାଇଁ ମଧ୍ୟ ଗିନିସ୍ ୱାର୍ଲଡ୍ ରେକର୍ଡସ୍ ପରି ସଂସ୍ଥା ଅନବରତ ସଜାଗ ରହିଛନ୍ତି। ତେବେ ରୋଚକ କଥା ହେଲା, ଏପରି ନୂଆ ନୂଆ ରେକର୍ଡ କରିବା, ଅର୍ଥାତ୍ ଅନ୍ୟ ଦ୍ୱାରା ସ୍ଥାପିତ ରେକର୍ଡକୁ ଭଙ୍ଗ କରିବାରେ ମଧ୍ୟ ରେକର୍ଡ ସୃଷ୍ଟି ହୋଇ ଚାଲିଛି। ଆଶ୍ରିତ ଫର୍ମାନ ହେଉଛନ୍ତି ଏଭଳି ଜଣେ ବ୍ୟକ୍ତି ଯିଏ କି ବିଶ୍ୱ ରେକର୍ଡ ସୃଷ୍ଟି କରିବାରେ ରେକର୍ଡ କରିଛନ୍ତି। ସେ ବହୁବାର ନିଜ ରେକର୍ଡକୁ ନିଜେ ଭାଙ୍ଗିବା ସହ ଅଦ୍ୟାବଧି ୬୦୦ରୁ ଅଧିକ ଗିନିସ ୱାର୍ଲଡ୍ ରେକର୍ଡ ସୃଷ୍ଟି କରିଛନ୍ତି। ସେଥିରୁ ୫୩୦ଟି ରେକର୍ଡକୁ ବର୍ତ୍ତମାନ ସୁଦ୍ଧା କେହି ଭାଙ୍ଗି ପାରିନାହାନ୍ତି। କେବଳ ସେତିକି ନୁହେଁ, ଏକାଦିକ୍ରମେ ସେ ୧୦୦ଟି ରେକର୍ଡ ସୃଷ୍ଟି କରିବାର ମଧ୍ୟ ବିରଳ ରେକର୍ଡ ସ୍ଥାପନ କରିଛନ୍ତି। ନ୍ୟୁୟର୍କର ବ୍ରୁକଲିନ୍‌ଠାରେ ୧୯୫୪ ସେପ୍ଟେମ୍ବର ୧୬ ତାରିଖରେ ଜନ୍ମିତ ଫର୍ମାନ୍ ୧୯୭୯ ମସିହାରୁ ଅନ୍ୟମାନଙ୍କ ରେକର୍ଡ ଭାଙ୍ଗିବା ଆରମ୍ଭ କରିଥିଲେ। ଏପରିକି ସେ ସମସ୍ତ ସାତଟି ଯାକ ମହାଦେଶର ୪୦ଟି ଦେଶରେ ନିଜର କୃତିତ୍ୱ ପ୍ରଦର୍ଶନ ପୂର୍ବକ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ଦ୍ୱାରା ସ୍ଥାପିତ ବିଭିନ୍ନ ରେକର୍ଡଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସ୍ୟାକ୍ ରେସିଂ (ବସ୍ତା ଦୌଡ଼), ସ୍କିପିଙ୍ଗ୍ (ଦଉଡ଼ି ଡିଆଁ), ମିଲ୍କ ବଟଲ୍ ବାଲାନ୍ସିଂ (ମୁଣ୍ଡ ଉପରେ କ୍ଷୀର ବୋତଲ ଭାରସାମ୍ୟ କରି ରଖିବା), ସମରସଲ୍ଟିଂ, ଷ୍ଟିଲ୍ଟ ୱାକିଂ (ଶୂନ୍ୟରେ ବନ୍ଧା ଦଉଡ଼ି ଉପରେ ଚାଲିବା), ଆଙ୍ଗୁଠିରେ ଏକ ଲମ୍ବା ଖୁଣ୍ଟକୁ ଭାରସାମ୍ୟ କରି ରଖିବା, ବେଲୁନ୍ ଫୁଙ୍କିବା, ଛୁରୀ ଫିଙ୍ଗି ଧରିବା, ବଲ୍ ଉପରେ ସିଧା ହୋଇ ବସିରହିବା, ଦଉଡ଼ି ଉପରେ ଚାଲି ଚାଲି ଉଚ୍ଚତମ ପାହାଡ଼ ଚଢ଼ିବା ଏବଂ ଚାବୁକ ଉପରେ କୌଣସି ବସ୍ତୁକୁ ସ୍ଥିର କରି ରଖିବା ଆଦି ରହିଛି।

ବଦଳିଯିବ ସାରା ବିଶ୍ୱର ନକ୍ସା

ପୃଥିବୀ ପ୍ରତି ସେକେଣ୍ଡରେ ବିନାଶ ଆଡେ ବଢିବାକୁ ଲାଗିଛି। ଏହାକୁ ଅଟକାଇବା କାହା ପକ୍ଷେ ବି ସମ୍ଭବ ନୁହେଁ। ନିକଟରେ ହୋଇଥିବା ଏକ ଅଧ୍ୟୟନରେ ଏନେଇ ଖୁଲାସା ହୋଇଛି । ଏହି ଅଧ୍ୟୟନକୁ ଏକ ଜର୍ଣ୍ଣାଲରେ ପ୍ରକାଶ କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ୫ ବଡ ପ୍ରାକୃତିକ ବିପଦ ସାମ୍ନାରେ ଠିଆ ହୋଇଛି ପୃଥିବୀ। ଏଥିମଧ୍ୟରୁ ସବୁଠାରୁ ବଡ ବିପଦ ହେଉଛି ଆଣ୍ଟାର୍ଟିକା ଏବଂ ଗ୍ରୀନଲ୍ୟାଣ୍ଡର ବରଫ। ଏହି ବରଫ ଲଗାତର ତରଳୁଛି। ୟୁନିଭର୍ସିଟି ଅଫ୍ ଏକ୍ସଟରର ରିସର୍ଚ୍ଚର୍ସ ଟିମ୍ ଲେଣ୍ଟନ୍ କହିଛନ୍ତି କି ଏହା ସାରା ବିଶ୍ୱର ନକସା ହିଁ ବଦଳାଇଦେବ। ଯଦି ଆପଣ ମହାକାଶରୁ ପୃଥିବୀକୁ ଦେଖିବେ ତେବେ ଆପଣଙ୍କୁ ସମୁଦ୍ର ଜଳସ୍ତରରେ ବୃଦ୍ଧି ଦେଖିବାକୁ ମିଳିବ। ଯେଉଁ ପ୍ରାକୃତିକ ବିପଦ କଥା କୁହାଯାଉଛି ସେନେଇ ଟିମ୍ ଲେଣ୍ଟନ ୨୦୦୮ରେ ଏକ ଅଧ୍ୟୟନ କରିଥିଲେ। ଉଭୟ ଅଧ୍ୟୟନରେ ଏକଥା ଉପରେ ଜୋର ଦିଆଯାଇଛି କି ଯଦି ଆମେ ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ୍ ୱାର୍ମିଂକୁ ରୋକିବାନି ତେବେ ପ୍ରକୃତି ନିଜେ ଏହାର ପ୍ରତିଶୋଧ ନେବ। କାରଣ ଏକ ନିର୍ଦ୍ଧାରିତ ସୀମା ପରେ ତାର ସହିବାର ସୀମା ସମାପ୍ତ ହୋଇଯିବ। ସେ ନିଜେ ନଷ୍ଟ ହେବ, ଏବଂ ଜୀବଜନ୍ତୁଙ୍କୁ ମଧ୍ୟ ନଷ୍ଟ କରିବ। ଯଦି ଆଜିର ତାରିଖରେ ଗ୍ଲୋବାଲ ୱର୍ମିଂ ଅଟକିଯାଏ ତେବେ ମଧ୍ୟ ବରଫ ତରଳିବା ଅଟକିବନି। ସମୁଦ୍ରରେ ଆସୁଥିବା ପରିବର୍ତ୍ତନକୁ ରୋକାଯାଇହେବନି। ସାଇନ୍ସ ଜର୍ଣ୍ଣାଲରେ ଛପିଥିବା ପ୍ରଥମ ୨୦୦ ଅନ୍ୟ ଷ୍ଟଡିଜର ବିଶ୍ଲେଷଣ ମଧ୍ୟ କରାଯାଇଛି। ଯାହା ଫଳରେ ଏହା ଜଣାପଡିବ କି ଏହି ୫ ପ୍ରାକୃତିକ ବିପଦକୁ ପୃଥିବୀ କେବେ ପାର୍ କରିପାରିବ ଏବଂ ଏଥିରୁ ଜଣାପଡିଲା କି ଏବେ ୯ ଗ୍ଲୋବାଲ ଟିପିଂ ପଏଣ୍ଟ ରହିଛି ଯାହା ପୃଥିବୀର ସାରା ସିଷ୍ଟମକୁ ଖରାପ କରୁଛି। ଏହା ବ୍ୟତୀତ ୭ ଆଞ୍ଚଳିକ ଟିପିଂ ପଏଣ୍ଟ ମଧ୍ୟ ରହିଛି। ଏହି ୧୬ ଟିପିଂ ପଏଣ୍ଟ ମଧ୍ୟରୁ ୫ ଏମିତି ପଏଣ୍ଟ ରହିଛି ଯାହା ଆଜି ବି ଉପସ୍ଥିତ ଅଛି। ପ୍ରଥମ ହେଉଛି ଗ୍ରୀନଲ୍ୟାଣ୍ଡ୍ ଏବଂ ଆଣ୍ଟାର୍ଟିକାର ବରଫ। ଦ୍ୱିତୀୟଟି ହେଉଛି ହେଉଛି ପର୍ମାଫ୍ରାଷ୍ଟର ଶେଷ ହେବା। ତୃତୀୟଟି ହେଉଛି ଲାବରାଡୋର ସାଗରରେ କନଭେକ୍ସନର ଅଭାବ। ତେବେ ସବୁଠାରୁ ଭୟଙ୍କର ହେବ ଯଦି ଗ୍ରୀନଲ୍ୟାଣ୍ଡ ଏବଂ ଆଣ୍ଟାର୍ଟିକା ସମ୍ପୂର୍ଣ୍ଣ ତରଳିଯିବ। ଟିମ୍ ଲେଣ୍ଟନ କହିଛନ୍ତି କି ଯଦି ଆଣ୍ଟାର୍ଟିକା ଏବଂ ଗ୍ରୀନଲ୍ୟାଣ୍ଡର ବରଫ ସମ୍ପୂର୍ଣ୍ଣ ତରଳିଯିବ ତେବେ ଜଳସ୍ତର ୧୦ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅର୍ଥାତ୍ ୩୨.୮୦ ଫୁଟ। ଏହାର ଅର୍ଥ ବିଶ୍ୱର ଅନେକ ବଡ ବଡ ଦେଶ ଅଧାରୁ ଅଧିକ ବୁଡିଯିବ। କିଛି ଦେଶ ସମ୍ପୂର୍ଣ୍ଣ ଗାଏବ ହୋଇଯିବ। ଲଗାତର ବଢୁଥିବା ଉତ୍ତାପ ଯୋଗୁଁ କୋରାଲ ରିଫ୍ସ ଧିରେ ଧିରେ ମରୁଛନ୍ତି। ଏଥିଯୋଗୁଁ ପରୋକ୍ଷରେ ତାଙ୍କ ସାହାରାରେ ବଞ୍ଚୁଥିବା ୫୦ କୋଟି ଲୋକ ମଧ୍ୟ ପ୍ରାଣ ହରାଇବେ।

ଶରୀର ପାଇଁ ଅମୃତ ବେଲପତ୍ର : ପ୍ରତିଦିନ ଖାଇଲେ ୫ ସମସ୍ୟା ହେବ ଦୂର

ସନାତନ ଧର୍ମରେ ବେଲପତ୍ରକୁ ଦେବାଧିଦେବ ମହାଦେବଙ୍କ ଅତି ପ୍ରିୟ ବୋଲି କୁହାଯାଏ। ତେଣୁ ପ୍ରତି ସୋମବାର, ସଂକ୍ରାନ୍ତି କିମ୍ବା ମହାଶିବରାତ୍ରି ଅବସରରେ ବେଲପତ୍ରକୁ ଆଗ ଖୋଜା ପଡ଼େ। ସାଧାରଣତଃ ବେଲପତ୍ର ପୂଜା, ପର୍ବରେ ବ୍ୟବହାର କରାଯାଏ କିନ୍ତୁ ଏହି ପତ୍ର ଅନେକ ରୋଗ ପାଇଁ ବି ରାମବାଣ ପରି କାମ କରେ। ଆୟୁର୍ବେଦ ଅନୁସାରେ, ପ୍ରତିଦିନ ସକାଳୁ ଖାଲି ପେଟରେ ୨ ରୁ ୩ ଟି ବେଲପତ୍ର ଚୋବାଇ ଖାଇଲେ ପେଟ ସମ୍ବନ୍ଧୀୟ ରୋଗ ଦୂର ହୁଏ। ଶରୀରରେ ଡିଟକ୍ସ, ହଜମ, ଡାଏବେଟିସ୍ ଏବଂ ଇମ୍ୟୁନିଟି ବୁଷ୍ଟ ଭଳି କାମ କରେ ବେଲପତ୍ର। ପୋଷକ ତତ୍ତ୍ୱରେ ଭରପୂର ଏହି ପତ୍ରରେ ଭିଟାମିନ୍ ଏ, ସି, ବି ଏବଂ ବି୬ ଭରପୂର ମାତ୍ରାରେ ଥାଏ। ପ୍ରତିଦିନ ସକାଳୁ ବେଲପତ୍ର ଚୋବାଇ ଖାଇଲେ ଶରୀରକୁ ଅନେକ ଫାଇଦା ମିଳିବା ସହ ନାନାଦି ରୋଗରୁ ମୁକ୍ତି ମଧ୍ୟ ମିଳେ। ପୂର୍ବରୁ ବାପା, ଜେଜେବାପା ବାରି, ବଗିଚାକୁ ଗଲେ ବେଲ ପତ୍ର ତୋଳି ଆଣୁଥିଲେ। ବେଳେ ବେଳେ ପୂଜା ପାଇଁ ତ ଆଉ କେତେବେଳେ ଚୋବାଇ ଖାଇବା ପାଇଁ। ବର୍ତ୍ତମାନ ପ୍ରତିଟି ରୋଗ ପାଇଁ ଔଷଧ ମିଳୁଥିଲେ ହେଁ ଗାଁ ମାନଙ୍କରେ ଆଜି ବି ପାଚନ ପ୍ରକ୍ରିୟାରେ ଅସୁବିଧା ହେଲେ ବେଲପତ୍ରକୁ ଚୋବାଇ ଖିଆଯାଏ। ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ପାଇଁ ବେଲପତ୍ରକୁ ଲାଭକାରୀ ବୋଲି କୁହାଯାଇଛି। ପ୍ରତିଦିନ ସକାଳୁ ବେଲପତ୍ର ଖାଇଲେ ପେଟ ସଫା ହୁଏ ଏବଂ ପାଚନକ୍ରିୟା ମଜବୁତ ହୁଏ। ଏଥିରେ ଥିବା ଫାଇବ ର୍ଏବଂ ଡିଟକ୍ସିଫାଇଙ୍ଗ୍ ତତ୍ତ୍ୱ ପେଟ ସଫା ରଖିବାରେ ସାହାଯ୍ୟ କରେ। କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଗ୍ୟାସ୍ ପାଇଁ ବେଲପତ୍ର ମହୌଷଧି ସମାନ। ଏଥିରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ଶରୀରରେ ବ୍ଲଡ୍ ସୁଗାରକୁ କଂଟ୍ରୋଲ୍ କରିବାରେ ସହାୟକ ହୁଏ। ପ୍ରତିଦିନ ବେଲପତ୍ର ଖାଇବା ଦ୍ୱାରା ଶରୀରରେ ଇନସୁଲିନ୍ କ୍ଷମତା ଉନ୍ନତ ହୁଏ ଏବଂ ବ୍ଲଡ୍ ଗ୍ଲୁକୋଜ ସ୍ତର କାବୁରେ ରୁହେ। ଏଥିରେ ଥିବା ପୋଟାସିୟମ ଏବଂ ଫାଇଟୋକେମିକାଲ୍ ରକ୍ତ ସଂଚାଳନକୁ ସନ୍ତୁଳିତ ରଖିଥାଏ। ଷ୍ଟ୍ରେସ୍ ହରମୋନ୍ ବା କାର୍ଟିସୋଲକୁ କମାଇ ହୃଦୟ କାର୍ଯ୍ୟକ୍ଷମତାକୁ ଏହା ଉନ୍ନତ କରିଥାଏ। ଏହା କୋଲେଷ୍ଟ୍ରୋଲକୁ କମ୍ କରି ହୃଦୟ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଯାହାଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗର ବିପଦ କମ୍ ହୁଏ। ପ୍ରତିଦିନ ବେଲପତ୍ର ଖାଇବା ଦ୍ୱାରା ଶରୀରରେ ଏନର୍ଜି ବୃଦ୍ଧି ହୁଏ। ଏହା ଲିଭରକୁ ଡିଟକ୍ସ କରି ଶରୀରରେ ମେଟାବଲିଜମକୁ ବୃଦ୍ଧି କରେ। କେବଳ ପତ୍ର ନୁହେଁ ବେଲ ଖାଇଲେ ମଧ୍ୟ ଶରୀରକୁ ଅନେକ ଫାଇଦା ମିଳିଥାଏ। ଏଥିରେ ଥିବା ଆଂଟି-ଅକ୍ସିଡେଂଟ୍ସ ଭାଇରାଲ୍ ଇନଫେକ୍ସନ, କାଶ, ଛିଙ୍କ ଏବଂ ଋତୁକାଳୀନ ଜ୍ୱରକୁ ଭଲ କରିବାର ସାମର୍ଥ୍ୟ ରଖେ। ବେଲ ପତ୍ରକୁ ଶୁଖାଇ ଏହାର ପାଉଡର ପ୍ରସ୍ତୁତ କରି ଆପଣ ଅନେକ ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରଖିପାରିବେ। ଗରମ ଦିନରେ ଏହାକୁ ଦହି କିମ୍ବା ଘୋଳ ଦହି ସହ ମିଶାଇ ଖାଇଲେ ଶରୀର ଥଣ୍ଡା ରୁହେ। ଏହା ଏସିଡିଟି କମ୍ କରିବା ସହ ପେଟ ଜଳାପୋଡ଼ା ଏବଂ ଭାରିପଣ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ।

ନ୍ୟାୟ ସଂହିତା କାର୍ଯ୍ୟକାରିତାରେ ଓଡ଼ିଶା ପଛରେ : ରାଙ୍କ ୧୪ରୁ ୨୮କୁ ଖସିଲା

ଭୁବନେଶ୍ୱର : ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କଠାରୁ ପଛରେ ପଡ଼ିଛି । ୨୦୨୪ ଜୁଲାଇ ପହିଲାରୁ ଏହି ନୂଆ ଆଇନ୍ ସାରା ଦେଶରେ ଲାଗୁ ହୋଇଥିବାବେଳେ ଏହାର ସଫଳ ରୂପାୟନ କ୍ଷେତ୍ରରେ ଓଡିଶାର ସ୍ଥାନ ତଳକୁ ଖସିବାରେ ଲାଗିଛି । ୨୦୨୫ ନଭେମ୍ବରରେ ଜାତୀୟ ରାଙ୍କିଙ୍ଗରେ ଓଡ଼ିଶା ୧୪ ନମ୍ବରରେ ଥିବାବେଳେ ଗତ ତିନି ମାସ ମଧ୍ୟରେ ୨୮ ସ୍ଥାନକୁ ଖସିଆସିଛି । କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ମୁତାବକ ୨୦୨୬ ଫେବ୍ରୁଆରିରେ ଜାତୀୟ ହାରାହାରି ମାର୍କ ୬୦.୩୫ ତୁଳନାରେ ଓଡ଼ିଶା ୮ପଏଂଟ ପଛରେ ରହିଛି । ତେବେ ଗୋଆ, ଆସାମ, ବିହାର ଓ ୟୁପି ଭଳି ରାଜ୍ୟ ଶୀର୍ଷରେ ଥିବାବେଳେ ମାତ୍ର ତିନି ମାସ ମଧ୍ୟରେ ଓଡ଼ିଶା ୧୪ ସ୍ଥାନରୁ ଉପରକୁ ଚଢ଼ିବା ବଦଳରେ ସିଧା ୧୪ ପାହାଚ ପଛକୁ ଖସି ୨୮ ସ୍ଥାନରେ ପହଂଚିଛି । ଆଇନର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ନୈରାଶ୍ୟଜନକ ପ୍ରଦର୍ଶନ ପରୋକ୍ଷରେ ରାଜ୍ୟ ପୁଲିସର ଅପାରଗତାକୁ ପଦାରେ ପକାଇଛି । କେନ୍ଦ୍ର ଗୃହ ମନ୍ତ୍ରାଳୟ ଜାତୀୟ ନ୍ୟାୟ ସଂହିତାର କାର୍ଯ୍ୟକାରିତାକୁ ୪ଟି କ୍ଷେତ୍ରରେ ବିଭକ୍ତ କରି ରାଜ୍ୟଗୁଡ଼ିକର ମାନଦଣ୍ଡ ନିର୍ଦ୍ଧାରଣ କରି ମାର୍କ ପ୍ରଦାନ କରିଛି । ପ୍ରଶାସନିକ ସଂସ୍କାର ପାଇଁ ୨୦%, କ୍ଷେତ୍ରସ୍ତରରେ କାର୍ଯ୍ୟଦକ୍ଷତା ପାଇଁ ୪୫%, ଜ୍ଞାନକୌଶଳ ବ୍ୟବହାର ପାଇଁ ୨୫% ଏବଂ ନ୍ୟାୟପାଳିକା ସମେତ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ୧୦% ମାର୍କ ନିର୍ଦ୍ଧାରଣ କରାଯାଇଛି । ତେବେ ପ୍ରଶାସନିକ ସଂସ୍କାର କ୍ଷେତ୍ରରେ ଓଡ଼ିଶା ୨୦ରୁ ୨୦ ଓ ସମନ୍ୱୟ କ୍ଷେତ୍ରରେ ୧୦ରୁ ୧୦ ମାର୍କ ହାତେଇଛି । କ୍ଷେତ୍ରସ୍ତରରେ କାର୍ଯ୍ୟଦକ୍ଷତା ଓ ଜ୍ଞାନକୌଶଳ ପ୍ରୟୋଗରେ ରାଜ୍ୟର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ । କ୍ଷେତ୍ରସ୍ତରରେ କାର୍ଯ୍ୟଦକ୍ଷତାରେ ୪୫ରୁ ଓଡ଼ିଶା ମାତ୍ର ୧୮.୫୬ ମାର୍କ ପାଇଛି । ହେଲେ ଗୋଆ, ଆସାମ, ରାଜସ୍ଥାନ, ମହାରାଷ୍ଟ୍ର, ବିହାର, ଗୁଜରାଟ ଭଳି ରାଜ୍ୟ ୨୫ ମାର୍କରୁ ଅଧିକ ପାଇଛନ୍ତି । ସେହିପରି ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କ୍ଷେତ୍ରରେ ଓଡ଼ିଶା ୨୫ ମାର୍କରୁ ମାତ୍ର ୪.୧୬ ମାର୍କ ପାଇଛି । ପଶ୍ଚିମବଙ୍ଗ, ନାଗାଲାଣ୍ଡ, ମିଜୋରାମକୁ ଛାଡ଼ିଦେଲେ ବାକି ସମସ୍ତ ରାଜ୍ୟର ପ୍ରଦର୍ଶନ ଓଡ଼ିଶାଠାରୁ ଉନ୍ନତ । ଏମିତିକି ଆସାମ ୧୬.୧୪ ଓ ହରିୟାଣା ୧୫.୩୫ ମାର୍କ ରଖିଛନ୍ତି । ଜାତୀୟ ହାରାହାରି ମାର୍କ ୧୩.୪୨ ପ୍ରତିଶତ ରହିଥିବାବେଳେ ଓଡ଼ିଶା ୩ ଭାଗରୁ ଭାଗ ପାଇନାହିଁ । ଅନ୍ୟପକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜ୍ୟ ପୁଲିସ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ୪ କୋଟି ଟଙ୍କା ବ୍ୟୟରେ 'ନ୍ୟାୟ ସଂହିତା ପ୍ରଦର୍ଶନୀ' କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଗୃହମନ୍ତ୍ରୀ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ବୁଲିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ କେନ୍ଦ୍ର ଗୃହମନ୍ତ୍ରୀ ପ୍ରଦର୍ଶନୀସ୍ଥଳକୁ ଆସିଲେ ନାହିଁ । ଅନ୍ୟପଟେ ପୁଲିସ ଡିଜି ୱାଇବି ଖୁରାନିଆ କହିଛନ୍ତି ଯେ ବର୍ତ୍ତମାନ ଆମ ସ୍ଥାନ ୨୪ରେ ରହିଛି । ଦୁଇଟି କାରଣ ଯୋଗୁଁ ଆମେ ପଛରେ ରହିଛୁ । ପ୍ରଥମ କାରଣଟି ହେଲା ମେଡିକାଲ୍ ଓ ଥାନା ମଧ୍ୟରେ ଇ-ତଥ୍ୟ ଆଦାନପ୍ରଦାନରେ ସମସ୍ୟା ରହିଛି । ବ୍ୟବଚ୍ଛେଦ ରିପୋର୍ଟ ହେଉ କି ଅନ୍ୟ ତଥ୍ୟକୁ ଆପ୍ ମାଧ୍ୟମରେ ତଦନ୍ତକାରୀ ଅଧିକାରୀ ସିଧାସଳଖ ପାଇବେ । ସେହିପରି ନ୍ୟାୟପାଳିକା ସହ ଥାନା ମଧ୍ୟରେ ଭିଡିଓ କନ୍‌ଫରେନ୍‌ସିଂ ବ୍ୟବସ୍ଥାରେ ମଧ୍ୟ ଆମେ ପଛରେ ରହିଛୁ ।

ପୁରୀକୁ ଆସିବନି କୌଣସି ଟ୍ରେନ୍

ପୁରୀ : ପୁରୀକୁ ୬୫ ଦିନ ଯାଏ ଯିବନି ଟ୍ରେନ୍ । ପୁରୀ ରେଳ ଷ୍ଟେସନର ଚାଲିଛି ନବୀକରଣ । ଷ୍ଟେସନ ପରିସରରେ ଥିବା ରେଳଧାରଣାକୁ କଂକ୍ରିଟ୍‌ଯୁକ୍ତ କରାଯିବାକୁ ଯୋଜନା ହୋଇଛି । ଅର୍ଥାତ୍ ଟ୍ରାକ୍‌ରେ ଆଉ ଗୋଡ଼ି ରହିବ ନାହିଁ । ଏହା ସହିତ ୭ ନମ୍ବର ଓ ୮ ନମ୍ବର ପ୍ଲାଟ୍‌ଫର୍ମର ଉନ୍ନତୀକରଣ ହେବ । ସେଥିପାଇଁ ଆସନ୍ତା ୧୧ ତାରିଖରୁ ମେ ମାସ ୧୬ ତାରିଖ ଯାଏଁ ରେଳ ସେବା ପ୍ରଭାବିତ ହେବ । ଏହି ୬୫ ଦିନ ପର୍ଯ୍ୟନ୍ତ କୌଣସି ଟ୍ରେନ୍ ପୁରୀ ଆସିବ ନାହିଁ । ଟ୍ରେନ୍ ଗୁଡ଼ିକ ସାକ୍ଷୀଗୋପାଳ, ମାଳତିପାଟପୁର ଓ ବୀରହରେକୃଷ୍ଣପୁର ପର୍ଯ୍ୟନ୍ତ ଆସିବ ଏବଂ ଛାଡ଼ିବ । ସେ ପର୍ଯ୍ୟନ୍ତ ଯିବାଆସିବା ପାଇଁ ବସ୍ ବ୍ୟବସ୍ଥା ହେବ । ଟ୍ରେନ୍ ଛାଡ଼ିବା ଓ ପହଂଚିବା ସମୟ ସହ ଷ୍ଟେସନ ବାବଦରେ ଯାତ୍ରୀମାନେ ରେଳବାଇ ଅନୁସନ୍ଧାନରୁ ସୂଚନା ସଂଗ୍ରହ କରିବାକୁ ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି । ସାକ୍ଷୀଗୋପାଳ ପର୍ଯ୍ୟନ୍ତ ୭ଟି ଟ୍ରେନ୍ ଆସିବ ଏବଂ ଛାଡ଼ିବ । ସେଗୁଡ଼ିକ ହେଉଛନ୍ତି ଲୋକମାନ୍ୟ ତିଳକ ଏକ୍ସପ୍ରେସ୍, ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍, କାମାକ୍ଷା-ପୁରୀ ଏକ୍ସପ୍ରେସ୍, ତିରୁପତି-ପୁରୀ ଏକ୍ସପ୍ରେସ୍, ଦୂରନ୍ତ ଏକ୍ସପ୍ରେସ୍, ଭାଲସାଡ୍-ପୁରୀ ଓ ସମ୍ବଲପୁର ଇଂଟରସିଟି । ଯେଉଁ ସବୁ ଦିନମାନଙ୍କରେ ଏହି ଟ୍ରେନ୍ ପୁରୀ ଆସୁଥିଲା ସେହି ଦିନରେ ଏ ସବୁ ସାକ୍ଷୀଗୋପାଳରୁ ଛାଡ଼ିବ ।

ରାଜ୍ୟରେ ଖାଲି ପଡ଼ିଛି ୪,୬୦୭ ଡାକ୍ତର ପଦବୀ



ଭୁବନେଶ୍ୱର: ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର ଅଭାବ ଏବେ ଏକ ଗୁରୁତର ଚିନ୍ତାର ବିଷୟ ପାଲଟିଛି । ନିକଟରେ ବିଧାନସଭାରେ ବିଧାୟକ ପବିତ୍ର ସାଉଁତାଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସଂପର୍କରେ ଉଦବେଗଜନକ ତଥ୍ୟ ଉପସ୍ଥାପନ କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିୟମ ଅନୁଯାୟୀ, ପ୍ରତି ୧୦୦୦ ଜଣ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ଜରୁରୀ । କିନ୍ତୁ ଓଡ଼ିଶାରେ ଏହି ଅନୁପାତ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବର୍ତ୍ତମାନ ରାଜ୍ୟରେ ପ୍ରତି ୧୨୬୫ ଜଣ ଲୋକଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଅଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟରେ ମୋଟ ୧୫,୭୯୩ଟି ଡାକ୍ତର ପଦବୀ ମଞ୍ଜୁର ହୋଇଥିବା ବେଳେ ସେଥିରୁ ୪,୬୦୭ଟି ପଦବୀ ଖାଲି ପଡ଼ିଛି । ଏହା ବ୍ୟତୀତ ପ୍ରାୟ ୧,୪୫୯ ଜଣ ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଯାଇଥିବାରୁ ଚିକିତ୍ସାଳୟଗୁଡ଼ିକରେ କାର୍ଯ୍ୟଭାର ବଢୁଛି । ଡାକ୍ତରଙ୍କ ଏହି ବଡ଼ ଧରଣର ଅଭାବ ବିଶେଷ କରି ଗ୍ରାମାଂଚଳର ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଛି । ସାଧାରଣ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଏହି ଖାଲି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ଏବେ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ସହ ପର୍ଯ୍ୟାପ୍ତ ମାନବ ସମ୍ବଳ ନିଯୁକ୍ତି ହିଁ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ ।

ନାଲ୍‌କୋର ମାନବ ସମ୍ବଳ ଇଡି : ଆଶୁତୋଷ ରଥ

ଭୁବନେଶ୍ୱର: ନ୍ୟାସନାଲ୍ ଆଲୁମିନିୟମ କଂପାନି ଲିମିଟେଡ୍ (ନାଲ୍‌କୋ)ର ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ) ଆଶୁତୋଷ ରଥଙ୍କୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ମାନବ ସମ୍ବଳ) ଭାବେ ପଦୋନ୍ନତି ମିଳିଛି । ଏହା ପୂର୍ବରୁ ସେ ଇଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ । ସେ କଂପାନିର ପ୍ରତିଭା ପରିଚାଳନା, ସାଂଗଠନିକ ବିକାଶ, କର୍ମଚାରୀଙ୍କ ସହଭାଗିତା ଓ ନୀତି ପ୍ରଣୟନ ଭଳି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି । ତାଙ୍କ ନେତୃତ୍ୱରେ ନାଲ୍‌କୋ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ଓ ମନୋବଳ ବଢ଼ିଛି ଏବଂ ରଣନୈତିକ ମାନବ ସମ୍ବଳ ପଦକ୍ଷେପଗୁଡ଼ିକ ତ୍ୱରାନ୍ୱିତ ହୋଇପାରିଛି । ଆଗାମୀ ଦିନରେ ସେ କଂପାନିର ମାନବ ସମ୍ବଳ ବିଭାଗକୁ ଆହୁରି ସୁଦୃଢ଼ କରିବା ସହ ସଂଗଠନର ଉଚ୍ଚ କାର୍ଯ୍ୟଦକ୍ଷତା ଓ ପ୍ରଗତିଶୀଳ ସଂସ୍କୃତିକୁ ବଜାୟ ରଖିବା ନିମନ୍ତେ ଆଶାବାଦୀ ବୋଲି କହିଛନ୍ତି ।

ରକ୍ଷଣାବେକ୍ଷଣ ଅଭାବରୁ ଅସ୍ତିତ୍ୱ ହରାଉଛି ଗଜପତିର ପାରଳା ରାଜପ୍ରାସାଦ

ଗଜପତି: ଓଡ଼ିଶାର ଗୌରବ, ରାଜ୍ୟର ପ୍ରମୁଖ ଐତିହ୍ୟ କୀର୍ତ୍ତିରାଜି ମଧ୍ୟରେ ଅନ୍ୟତମ ଗଜପତିର 'ପାରଳା ରାଜପ୍ରାସାଦ' ଆଜି ଅବହେଳାର ଶିକାର ହୋଇଛି । ରକ୍ଷଣାବେକ୍ଷଣ ଅଭାବରୁ ଗଜପତି ମହାରାଜାଙ୍କ ଏହି ଭବ୍ୟ ପ୍ରାସାଦ ଆଜି ନିଜ ପରିଚୟ ହରାଉଛି । ଏହାକୁ ଜାତୀୟ ସ୍ମାରକୀ ଘୋଷଣା ନେଇ ବାରମ୍ବାର ଦାବି ହୋଇଛି । ଓଡ଼ିଶାର ଏକମାତ୍ର ବକିଂହାମ୍ ପ୍ୟାଲେସ୍ ଶୈଳୀରେ ନିର୍ମିତ ମହଲା ୨୫ ଏକର ପରିମିତ ଜମିରେ ପରିବେଷ୍ଟିତ ଏହି ଭବ୍ୟ ପ୍ରସାଦ ହେଉଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ବାସସ୍ଥାନ । ଯାହା ଆଜି ଶ୍ରୀହୀନ । ପ୍ରାସାଦର ଅଧିକାଂଶ ଅଂଶ ନଷ୍ଟ ହୋଇ ଦରବାରର ମୁଖ୍ୟ ହଲ୍‌ରୁ ପାଣି ଗଳୁଛି । ରାଣୀ ମହଲର ଉପରଭାଗ ଭୁଶୁଡ଼ିପଡ଼ିଲାଣି । ବର୍ତ୍ତମାନ ପ୍ରାସାଦରେ ହାତଗଣତି କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ରାଜଜେମା ସୁଶ୍ରୀ କଲ୍ୟାଣୀ ଦେବୀ ବେଳେବେଳେ ଆସୁଛନ୍ତି । ଐତିହ୍ୟକୁ ସୁରକ୍ଷା ଦେବାକୁ ଭୁଲିଯାଇଛନ୍ତି ସରକାର । ଜଗନ୍ନାଥ ଗଜପତି ନାରାୟଣ ଦେଓ (ତୃତୀୟ) ଏହି ପ୍ରାସାଦ ନିର୍ମାଣ କରିଥିଲେ । ୧୮୮୫ରେ ଏଥିପାଇଁ ପ୍ରାୟ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏହାର ଡିଜାଇନ୍ ପ୍ରସ୍ତୁତ କରିଥିଲେ ଚେଶୋଲମ୍ ନାମକ ଜଣେ ୟୁରୋପୀୟ । ସୁନାରଙ୍ଗରେ ସଜ୍ଜିତ କାନ୍ଥ ଓ ବଡ଼ କାଠରେ ନିଖୁଣ କାରୁକାର୍ଯ୍ୟ ପ୍ରାସାଦର ମୁଖ୍ୟ ଆକର୍ଷଣ । ଏଠାରୁ ହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ମୂଳଦୁଆ ପଡ଼ିଥିଲା । ସ୍ୱତନ୍ତ୍ର ଉତ୍କଳର ଗୌରବ ବହନ କରୁଥିବା ଏହି ଐତିହ୍ୟ ଆଜି ନିଜ ପରିଚୟ ଖୋଜୁଛି । ରାଜପ୍ରାସାଦର ପୁନରୁଦ୍ଧାର ସହ ଏହାକୁ ଜାତୀୟ ସ୍ମାରକୀ ମାନ୍ୟତା ଦେବାକୁ ବହୁବାର ଦାବି ଉପସ୍ଥାପନ କରାଯାଇଛି । କିଛିବର୍ଷ ତଳେ ଏହାକୁ ଜାତୀୟ ସ୍ମାରକୀ ଘୋଷଣା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ଏଥିପାଇଁ କୌଣସି ପ୍ରକ୍ରିୟା ଆରମ୍ଭ ହୋଇପାରିନି । ଯାହା ଲୋକଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି ।

ଖରାଦିନେ ହେବନି ବିଦ୍ୟୁତ୍ କାଟ

ଭୁବନେଶ୍ୱର: ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ୩୦ ଜିଲା, ଟ୍ୱିନ୍ ସିଟି, ୧୦ ପୌରାଂଚଳ ପାଇଁ ହିଟୱେଭ ଆକ୍ସନ ପ୍ଲାନ ହୋଇଛି । ତେବେ ରାଜ୍ୟ ଓ ଜିଲାସ୍ତରରେ ୨୪ ଘଂଟିଆ କଂଟ୍ରୋଲ ରୁମ ଖୋଲିଛି ।

ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ, ପୁରୀଠାରେ ଓଡ଼ିଆ ଉଇକିପିଡ଼ିଆ କର୍ମଶାଳା ଅନୁଷ୍ଠିତ

ପୁରୀ: ପୁରୀ ସ୍ଥିତ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟରେ ଓଡ଼ିଆ ଉଇକିମିଡିଆନ୍ସ ଇଉଜର ଗ୍ରୁପ୍ ଦ୍ୱାରା ଏକ କ୍ଷୁଦ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟାପକ ଡ. ଲୋକନାଥ ସୁଆରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଓଡ଼ିଆ ଉଇକିପିଡ଼ିଆରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଉଇକିଆଳି ଅଲିଭା ସାହୁ ସଂଚାଳନା କରିଥିଲେ ଏବଂ ଉଇକିପିଡ଼ିଆ ସମୁଦାୟ ବିଷୟରେ ସମ୍ୟକ ସୂଚନା ପ୍ରଦନା କରିଥିଲେ । ଅନ୍ୟତମ ଉଇକିଆଳି ସଂଗ୍ରାମ କେଶରୀ ସେନାପତି ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ ଏବଂ ଉଇକିପିଡ଼ିଆ ତଥା ଉଇକିମିଡିଆ ସମୁଦାୟର ବିଭିନ୍ନ ପ୍ରକଳ୍ପରେ କିପରି ଭାବରେ ଯୋଗ ଦେଇହେବ ତଥା ସଂପାଦନା କରିହେବ, ସେ ବାବଦରେ ପ୍ରଶିକ୍ଷଣ ଦେଇଥିଲେ । ସମାଜସେବୀ ଅଭିଶେକ ଶ୍ରୀଚନ୍ଦନ ଏବଂ ମହାବିଦ୍ୟାଳୟର ଛାତ୍ର ତନ୍ମୟ କୁମାରଙ୍କ ସହଯୋଗରେ ଏହି କର୍ମଶାଳାରେ ମହାବିଦ୍ୟାଳୟର ୪୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଉଇକିପିଡ଼ିଆର ୨୫ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳନ ହେଉଥିବା ମେଳଣ ଓ କର୍ମଶାଳାମାନ ଆୟୋଜନ କରାଯାଉଛି । ପୂର୍ବରୁ, ଭୁବନେଶ୍ୱର ଓ ଭଦ୍ରକ ଜିଲ୍ଲା ମହୋତ୍ସବ ସମୟରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି ।

ସରକାରଙ୍କ ନିର୍ଦ୍ଦେଶକୁ ନାହିଁ ସରକାରୀ ବାବୁଙ୍କ ଖାତିର !

ଭୁବନେଶ୍ୱର : ସରକାର ସଂପତ୍ତି ତାଲିକା ମାଗୁଛନ୍ତି, ହେଲେ ବାବୁ ତାଲିକା ଦେବାକୁ ନାରାଜ । ବାରମ୍ବାର ତାଗିଦ ସତ୍ତ୍ୱେ ଅମାନିଆ ବାବୁ ନିଜ ଜିଦରେ ଅଟଳ । ଡେଡଲାଇନ ପୁରିବାକୁ ଆଉ ହାତରେ ମାତ୍ର କେଇଟା ଦିନ । ହେଲେ ଏବେ ବି ଲକ୍ଷାଧିକ ସରକାରୀ ବାବୁ ସଂପତ୍ତି ତାଲିକା ନଦେଇ ସରକାରଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇଦେଇଛନ୍ତି । ସତେ ଯେମିତି ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଟିକିଏ ବି ଭୟ ନାହିଁ । ପ୍ରଥମେ ଡେଡଲାଇନ ଘୁଂଚିଲା, ଏବେ ସରିବାକୁ ବସିଲାଣି । ହେଲେ ସରକାରୀ ବାବୁଙ୍କର ନିଦ ଭାଙ୍ଗୁନି । ସରକାରଙ୍କ ନାଲିଆଖିକୁ ବି ଭୟ ନାହିଁ । ସଂପତ୍ତି ତାଲିକା ନ ଦେବାକୁ ଯେମିତି ମନସ୍ଥିର କରିଛନ୍ତି ଲକ୍ଷାଧିକ ସରକାରୀ ବାବୁ । ବିଧାନସଭାରୁ ଆସିଥିବା ଉତ୍ତରରେ କିଛି ଏଭଳି ତଥ୍ୟ ସାମ୍ନାକୁ ଆସିଛି । ସିଏମ୍‌ଜିଆଇରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାର୍ଚ୍ଚ ୨ ତାରିଖ ସୁଦ୍ଧା ୧ ଲକ୍ଷ ୨୫ ହଜାର ୮୪୭ ଜଣ ସରକାରୀ କର୍ମଚାରୀ ସଂପତ୍ତି ତାଲିକା ଦାଖଲ କରିନାହାନ୍ତି । ପ୍ରଶ୍ନ ଉଠୁଛି, ସଂପତ୍ତି ତାଲିକା ଦାଖଲ ନକରି କ'ଣ ଲୁଚାଇବାକୁ ଚାହୁଁଛନ୍ତି ବାବୁ ? ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଛନ୍ତି କି ଅମାନିଆ ବାବୁ? କାର୍ଯ୍ୟାନୁଷ୍ଠାନ ନେବାକୁ କାହିଁକି କୁନ୍ଥୁକୁନ୍ଥୁ ସରକାର ? ଜାନୁଆରି ୩୧ ସୁଦ୍ଧା ସଂପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସରକାର । ଅବଧି ସରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନନେଇ ମାର୍ଚ୍ଚ ୩୧ ଯାଏଁ ଡେଡଲାଇନ ବଢାଇଛନ୍ତି ସରକାର । କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି । ପ୍ରଶ୍ନ ଉଠୁଛି, ବାବୁମାନେ ସରକାରଙ୍କ ଚେତାବନୀକୁ ମାନିବେ ତ ? ଅନ୍ୟପଟେ କାର୍ଯ୍ୟାନୁଷ୍ଠାନର ଭୟ ନଥିବାରୁ ବାବୁଙ୍କ ମନମାନି ବଢୁଥିବା କହିଛନ୍ତି ବିରୋଧୀ । ଅନେକ ବଡ଼ ବାବୁଙ୍କ ଘରେ ଭିଜିଲାନ୍ସ ଚଢାଉରେ ପୁଳା ପୁଳା ଆୟ ବହିର୍ଭୂତ ସଂପତ୍ତି ବାହାରୁଛି । ତେଣୁ ଅମାନିଆ ବାବୁ ସଂପତ୍ତି ତାଲିକା ନଦେବା ଯେତିକି ସନ୍ଦେହଜନକ ସେତିକି ପ୍ରଶ୍ନବାଚୀ । କଳାଧନକୁ ସୁରକ୍ଷା ଦେବାକୁ ସଂପତ୍ତି ତାଲିକା ଦେଉନାହାନ୍ତି କି ବାବୁ ?

ପଂଚମ, ଅଷ୍ଟମ ବୋର୍ଡ ପରୀକ୍ଷା ଆରମ୍ଭ; ଫେଲ୍ ହେଲେ ଦେବାକୁ ପଡ଼ିବ ସପ୍ଲିମେଂଟାରି ପରୀକ୍ଷା

ଭୁବନେଶ୍ୱର: ଆରମ୍ଭ ହେଲା ପଂଚମ ଓ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷା । ଜାତୀୟ ଶିକ୍ଷା ନୀତି ଅନୁସାରେ ଏଥର ପଂଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷାରେ ୩୦ ପ୍ରତିଶତ ମାର୍କ ରଖିଲେ ପାସ କରିବେ ଛାତ୍ରଛାତ୍ରୀ । ଫେଲ ହେଲେ ୬ସପ୍ତାହ ଭିତରେ ସପ୍ଲିମେଂଟାରୀ ପରୀକ୍ଷା ଦେବେ । ବ୍ୟବସ୍ଥାକୁ ସ୍ୱାଗତ କରିଛନ୍ତି ଅଭିଭାବକ । ତେବେ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ମାଟ୍ରିକ ବୋର୍ଡ ଭଳି ପ୍ରଥମ ଥର ପାଇଁ ଏଥର ଅଷ୍ଟମ ଶ୍ରେଣୀରେ ଛାତ୍ରଛାତ୍ରୀ ଦେଇଛନ୍ତି ବୋର୍ଡ ପରୀକ୍ଷା । ପାସ ପାଇଁ ଦରକାର ୩୦ପ୍ରତିଶତ ମାର୍କ । କମ୍ ନମ୍ବର ରଖିଲେ ଫେଲ୍ । ଆଉ ଫେଲ ହେଲେ ୬ ସପ୍ତାହ ଭିତରେ ଦେବେ ସପ୍ଲିମେଂଟାରୀ ପରୀକ୍ଷା । ସକାଳ ୭ଟାରୁ ୯ଟା ଏବଂ ୯ଟା ୩୦ରୁ ୧୧ଟା ୩୦ ଦୁଇଟି ସିଟିଂରେ ହୋଇଛି ପରୀକ୍ଷା । ମାଟ୍ରିକ ପରୀକ୍ଷା ଭଳି ଷ୍ଟ୍ରଙ୍ଗ ରୁମରେ ରହିଛି ପ୍ରଶ୍ନପତ୍ର । ସକାଳୁ ସ୍ୱତନ୍ତ୍ର ସୁରକ୍ଷାରେ ସ୍କୁଲରେ ପହଁଚିଥିଲା ପ୍ରଶ୍ନପତ୍ର । ପରୀକ୍ଷା ପାଇଁ ବ୍ଲକସ୍ତରରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ପ୍ରତି ସ୍କ୍ୱାର୍ଡରେ ୩ଜଣ ଲେଖାଏଁ ସଦସ୍ୟ ରହିଛନ୍ତି । ସେହିଭଳି ଜିଲ୍ଲା ଓ ରାଜ୍ୟସ୍ତରରେ ମଧ୍ୟ ସ୍କ୍ୱାର୍ଡ ରହିଛନ୍ତି । ପ୍ରତିଦିନ ୫ ରୁ ୬ଟି ସ୍କୁଲ ନିରୀକ୍ଷଣ କରିବେ ଏହି ସ୍କ୍ୱାର୍ଡ । ସମାନ ଭାବେ ପଂଚମ ଶ୍ରେଣୀର ବୋର୍ଡ ପରୀକ୍ଷା ମଧ୍ୟ ଆରମ୍ଭ ହୋଇଛି । ପଂଚମ ଶ୍ରେଣୀ ପିଲାଙ୍କ ପାଇଁ ୫୦ମାର୍କର ପରୀକ୍ଷା ଥିବାବେଳେ ସେଥିରୁ ୧୦ମାର୍କର ମୌଖିକ ଓ ୪୦ମାର୍କର ଲିଖିତ ପରୀକ୍ଷା ହୋଇଛି । ସେହିଭଳି ଅଷ୍ଟମ ଶ୍ରେଣୀରେ ୫୦ମାର୍କର ଲିଖିତ ପରୀକ୍ଷା ହୋଇଛି । ସେଥିରୁ ପ୍ରଶ୍ନପତ୍ରରେ ୩୦ମାର୍କ ଅର୍ଥାତ ୬୦ପ୍ରତିଶତ ସଂକ୍ଷିପ୍ତ ପ୍ରଶ୍ନ ରହିଥିବା ବେଳେ ୨୦ମାର୍କର ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ରହିଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଶୃଙ୍ଖଳା ଓ ସଚେତନତା ବୃଦ୍ଧି କରିବାରେ ଏଭଳି ବ୍ୟବସ୍ଥା ବେଶ ସହାୟକ ହେବ ବୋଲି କହିଛନ୍ତି ଅଭିଭାବକ । କିନ୍ତୁ ସ୍ୱଚ୍ଛତାର ସହ ପରୀକ୍ଷା ପରିଚାଳନା ପାଇଁ ଅନୁରୋଧ କରିଛନ୍ତି । ପରୀକ୍ଷା ପରେ ସ୍କୁଲସ୍ତରରେ ବିଷୟ ଅନୁସାରେ ଶିକ୍ଷକମାନେ ଖାତା ଦେଖିବେ । ମୂଲ୍ୟାୟନ ପରେ ଛାତ୍ରଛାତ୍ରୀଙ୍କୁ ପ୍ରୋଗ୍ରେସ୍ ରିପୋର୍ଟ ଦିଆଯିବ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତିଯୋଗିତାକୁ ନଜରରେ ରଖି ଗଣଶିକ୍ଷା ବିଭାଗ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଛି ।

ଗୃହ କାର୍ଯ୍ୟକୁ ଠିକ ଭାବେ ପରିଚାଳନା କରିବା ମୋ ଦାୟିତ୍ୱ: ଓମ୍ ବିର୍ଲା

ନୂଆଦିଲ୍ଲୀ:ଅନାସ୍ଥା ପ୍ରସ୍ତାବ ଖାରଜ ପରେ ଲୋକସଭା ବାଚସ୍ପତି ଆସନରେ ବସିଲେ ଓମ୍ ବିର୍ଲା । ବିରୋଧୀଙ୍କ ପ୍ରତିଟି ଅଭିଯୋଗର ଉତ୍ତର ରଖିଲେ ଓମ୍ ବିର୍ଲା । ନିୟମ ଉର୍ଦ୍ଧ୍ୱରେ ଗୃହରେ କୌଣସି ସଦ୍ୟସ ନୁହଁନ୍ତି ବୋଲି ବିର୍ଲା କହିଛନ୍ତି । ଗୃହ କାର୍ଯ୍ୟକୁ ଠିକ ଭାବେ ପରିଚାଳନା କରିବା ମୋ ଦାୟିତ୍ୱ । ମୁଁ ଗୃହର ଗରିମା ବୃଦ୍ଧି ପାଇଁ ସବୁବେଳେ ଉଦ୍ୟମରତ । ନିରପେକ୍ଷ ଭାବେ ଗୃହ କାର୍ଯ୍ୟ ପରିଚାଳନା ପାଇଁ ଚେଷ୍ଟା କରିଛି । ମାଇକ ସୁଇଚ୍ କୁ ଅଫ୍ କରାଯାଇଥିବା ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କଲେ । ବାଚସ୍ପତି ଆସନ ନିକଟରେ କୌଣସି ମାଇକ ସୁଇଚ ନଥାଏ । କୌଣସି ସଦସ୍ୟଙ୍କ ପ୍ରତି ମୁଁ ପକ୍ଷପାତିତା କରିନି ବୋଲି ଓମ୍ ବିର୍ଲା କହିଛନ୍ତି । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି । ପ୍ରବଳ ହଟ୍ଟଗୋଳ ଓ ନାରାବାଜି ମଧ୍ୟରେ ବାଚନିକ ଭୋଟ୍ ଜରିଆରେ ଏହି ପ୍ରସ୍ତାବକୁ ଖାରଜ କରାଯାଇଛି । ସଂଖ୍ୟା ଦୃଷ୍ଟିରୁ ଏନଡିଏ ପକ୍ଷ ଶକ୍ତିଶାଳୀ ଥିବାରୁ ଏହି ପ୍ରସ୍ତାବ କାଟ୍ ହେବା ପୂର୍ବରୁ ଅନୁମାନ କରାଯାଉଥିଲା । ବାଚସ୍ପତିଙ୍କୁ ହଟାଇବା ପାଇଁ ଅତିକମରେ ୨୭୨ ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ବିରୋଧୀଙ୍କ ପାଖରେ ମାତ୍ର ୨୩୮ ସାଂସଦ ରହିଛନ୍ତି । ଅନ୍ୟପଟେ ଭାଜପା ନେତୃତ୍ୱାଧୀନ ଏନଡିଏ ପାଖରେ ୨୯୩ ସାଂସଦଙ୍କ ସମର୍ଥନ ରହିଥିବାରୁ ଓମ ବିର୍ଲା ବାଚସ୍ପତି ପଦରେ ବଜାୟ ରହିଛନ୍ତି ।

ଓଡ଼ିଶା ସଚିବାଳୟରେ 'ବଡ଼ ବାବୁ'ଙ୍କ ଅଭାବ

ଭୁବନେଶ୍ୱର: ଓଡ଼ିଶାର ସଚିବାଳୟରେ ଏବେ ଅଧିକାରୀଙ୍କ ଘୋର ଅଭାବ ଦେଖାଦେଇଛି । ବିଧାନସଭାରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତଥ୍ୟ ଅନୁଯାୟୀ, ସଚିବାଳୟର ବିଭିନ୍ନ ବର୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି । ସବୁଠାରୁ ଅଧିକ ୩୬୫ଟି ଉପବିଭାଗ ଅଧିକାରୀ ଏବଂ ୩୪୮ଟି ସହକାରୀ ଉପବିଭାଗ ଅଧିକାରୀ ପଦବୀ ଶୂନ୍ୟ ରହିଛି । ଏହା ବ୍ୟତୀତ ୧୦୫ ଜଣ ଅନୁଶାସନ ସଚିବ, ଜଣେ ଅତିରିକ୍ତ ଶାସନ ସଚିବ, ୨ ଜଣ ଯୁଗ୍ମ ଶାସନ ସଚିବ, ୨ ଜଣ ଉପଶାସନ ସଚିବ ଏବଂ ୪ ଜଣ ଡେସ୍କ ଅଫିସରଙ୍କ ପଦବୀ ମଧ୍ୟ ପୂରଣ ହୋଇନାହିଁ । ଏତେ ସଂଖ୍ୟକ ପଦବୀ ଖାଲି ରହିବା ଫଳରେ ସରକାରୀ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ବାଧା ସୃଷ୍ଟି ହେବା ସହ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ଚାପ ବଢୁଛି । ଏବେ ନୂତନ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ଯଦି ଏହି ପଦବୀଗୁଡ଼ିକ ଶୀଘ୍ର ପୂରଣ ନହୁଏ, ତେବେ ସଚିବାଳୟର ଗତିଶୀଳତା ପ୍ରଭାବିତ ହେବାର ସମ୍ଭାବନା ରହିଛି ।

ଦିଲ୍ଲୀ ଦେଶର ପ୍ରଥମ ରିଙ୍ଗ୍ ମେଟ୍ରୋ ରାଜଧାନୀ: ପିଙ୍କ୍ ଲାଇନ୍‌ର ରିଙ୍ଗ୍ ନେଟୱାର୍କ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଙ୍କ୍ ଲାଇନର ୧୨.୩ କିଲୋମିଟର ଲମ୍ବା ମଜଲିସ୍ ପାର୍କ-ମୌଜପୁର-ବାବରପୁର ସେକ୍ସନ ଏବଂ ମାଜେଂଟା ଲାଇନର ୯.୯ କିଲୋମିଟର ଲମ୍ବା ଦୀପାଲିସ୍ ଛକ-ମଜଲିସ୍ ପାର୍କ ସଂପ୍ରସାରଣକୁ ଉଦ୍‌ଘାଟନ କରିଛନ୍ତି । ଏହା ସହିତ ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ପର୍ଯ୍ୟାୟ -୫(ଏ) ଅନ୍ତର୍ଗତ ତିନୋଟି ନୂତନ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପିଙ୍କ୍ ଲାଇନର ନୂତନ ସେକ୍ସନ କରିଡରର ବୃତ୍ତାକାର ଆଲାଇନ୍‌ମେଂଟକୁ ସଂପୂର୍ଣ୍ଣ କରି ଏହାକୁ ଦେଶର ପ୍ରଥମ କାର୍ଯ୍ୟକ୍ଷମ ରିଙ୍ଗ୍ ମେଟ୍ରୋ ନେଟୱାର୍କ କରିବ । ଏହା ଦ୍ୱାରା ଦିଲ୍ଲୀ ଦେଶର ପ୍ରଥମ ରିଙ୍ଗ୍ ମେଟ୍ରୋ ରାଜଧାନୀ ହୋଇପାରିଛି । ମଜଲିସ୍ ପାର୍କ-ମୌଜପୁର-ବାବରପୁର ବିଭାଗରେ ନଅଟି ଷ୍ଟେସନ୍ ଅଛି । ସବୁ ଏଲିଭେଟେଡ୍ କରାଯାଇଛି । ଏହା ଦ୍ୱାରା ଉତ୍ତର ଏବଂ ଉତ୍ତର ପୂର୍ବ ଦିଲ୍ଲୀ ମଧ୍ୟରେ ସଂଯୋଗ ସହଜ ହେବ ବୋଲି ଆଶା କରାଯାଉଛି । ଏହି ଷ୍ଟେସନଗୁଡ଼ିକ ହେଉଛି ମଜଲିସ୍ ପାର୍କ, ବୁରାରୀ, ଜଗତପୁର-ୱାଜିରାବାଦ, ସୋରଘାଟ, ସୋନିଆ ବିହାର, ଖଜୁରୀ ଖାସ୍, ଭଜନପୁରା, ଯମୁନା ବିହାର, ଏବଂ ମୌଜପୁର-ବାବରପୁର । ଯମୁନା ଉପରେ ଏକ ନୂତନ ସେତୁ ଏବଂ ମେଟ୍ରୋ ଲାଇନ ଏବଂ ଏକ ରାସ୍ତା ଫ୍ଲାଏଓଭର ଉଭୟକୁ ବହନ କରୁଥିବା ଏକ ଡବଲ-ଡେକର ଭାୟାଡକ୍ଟ । ପ୍ରଧାନମନ୍ତ୍ରୀ ମାଜେଂଟା ଲାଇନର ଏକ ଉଚ୍ଚ ସଂପ୍ରସାରଣ, ଦୀପାଲି ଚୌକ-ମଜଲିସ୍ ପାର୍କ କରିଡର ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଏହା ମଧୁବନ ଚୌକ, ଉତ୍ତର ପିତାମପୁରା-ପ୍ରଶାନ୍ତ ବିହାର, ହାଇଦରପୁର ବଦଲି ମୋର ଏବଂ ଭାଲସ୍ୱା ଭଳି ଅଂଚଳଗୁଡ଼ିକୁ ସଂଯୋଗ କରିବ । ଏହି ସେକ୍ସନରେ ମୋଟ ସାତଟି ଷ୍ଟେସନ ରହିବ । ମାଜେଂଟା ଲାଇନ କରିଡରର କିଛି ଅଂଶ ପ୍ରାୟ ୨୮.୩୬ମିଟର ଉଚ୍ଚତାରେ ପହଂଚିଛି । ଯାହା ଏହାକୁ ଦିଲ୍ଲୀ ମେଟ୍ରୋ ନେଟୱାର୍କର ସର୍ବୋଚ୍ଚ ଉଚ୍ଚତା ବିଶିଷ୍ଟ ଅଂଶ ମଧ୍ୟରୁ ଗୋଟିଏ କରିଛି । ଏହା ଯୋଡାଯିବା ଦ୍ୱାରା ଲାଇନର ମୋଟ ଲମ୍ବ ପ୍ରାୟ ୪୯ କିଲୋମିଟର ହେବ । ବର୍ତ୍ତମାନ, କରିଡରର ବଟାନିକାଲ୍ ଗାର୍ଡେନ୍-କୃଷ୍ଣ ପାର୍କ ଏକ୍ସଟେନ୍ସନ୍ ସେକ୍ସନ୍ କାର୍ଯ୍ୟକ୍ଷମ ଅଛି ।

ବିକ୍ରି ହେବ ୧୭୦ ବର୍ଷର ଖବର କାଗଜ

ନୂଆଦିଲ୍ଲୀ: ବିକ୍ରି ହୋଇଯିବ ୧୭୦ ବର୍ଷ ପୁରୁଣା ଖବର କାଗଜ କଂପାନି ଡେଲି ଟେଲିଗ୍ରାଫ୍ । ଲଣ୍ଡନର ଡେଲି ଗ୍ରାଫକୁ ପ୍ରାୟ ୭ ହଜାର କୋଟି ଟଙ୍କାରେ କ୍ରୟ କରିବାକୁ ଯାଉଛି ଜର୍ମାନୀର ସର୍ବବୃହତ୍ତ ଖବର ପ୍ରକାଶକ । ଜର୍ମାନ ମାସ୍-ମାର୍କେଟ୍ ଟାବଲଏଡ୍ ବିଲ୍ଡ ଏବଂ ବ୍ରଡସିଟ୍ ଡାଏ ୱେଲ୍‌ଟର ଆକ୍ସେଲ ସ୍ପ୍ରିଙ୍ଗର ୧୭୦ ବର୍ଷ ପୁରୁଣା ବ୍ରିଟିଶ ଖବରକାଗଜକୁ କିଣିବା ପାଇଁ ୫୭୫ ନିୟୁତ ପାଉଣ୍ଡ (ପ୍ରାୟ ୭୦୦୦ କୋଟି) ବ୍ୟୟ କରିବ । ତେବେ ଡେଲି ଟେଲିଗ୍ରାଫକୁ ୫୦୦ ନିୟୁତ ପାଉଣ୍ଡରେ କିଣିବାକୁ ରାଜି ଥିଲା ଡେଲି ମେଲ ପ୍ରକାଶକ ଡିଏମଜିଟି । ତାଠୁ ଅଧିକ ଟଙ୍କାରେ ଡେଲି ଟେଲିଗ୍ରାଫକୁ କିଣିବ ଆକ୍ସେଲ ସ୍ପ୍ରିଙ୍ଗର ଏସଇ । ଜର୍ମାନୀର ଆକ୍ସେଲ ସ୍ପ୍ରିଙ୍ଗର ଏସଇ ୟୁରୋପର ସବୁଠାରୁ ବଡ଼ ମିଡିଆ କଂପାନି । ୮୦ ବର୍ଷ ପୂର୍ବରୁ ୧୯୪୬ରେ ଏହାକୁ ପ୍ରତିଷ୍ଠା କରିଥିଲେ ଆକ୍ସେଲ ସ୍ପ୍ରିଙ୍ଗର । ୟୁରୋପରେ ରାଜ କରୁଥିବା ଆକ୍ସେଲ ସ୍ପ୍ରିଙ୍ଗର ଏବେ ଇଂରାଜୀ ଭାଷାଭାଷୀ ଦେଶରେ କାୟା ମେଲାଇବାକୁ ଯାଉଛି । ତେବେ ଡେଲି ଟେଲିଗ୍ରାଫର ଗରିମା ବଜାୟ ରଖିବାକୁ ଯଥାସମ୍ଭବ ଚେଷ୍ଟା କରାଯିବ ବୋଲି ଜର୍ମାନୀ ମିଡିଆ ଆକ୍ସେଲ ସ୍ପ୍ରିଙ୍ଗର ପକ୍ଷରୁ କୁହାଯାଇଛି । ତେବେ ଡେଲି ଟେଲିଗ୍ରାଫ ଏବେ ଆମେରିକାରେ ମଧ୍ୟ ପ୍ରସାରିତ ହେବ । ୨୦୨୧ରେ ପଲଟିକୋକୁ ୧ ବିଲିୟନ୍ ଡଲାରରେ କ୍ରୟ କରିଥିବା ଆକ୍ସେଲ ସ୍ପ୍ରିଙ୍ଗର ଡେଲି ଟେଲିଗ୍ରାଫକୁ କ୍ରୟ କରିବାକୁ ଦ୍ୱିତୀୟ ସର୍ବାଧିକ ଅର୍ଥ ଖର୍ଚ୍ଚ କରିବାକୁ ଯାଉଛି । ଏହା ପୂର୍ବରୁ ୨୦୦୪ରେ ଡେଲି ଟେଲିଗ୍ରାଫକୁ କ୍ରୟ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲା ଆକ୍ସେଲ ସ୍ପ୍ରିଙ୍ଗର ଏସଇ । ଆକ୍ସେଲ ସ୍ପ୍ରିଙ୍ଗରର ସିଇଓ ମାଥିଆସ୍ ଡପଫନର କହିଛନ୍ତି ଯେ, ଟେଲିଗ୍ରାଫକୁ କିଣିବା ସୁବିଧା ଥିଲା କିନ୍ତୁ ଏହା ଦାୟିତ୍ୱ ବଢ଼ାଇଛି । ଏହାର ଗରିମାକୁ ସଂରକ୍ଷଣ ରଖିବା ସହ ଏହାକୁ ଇଂରାଜୀ ଭାଷାଭାଷୀ ବିଶ୍ୱରେ ସର୍ବାଧିକ ପଠିତ ଖବର କାଗଜ କରିବାକୁ ଚେଷ୍ଟା କରାଯିବ । ସେ କହିଛନ୍ତି ଯେ, ଟେଲିଗ୍ରାଫ୍ କର୍ମଚାରୀମାନେ ଦୀର୍ଘ ସମୟ ଧରି ଅନିଶ୍ଚିତତାର ସମ୍ମୁଖୀନ ହୋଇଥିଲେ । ସେହି ଅନିଶ୍ଚିତତାର ଅନ୍ତ କରିବାକୁ ଚାହୁଁଥିଲା ଆକ୍ସେଲ ସ୍ପ୍ରିଙ୍ଗର ।

ୱାର୍ଲଡ ଓଡ଼ିଶା ସୋସାଇଟି ଦ୍ୱାରା ଦିଲ୍ଲୀରେ ଶକ୍ତି ଉତ୍ସବ ଆୟୋଜିତ

ନୂଆଦିଲ୍ଲୀ: ୱାର୍ଲଡ ଓଡ଼ିଶା ସୋସାଇଟି ତରଫରୁ ଆନ୍ତର୍ଜାତୀୟ ମହିଳା ଦିବସକୁ 'ଶକ୍ତି ଉତ୍ସବ' ନାମରେ ନୂଆଦିଲ୍ଲୀଠାରେ ପାଳନ କରାଯାଇଛି । ଦିଲ୍ଲୀର ଏକ ନମ୍ବର ରାଇସୀନା ମାର୍ଗ ସ୍ଥିତ ପ୍ରେସ କ୍ଲବ ଅଫ ଇଣ୍ଡିଆର ସମ୍ମିଳନୀ କକ୍ଷରେ ଏହି ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିବା ବେଳେ ଆଭାସୀ ମଂଚ ଜରିଆରେ ସାରା ବିଶ୍ୱରୁ ବହୁ ଅଗ୍ରଣୀ ନାରୀନେତ୍ରୀ, ୱାର୍ଲଡ ଓଡ଼ିଶା ସୋସାଇଟିର କର୍ମକର୍ତ୍ତା ଓ ସଦସ୍ୟ, ପ୍ରବାସୀ ଓଡ଼ିଆ ତୁଙ୍ଗ ନେତୃବୃନ୍ଦ ଏବଂ ଭାରତର ବିଭିନ୍ନ ପ୍ରଦେଶ ତଥା ବିଦେଶରେ ଅବସ୍ଥାପିତ ଓଡ଼ିଆ ସମାଜ ଗୁଡ଼ିକର ଛାମୁଆ ପ୍ରତିନିଧିମାନେ ସାମିଲ ହୋଇଥିଲେ । ୱାଓସୋ ପକ୍ଷରୁ ପଂଚମ ଥର ପାଇଁ ଆୟୋଜନ କରାଯାଇଥିବା ଶକ୍ତି ଉତ୍ସବକୁ କେନ୍ଦ୍ରକରି ଉତ୍ସବ ସ୍ଥଳରେ ଉଭୟ ଆୟୋଜକ ଓ ଆଗନ୍ତୁକମାନଙ୍କ ମଧ୍ୟରେ ବେଶ ଆନନ୍ଦ, ଉଲ୍ଲାସ ଓ ଉତ୍ସାହ ପରିଲକ୍ଷିତ କରାଯାଇଥିଲା । ସମାବେଶକୁ ସମ୍ବୋଧନ କରି ମୁଖ୍ୟବକ୍ତା ୱାଓସୋର ପ୍ରତିଷ୍ଠାତ୍ରୀ ଡ଼ଃ. ଅରୁନ୍ଧତୀ ଦେବୀ ସମାଜର ସବୁ ସ୍ତରରେ ମହିଳାମାନେ ସ୍ୱୟଂସଂପନ୍ନା ହେବା ଦିଗରେ ଗୁରୁତ୍ୱ ଦେବା ସହ ୱାଓସୋ ପକ୍ଷରୁ ମହିଳା ବର୍ଗଙ୍କୁ ସଂପନ୍ନ ଓ ସଶକ୍ତ କରିବା ନେଇ ଚାଲୁଥିବା ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଉତ୍ସବରେ ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ସ୍ୱାଗତ ଭାଷଣ ପ୍ରସଙ୍ଗରେ ୱାର୍ଲଡ ଓଡ଼ିଶା ସୋସାଇଟିର ମହିଳା ସଦସ୍ୟାମାନେ ଏହି ସଂସ୍ଥାକୁ ଆରମ୍ଭ ସମୟରେ ମାତ୍ର କୋଡ଼ିଏଟି ଦେଶର ସଦସ୍ୟତାରୁ ଆଜି ଚଉସ୍ତରୀଟି ଦେଶ ପର୍ଯ୍ୟନ୍ତ ପହଂଚାଇବା ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରି ଆସିଥିବା ପ୍ରକାଶ କରିଥିଲେ । ୱାଓସୋର ଉପଦେଷ୍ଟା ନଳିନୀ ରଞ୍ଜନ ମହାନ୍ତି, ପ୍ରାକ୍ତନ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ, ବରିଷ୍ଠ ପ୍ରଶାସକ ସଂଜୀବ ପାଟଯୋଶୀ, ଭାରତୀୟ ପ୍ରେସ କ୍ଲବର ପୂର୍ବତନ ସଭାପତି ଗୌତମ ଲହିରି, କାନବେରାରୁ ୱାଓସୋର ଉପାଧ୍ୟକ୍ଷ ଡ଼ଃ. ନଳିନୀ ପତି, ମାଂଚେଷ୍ଟରରୁ ମହାସଚିବ ଶିବ ରଞ୍ଜନ ବିଶ୍ୱାଳ, ଟରୋଂଟୋରୁ ମହିଳା ଶାଖା ସଭାପତି ଡ଼ଃ. ସୁନନ୍ଦା ମିଶ୍ର ପଣ୍ଡା, ବିଶ୍ୱରେ ମହିଳାମାନଙ୍କର ସାଂପ୍ରତିକ ସମସ୍ୟା ଓ ସୁଯୋଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ୱାଓସୋର ସାଧାରଣ ସଂପାଦକ ପୁଷ୍ପାଞ୍ଜଳି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଶକ୍ତି ଉତ୍ସବ ଅବସରରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ମହୀୟସୀ ମହିଳାମାନଙ୍କୁ ମହାନାରୀ ସମ୍ମାନ ଓ ନାରୀରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ରୋଟାରୀର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର, ସ୍ୱନାମଧନ୍ୟ ସମାଜସେବୀ ତଥା ଲୁମିନସ୍ ଇନଫୋୱେଜର ସହ ପ୍ରତିଷ୍ଠାତ୍ରୀ ଓ ସଭାପତି ଜୟଶ୍ରୀ ମହାନ୍ତି ଏବଂ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଶିକ୍ଷାବିତ ପୂର୍ଣ୍ଣଶ୍ରୀ ରାଉତଙ୍କୁ ମହିଳା ସଶକ୍ତିକରଣ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ମହାନାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମାଜର ବିଭିନ୍ନ କ୍ଷେତ୍ରରେ ନାରୀ ଉତ୍‌ଥାନ ନେଇ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଥିବା ପ୍ରମୁଖ ମହିଳା ଯଥା: ଡ଼ଃ. କିରଣ ଜୈନ, ସରିତା ମହାପାତ୍ର, ଡ଼ଃ. ହରପ୍ରିୟା ଧଳ, ପୂଜା ଖଣ୍ଡୁଆଳ, ଡ଼ଃ. ଚନ୍ଦନା ରାଉଳ, ସୁଜାତା ଚୌଧୁରୀ, ସବିତା ସାହୁ, ଶୁଭ୍ରଲୀନା ମହାନ୍ତି, ସ୍ନିଗ୍ଧା ଦାସ, ବନ୍ଦନା ମହାନ୍ତି, ମଧୁମିତା ନାୟକ ସାହୁ, ଦୀପିକା ମିଶ୍ର, ମୃଣ୍ମୟୀ ପ୍ରିୟଦର୍ଶିନୀ, ଅଭୀପ୍ସା ରଥ, ଦୀପାଳୀ ପାଣି, ନିବେଦିତା ଜେନା, ପ୍ରଦୋଷ କୁମାରୀ, ସଙ୍ଗୀତା ମହାନ୍ତି, ପ୍ରିୟତମା କର, ସୀମରନ୍ ଜମାନ, ଅର୍ଚ୍ଚନା ପରିଡ଼ା, ସ୍ୱପ୍ନାରାଣୀ ରାଉତ ଏବଂ ରେଣୁକା ଜେନା ପ୍ରମୁଖଙ୍କୁ ନାରୀରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ବେଙ୍ଗାଲୁରୁସ୍ଥିତ ବରିଷ୍ଠ ସାମ୍ବାଦିକ ରଞ୍ଜନ ଆଚାର୍ଯ୍ୟ ଏବଂ ବି.ଏମ୍. ଫାଉଣ୍ଡେସନର ପ୍ରତିଷ୍ଠାତା ବ୍ରଜ ପଣ୍ଡାଙ୍କୁ ମହିଳା ସଶକ୍ତିକରଣ ନେଇ ତାଙ୍କର ବିଶେଷ ଯୋଗଦାନ ଯୋଗୁଁ ଏହି ଅବସରରେ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସ୍ଥାପିକା ପ୍ରତିମା ଶର୍ମା କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ନନ୍ଦନ ଦ୍ୱିବେଦୀ ଓ ଅଙ୍କିତ ମୌର୍ଯ୍ୟ ଡିଜିଟାଲ କକ୍ଷକୁ ଦକ୍ଷତାର ସହିତ ପରିଚାଳନା କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବଦ୍ରି ମହାପାତ୍ର, ସୁଧୀର କୁମାର ଦାଶ,ସଂଗ୍ରାମ ମିଶ୍ର, ମନ୍ମଥ କୁମାର ରାଉତ, ତନ୍ମୟ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ମିଶ୍ର, ନିଗମାନନ୍ଦ ପୃଷ୍ଟି, ସଂଜୀବ ଆଚାର୍ଯ୍ୟ, ସଂଗ୍ରାମ ପାଢ଼ୀ, ଉମାକାନ୍ତ ଜେନା, ରବି ପାଣି, ବିଷ୍ଣୁ ପ୍ରଧାନ, ଅନିନ୍ଦିତା ଦାସ, ବିନାୟକ ଦାସ, ବିମଳ ଭଲ, ସତ୍ୟ ନାରାୟଣ ସାହୁ, ଅକ୍ଷୟ ମହାନ୍ତି , ହୃଷୀକେଶ ପାତ୍ର, ଡ଼ଃ. ତପନ ମହାନ୍ତ, ଡ଼ଃ ସ୍ମୃତି ରଞ୍ଜନ ନାୟକ, ଜ୍ଞାନ ପ୍ରକାଶ ଜେନା, ଡ଼ଃ. ନିବେଦିତା ଗିରି, ଆଚାର୍ଯ୍ୟ ଅଭିମନ୍ୟୁ, ରୀତା ପାତ୍ର, ଶ୍ରୀମନ୍ତ ବିଶ୍ୱାଳ, ସୁରଞ୍ଜିତା ରଣା ଓ ଆଦିତ୍ୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ୟୁଏଇ ଛାଡୁଛନ୍ତି ଲୋକେ, ହେଲେ ଛାଡିଯାଉଛନ୍ତି ନୀରିହ ପ୍ରାଣୀ

ଦୁବାଇ: ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ଇରାନ ସଂଘର୍ଷ । ଏହାରି ଭିତରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଛାଡ଼ି ଲୋକେ ପଳାୟନ କରୁଛନ୍ତି । କିନ୍ତୁ ଗଲାବେଳେ ସେମାନଙ୍କ ପୋଷା ପ୍ରାଣୀଙ୍କୁ ରାସ୍ତାଘାଟ କିମ୍ବା ଆଶ୍ରୟ ଗୃହରେ ଛାଡ଼ି ଯାଉଛନ୍ତି । ଉଦ୍ଧାରକାରୀ ସଙ୍ଗଠନଗୁଡ଼ିକ କହିବା ଅନୁଯାୟୀ, ଲୋକେ ବିନା ଖାଦ୍ୟ ପାନୀୟରେ ଭୀଷଣ ଗରମରେ ରାସ୍ତାରେ ସେମାନଙ୍କ ପୋଷା ବିଲେଇ, କୁକୁର, କଇଁଛ, ଆକ୍ୱିୟମ ମାଛ ଓ ଅନ୍ୟ ପ୍ରାଣୀଙ୍କୁ ଛାଡ଼ି ଯାଉଛନ୍ତି । କେତେକ ସେମାନଙ୍କ ପୋଷାପ୍ରାଣୀଙ୍କୁ ବାହାରେ ପିଞ୍ଜରାରେ ରଖି ଯାଉଥିବାବେଳେ ଆଉ କେତେକ ବାହାରେ ସେମାନଙ୍କୁ ବାନ୍ଧି ଯାଉଛନ୍ତି । ରେଷ୍ୟୁ ଟିମ୍ ସେମାନଙ୍କୁ ଉଦ୍ଧାର କରୁଛି ।

ମୋଜତବା ଖାମେନି ଇରାନର ନୂଆ ସର୍ବୋଚ୍ଚ ନେତା

ତେହେରାନ: ଇରାନର ନୂଆ ସୁପ୍ରିମ ଲିଡର । ଇରାନର ସର୍ବୋଚ୍ଚ ନେତା ଖାମେନୀଙ୍କ ମୃତ୍ୟୁ ପରେ ଏବେ ତାଙ୍କ ପୁଅ ମୋଜତବା ଖାମେନିଙ୍କୁ ଇରାନ ଦେଶର ସର୍ବୋଚ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବତନ ଲିଡର ଅୟୋତଲ୍ଲାହ ଖାମେନିଙ୍କ ମୃତ୍ୟୁ ପରେ ବି ପଛଘୁଂଚା ଦେଇନି ତେହରାନ । ଆମେରିକା ଏବଂ ଇସ୍ରାଏଲର ମୁକାବିଲା କରୁଛି । ମୋଜତବାଙ୍କ ସପକ୍ଷରେ ଇରାନ ସଂସଦରେ ୮୮ ଜଣ ସଦସ୍ୟ ମତ ଦେଇଥିଲେ । ଫଳରେ ତାଙ୍କୁ ନେତା ଭାବେ ନିଯୁକ୍ତି ମିଳିଛି । ଏହାସହ ଖାମେନି ଲିଗାସୀର ତୃତୀୟ ବ୍ୟକ୍ତି ଭାବେ ମୋଜତବାଙ୍କ ହାତରେ ଶାସନ ଡୋରି ରହିବ । ଏବେ ଯୁଦ୍ଧ ଚାଲିଥିବାରୁ ଜୁନିଅରଙ୍କ ଖାମେନିଙ୍କ ପାଇଁ ଅନେକ ଚ୍ୟାଲେଂଚ୍ ରହିଛି । ସେ ଆମେରିକା ଏବଂ ଇସ୍ରାଏଲର ମୁକାବିଲା ଭାର ନିଜେ ସମ୍ଭାଳିବେ । କିପରି ଦୁଇ ଦେଶକୁ ଉଚିତ ଜବାବ ଦିଆଯିବ ସେନେଇ ସେ ରଣନୀତି ପ୍ରସ୍ତୁତ କରିବେ । ଏହାସହ ବାପାଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଚେଷ୍ଟା କରିବେ । ମୋଜତବା ୧୯୬୯ ମସିହାରେ ମଶହଦ ସହରରେ ଜନ୍ମ ହୋଇଥିଲେ । ଧାର୍ମିକ ମାହୋଲରେ ତାଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା । ଇରାକ ଯୁଦ୍ଧ ସମୟରେ ସେ ରିଭୋଲ୍ୟୁସନାରୀ ଗାର୍ଡ ଭାବେ କାର୍ଯ୍ୟ କରିଥିଲେ । ଦୀର୍ଘ ଦିନ ହେବ ତାଙ୍କୁ ପିତା ଖାମେନିଙ୍କ ଉତ୍ତରାଧିକାରୀ ଭାବେ ଅନେକ ଦେଖୁଥିଲେ ।



ତୃତୀୟ ସନ୍ତାନ ଜନ୍ମ ଦେଲେ ମିଳିବ ୨୫ ହଜାର ଟଙ୍କା



ଆନ୍ଧ୍ରପ୍ରଦେଶ : ଆନ୍ଧ୍ର ପ୍ରଦେଶରେ ତୃତୀୟ ସନ୍ତାନ ଜନ୍ମ ଦେଲେ ବାପାମାଆଙ୍କୁ ମିଳିବ ୨୫ ହଜାର ଟଙ୍କା । ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଘୋଷଣା କରିଛନ୍ତି । ଜନ୍ମହାର ହ୍ରାସ ପାଉଥିବାରୁ ରାଜ୍ୟ ଯୁବ କର୍ମଜୀବୀ ଅଭାବର ସମ୍ମୁଖୀନ ହୋଇପାରେ । ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ନୂଆ ଜନସଂଖ୍ୟା ନୀତି ଆଣିବାକୁ ଯାଉଛନ୍ତି । ତୃତୀୟ ସନ୍ତାନ ଜନ୍ମ ସମୟରେ ସରକାର ୨୫ ହଜାର ଟଙ୍କା ଦେବେ । ଏହା ସହ ତୃତୀୟ ସନ୍ତାନ ପାଇଁ ଅତିରିକ୍ତ ସୁବିଧା ପ୍ରଦାନ କରିବାର ଯୋଜନା ମଧ୍ୟ ରହିଛି । ୫ ବର୍ଷ ପାଇଁ ମାସିକ ୧ ହଜାର ଟଙ୍କା ସହାୟତା ମିଳିବ । ପିଲାଟି ୧୮ ବର୍ଷ ବୟସ ପର୍ଯ୍ୟନ୍ତ ମାଗଣାରେ ପଢ଼ିବା ବ୍ୟବସ୍ଥା ମଧ୍ୟ କରାଯାଉଛି ।

ଓଲା-ଉବର-ରାପିଡୋ ବାଇକ୍ ବ୍ୟାନ୍

ନୂଆଦିଲ୍ଲୀ: ଓଲା, ଓବେର ଏବଂ ରାପିଡୋ ଉପରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ବଡ଼ ଆକ୍ସନ । ସୂଚନା ଅନୁଯାୟୀ, କଂପାନୀଗୁଡ଼ିକୁ କେବଳ 'ଇଲେକ୍ଟ୍ରିକ୍ ବାଇକ୍' ଚଳାଇବାକୁ ଅନୁମତି ମିଳିଥିବା ବେଳେ ସେମାନେ ବେଆଇନ ଭାବେ 'ପେଟ୍ରୋଲ ବାଇକ୍' ବ୍ୟବହାର କରୁଥିଲେ । ଏଥିସହ ସେମାନେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବାରେ ମଧ୍ୟ ବିଫଳ ହୋଇଛନ୍ତି ବୋଲି ପ୍ରଶାସନ କହିଛି । ରାଜ୍ୟ ପରିବହନ ମନ୍ତ୍ରୀ ପ୍ରତାପ ସରନାୟକଙ୍କ ଅନୁଯାୟୀ, ଏହି କଂପାନୀଗୁଡ଼ିକ ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼ିବା ପରେ ସେମାନଙ୍କ ଲାଇସେନ୍ସ ବାତିଲ କରାଯାଇଛି । ସରକାର ଏହି କଂପାନୀଗୁଡ଼ିକୁ ସମସ୍ତ ନିୟମ ପାଳନ କରିବା ପାଇଁ ଆଉ ଏକ ମାସର ଶେଷ ସମୟ ଦେଇଛନ୍ତି । ଯଦି ଏହି ଅବଧି ମଧ୍ୟରେ କଂପାନୀଗୁଡ଼ିକ ନିୟମ ମୁତାବକ କାର୍ଯ୍ୟ ନକରନ୍ତି, ତେବେ ସେମାନଙ୍କ ଲାଇସେନ୍ସ ସ୍ଥାୟୀ ଭାବେ ରଦ୍ଦ ହୋଇପାରେ । ବର୍ତ୍ତମାନ ପାଇଁ କେବଳ ବାଇକ୍ ଟ୍ୟାକ୍ସି ସେବା ବନ୍ଦ ରହିଛି, କ୍ୟାବ୍ ଓ ଅଟୋ ସେବା ଜାରି ରହିଛି । ମହାରାଷ୍ଟ୍ର ସରକାରଙ୍କ ଏହି କଡ଼ା ନିଷ୍ପତ୍ତି ପରେ ହଜାର ହଜାର ବାଇକ୍ ଚାଳକଙ୍କ ଜୀବିକା ବିପନ୍ନ ହୋଇଛି । ଯାତ୍ରୀମାନେ ମଧ୍ୟ ଶସ୍ତା ଯାତାୟାତ ସେବା ପାଇବାରୁ ବଂଚିତ ହେଉଥିବାରୁ ଏବେ ସରକାରୀ ନିର୍ଦ୍ଦେଶାବଳୀର ପରବର୍ତ୍ତୀ ପରିବର୍ତ୍ତନକୁ ସମସ୍ତେ ଅପେକ୍ଷା କରିଛନ୍ତି ।



ଶକ୍ତି ଆବଶ୍ୟକତାକୁ ନେଇ ଭାରତ ସତର୍କ, ସମସ୍ତ ବିଭାଗ ଆଲର୍ଟ ମୋଡ୍‌ରେ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ରାଜ୍ୟ ସଭାରେ କହିଛନ୍ତି, ସରକାର ଏହି ଅଂଚଳରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି । ଭାରତ ଚାହେଁ ଯେ, ଏହି ସଙ୍କଟର ସମାଧାନ କୂଟନୀତି ଓ ଆଲୋଚନା ମାଧ୍ୟମରେ ହେଉ । ଭାରତ କେବେ ଯୁଦ୍ଧକୁ ସମର୍ଥନ କରେ ନାହିଁ । ସେ କହିଛନ୍ତି, ଉପସାଗରୀୟ ଦେଶଗୁଡ଼ିକରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଭାରତ ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି । ଏହି ସଂଘର୍ଷରେ ଘଟିଥିବା ଲୋକଙ୍କ ଜୀବନହାନି ଯୋଗୁଁ ଭାରତ ଦୁଃଖିତ । ଆମେ ସମସ୍ତ ପକ୍ଷଙ୍କୁ ଶାନ୍ତି ପାଇଁ ନିବେଦନ କରୁଛୁ । ଏହି ସଂଘର୍ଷ ସାଧାରଣ ଜୀବନ ଏବଂ ବ୍ୟବସାୟକୁ ପ୍ରଭାବିତ କରୁଛି । ଇରାନରେ ଫସି ରହିଥିବା ଭାରତୀୟମାନଙ୍କୁ ବାହାର କରିବା ପାଇଁ ତେହେରାନରେ ଥିବା ଭାରତୀୟ ଦୂତାବାସ କାର୍ଯ୍ୟ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ଶକ୍ତି ଆବଶ୍ୟକତା ଉପରେ ଏହି ସଂଘର୍ଷର ପ୍ରଭାବ ବିଷୟରେ ଭାରତ ସତର୍କ ରହିଛି । ସମସ୍ତ ବିଭାଗ ଆଲର୍ଟ ମୋଡ୍‌ରେ ରଖାଯାଇଛି । ଆମେ ଏକ ପଡ଼ୋଶୀ ଅଂଚଳ, ଏବଂ ପଶ୍ଚିମ ଏସିଆରେ ସ୍ଥିରତା ବଜାୟ ରଖିବା ଆମର ଦାୟିତ୍ୱ । ଏକ କୋଟି ଭାରତୀୟ ଉପସାଗରୀୟ ଦେଶଗୁଡ଼ିକରେ ରୁହନ୍ତି ଏବଂ କାମ କରନ୍ତି । କିଛି ହଜାର ଭାରତୀୟ ମଧ୍ୟ ଅଧ୍ୟୟନ କିମ୍ବା ନିଯୁକ୍ତି ପାଇଁ ଇରାନରେ ଅଛନ୍ତି । ଏହି ଅଂଚଳ ଆମର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୈଳ ଓ ଗ୍ୟାସ୍ ର ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଗାଣକାରୀ ଏଠାରେ ରହିଛନ୍ତି । ସଙ୍କଟ ଯୋଗୁ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି ହୋଇଛି ।

ଏ.ଟି.ଏମ.ରୁ ବାହାରିବ ୧୦, ୨୦, ୫୦ ଟଙ୍କା

ନୂଆଦିଲ୍ଲୀ: ସାଧାରଣତଃ ଏଟିଏମରୁ ଛୋଟ ନୋଟ୍ ବାହାରେ ନାହିଁ । ଅର୍ଥାତ ଏଟିଏମରୁ ୧୦, ୨୦ କିମ୍ବା ୫୦ ଟଙ୍କିଆ ନୋଟ୍ ମିଳିପାରେ ନାହିଁ । ଏଥିରୁ ୧୦୦, ୨୦୦, ୫୦୦ ଟଙ୍କିଆ ନୋଟ୍ ମିଳିପାରେ । ଯଦି ଛୋଟ ନୋଟ୍ ଏଟିଏମରୁ ମିଳିପାରନ୍ତା, ତେବେ ଚେଞ୍ଜ୍ (ଭଙ୍ଗେଇବା) କରିବାର ଅସୁବିଧା ରୁହନ୍ତାନି । କିଛି କିଣାକିଣି କଲାବେଳେ, ଯଦି ଜଣେ ବ୍ୟକ୍ତି ଦୋକାନୀଙ୍କୁ ୫୦୦ ଟଙ୍କିଆ ନୋଟ ଦିଅନ୍ତି, ତେବେ ଚେଞ୍ଜ ପାଇଁ ଅସୁବିଧା ହୁଏ । ଯଦି ଏଟିଏମରୁ ହିଁ ଆମକୁ ୧୦ରୁ ୫୦ ଟଙ୍କିଆ ନୋଟ ମିଳିଯାଆନ୍ତା, ତେବେ ସମସ୍ୟାର ସମାଧାନ ହୋଇଯାଆନ୍ତା । ତେବେ ଏହାକୁ ନେଇ କେନ୍ଦ୍ର ସରକାର ମଧ୍ୟ ଚିନ୍ତା କରିଛନ୍ତି । କେନ୍ଦ୍ର ସରକାର ସଂସଦକୁ ସୂଚନା ଦେଇଛନ୍ତି ଯେ, ଛୋଟ ନୋଟର ଅଭାବ ନାହିଁ । କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ, ଆର.ବି.ଆଇ. ଅନୁଯାୟୀ ଛୋଟ ମୂଲ୍ୟର ନୋଟ୍ ବର୍ତ୍ତମାନ ପ୍ରଚଳିତ ଏ.ଟି.ଏମ୍‌ରୁ ମିଳିପାରେ ନାହିଁ । କିନ୍ତୁ ଏଭଳି ଏଟିଏମକୁ ନେଇ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି । ଅର୍ଥାତ୍ ଏକ ବିଶେଷ ପ୍ରକାରର ଏଟିଏମ୍ ଦ୍ୱାରା ୧୦,୨୦ ଏବଂ ୫୦ ଟଙ୍କିଆ ନୋଟ୍ ବାହାର କରିବା ଲାଗି ପ୍ରୟାସ ଚାଲିଛି । ସରକାରଙ୍କ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ (ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ) କେନ୍ଦ୍ରୀୟ ବ୍ୟାଙ୍କ ୧୦ ଟଙ୍କିଆ ୪୩୯.୪୦ କୋଟି ନୋଟ୍, ୨୦ ଟଙ୍କିଆ ୧୯୩.୭୦ କୋଟି ନୋଟ୍ ଏବଂ ୧୩୦.୩୦ କୋଟି ୫୦ ଟଙ୍କିଆ ନୋଟ୍ ଯୋଗାଇଛି । ପୂର୍ବ ଆର୍ଥିକ ବର୍ଷ (ଆର୍ଥିକ ବର୍ଷ ୨୫)ରେ ୧୦ ଟଙ୍କିଆ ୧୮୦ କୋଟି ନୋଟ୍, ୧୫୦ କୋଟି ୨୦ ଟଙ୍କିଆ ନୋଟ୍ ଏବଂ ୩୦୦ କୋଟି ୫୦ ଟଙ୍କିଆ କୋଟି ନୋଟ୍ ବଜାରକୁ ଆସିଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ନିୟମିତ ଭାବରେ ବିଭିନ୍ନ ମୂଲ୍ୟର ନୋଟର ଚାହିଦା ସମୀକ୍ଷା କରେ ଏବଂ କେତେ ନୋଟ୍ ମୁଦ୍ରଣ କରାଯିବା ଉଚିତ ତାହା ସୁପାରିଶ କରେ । ସରକାରଙ୍କ ଅନୁଯାୟୀ, କ୍ଷୁଦ୍ର ମୂଲ୍ୟର ନଗଦର ଚାହିଦା ନୋଟ୍ ଏବଂ ମୁଦ୍ରାର ମିଶ୍ରଣ ମାଧ୍ୟମରେ ପୂରଣ କରାଯାଏ । ସେହିଭଳି, ଡିଜିଟାଲ୍ ପେମେଂଟ ବର୍ତ୍ତମାନ କାରବାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।

ହୃଦୟ ଜିତିଲେ ଭାରତୀୟ ଟିମ୍

ଅହମଦାବାଦ: ଭାରତୀୟ କ୍ରିକେଟ୍ ଦଳ ପୁଣି ଥରେ ବିଶ୍ୱ ଦଖଲ କରିଛି । ନବୀନ ଇତିହାସ ରଚିଛି, ନୂଆ ଅଧ୍ୟାୟ ଯୋଡ଼ି ଲଗାତାର ଟ୍ୱେଂଟି-୨୦ ଦେଶ ଭାବେ ଏବଂ ଲଗାତାର ବିଶ୍ୱକପ୍ ଜିତିବାରେ ବିଶ୍ୱର ପ୍ରଥମ ଦଳ ହୋଇଛି । ଟିମ୍ ଇଣ୍ଡିଆର ଏହି ସ୍ୱର୍ଣ୍ଣିମ ଓ ସ୍ମରଣୀୟ ସଫଳତା ପରେ ସାରା ଭାରତ ଉତ୍ସବ ଟ୍ରଫି ଉଠାଇବାର ଅବିସ୍ମରଣୀୟ ସଫଳତା ପାଇଛି । ମୋଟ ଉପରେ ତିନିଟି ଟ୍ୱେଂଟି-୨୦- ବିଶ୍ୱକପ୍ ଜିତିବାରେ ଭାରତ ବିଶ୍ୱର ପ୍ରଥମ ଦଳ

ବିଶ୍ୱକପ୍ ଜିତିବାର ଗୌରବ ଗାଥା ବି ଲେଖିଛି । ଆକ୍ରମଣ, ଆଧିପତ୍ୟ ଓ ଆତ୍ମବିଶ୍ୱାସର ଅପୂର୍ବ ସମନ୍ୱୟରେ ତୃତୀୟ ଥର ଫଟାଫଟ୍ କ୍ରିକେଟ୍ ବିଶ୍ୱକପ୍ ଜିତିବାରେ କମାଲ କରିଛି । ହାଇଭୋଲ୍‌ଟେଜ୍ ଫାଇନାଲ୍ ଟକ୍କରରେ ଏକତରଫା ବିଜୟ ହାସଲ କରି ନିଜ ଶ୍ରେଷ୍ଠତ୍ୱକୁ ଆଉ ଥରେ ପ୍ରମାଣିତ କରିଛି । ଅହମଦାବାଦର ମୋଟେରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମହାମୁକାବିଲାରେ ନ୍ୟୁଜିଲାଣ୍ଡକୁ ୯୬ ରନ୍‌ରେ ହରାଇଛି ଟିମ୍ ଇଣ୍ଡିଆ । ତା' ସହିତ ଆୟୋଜକ ମୁଖର ହୋଇଉଠିଛି । ୧୪୫ କୋଟି ଭାରତୀୟଙ୍କ ହୃଦୟ ଖୁସିରେ ଗଦ୍‌ଗଦ୍ ହୋଇଯାଇଛି । ବିଶ୍ୱବିଜୟୀ ହେବା ପରେ ଭାରତୀୟ ଦଳକୁ ଶୁଭେଚ୍ଛାର ସୁଅ ଛୁଟିଛି । ୨୦୦୭ ମସିହାରେ ମହେନ୍ଦ୍ର ସିଂହ ଧୋନିଙ୍କ ଧୁରନ୍ଧର, ୨୦୨୪ରେ ରୋହିତ ଶର୍ମାଙ୍କ ଉତ୍ସାହୀ ବାହିନୀ ଯେଉଁ ଅସାଧାରଣ ସଫଳତା ହାସଲ କରିଥିଲେ, ୨୦୨୬ରେ ସୂର୍ଯ୍ୟକୁମାର ଯାଦବଙ୍କ ଯୁବ ସେନା ତାହାକୁ ଦୋହରାଇଛି । ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି ବଛାବଛା ୧୯ ଦେଶକୁ ପଛରେ ପକାଇ ବିଶ୍ୱକପ୍ ହୋଇଛି । ସେହିଭଳି ଗତ ଦେଢ଼ବର୍ଷ ଭିତରେ ଚାଂପିଅନ୍ସ ଟ୍ରଫି, ଏସିଆ କପ୍ ଏବଂ ଏବେ ଟ୍ୱେଂଟି-୨୦ ବିଶ୍ୱକପ୍ ଜିତିବାର ଅନନ୍ୟ ସଫଳତାର ଫର୍ଦ୍ଦ ଯୋଡ଼ିଛି ଭାରତୀୟ କ୍ରିକେଟ୍ ଦଳ । ଧମାକାଦାର ବ୍ୟାଟିଂ କରି ପ୍ରଥମେ ୫ ୱିକେଟ୍ ବିନିମୟରେ ୨୫୫ ରନ୍‌ର ବିଶାଳ ସ୍କୋର କରିଥିଲା । ପରେ ପ୍ରଥମ ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ଥିବା ନ୍ୟୁଜିଲାଣ୍ଡକୁ ମାତ୍ର ୧୫୯ ରନ୍‌ରେ ଅଟକାଇ ବିଶ୍ୱକପ୍ ନିଜ ନାଁରେ କରି ନେଇଥିଲା ।

ଫୁଟ୍‌ବଲ୍ ବିଶ୍ୱକପ୍ ଖେଳିବ ନାହିଁ ଇରାନ

ତେହେରାନ୍: ପୁରୁଷ ଫିଫା ଫୁଟ୍‌ବଲ ବିଶ୍ୱକପ୍ ଚଳିତବର୍ଷ ଜୁନ୍ ୧୧ରୁ ଆରମ୍ଭ ହେବ । ଏହି ବିଶ୍ୱକପ୍‌କୁ ମିଳିତ ଭାବେ ଆମେରିକା, କାନାଡା ଓ ମେକ୍ସିକୋ ଆୟୋଜନ କରୁଛନ୍ତି । ଏହି ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିଥିଲେ ହେଁ ଇରାନ୍ ଖେଳିବ ନାହିଁ ବୋଲି ଏହାର କ୍ରୀଡ଼ାମନ୍ତ୍ରୀ ଅହମ୍ମଦ ଦୋନ୍ୟାମାଲି ସ୍ପଷ୍ଟ କରିଛନ୍ତି । ଦୁଇ ସପ୍ତାହ ହେଲା ଇସ୍ରାଏଲ୍ ଓ ଆମେରିକା ମିଳିତ ଭାବେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ଚଳାଇଛନ୍ତି । ତେବେ ଫିଫା ସଭାପତି ଜିଆନି ଇନ୍‌ଫାଂଟିନୋ କହିଥିଲେ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱକପ୍‌ରେ ଇରାନ ଦଳକୁ ସଂପୂର୍ଣ୍ଣ ନିରାପତ୍ତା ଓ ଭବ୍ୟ ସ୍ୱାଗତର ଗ୍ୟାରେଂଟି ଦେଇଛନ୍ତି । ଏହାର କିଛି ଘଂଟା ପରେ ଇରାନ୍‌ର କ୍ରୀଡ଼ାମନ୍ତ୍ରୀ କହିଛନ୍ତି ଯେ ଇରାନ ଫୁଟ୍‌ବଲ ଦଳ ବିଶ୍ୱକପ୍ ଖେଳିବାର ପ୍ରଶ୍ନ ଉଠୁନାହିଁ । ତାଙ୍କ ଭାଷାରେ, ଆମେରିକାର ଦୁର୍ନୀତିଗ୍ରସ୍ତ ସରକାର ଆମ ସର୍ବୋଚ୍ଚ ନେତାଙ୍କୁ ହତ୍ୟା କରିଛନ୍ତି । କୌଣସି ପରିସ୍ଥିତିରେ ଆମେ ବିଶ୍ୱକପ୍ ଖେଳିବାକୁ ଯିବୁନାହିଁ । ଆମର ଶିଶୁମାନେ ବି ସୁରକ୍ଷିତ ନୁହନ୍ତି । ଏପରି ପରିସ୍ଥିତିରେ ଆମ ଫୁଟ୍‌ବଲ ଦଳ ବିଶ୍ୱକପ୍ ଖେଳିବାକୁ ଆମେରିକା ଯିବା ଅସମ୍ଭବ । ବିଶ୍ୱକପ୍‌ରେ ଇରାନ ଗ୍ରୁପ୍ 'ଜି'ରେ ସ୍ଥାନପାଇଛି । ଏହି ଗ୍ରୁପ୍‌ରେ ନ୍ୟୁଜିଲାଣ୍ଡ, ବେଲ୍‌ଜିୟମ୍ ଓ ଇଜିପ୍ଟ ରହିଛନ୍ତି । ଇରାନ ତା'ର ୩ଟିଯାକ ଗ୍ରୁପ୍ ମ୍ୟାଚ୍ ଆମେରିକାରେ ଖେଳିବାର ଅଛି । ଯଦି ଇରାନ ବିଶ୍ୱକପ୍‌ରୁ ଓହରିଯାଏ; ତେବେ ଏହା ସ୍ଥାନରେ ଇରାକ ଖେଳିପାରେ ।

ଓଡ଼ିଆ ଝିଅ ପାୟଲ ବିଶ୍ୱ ତୀରନ୍ଦାଜି ପାରା ସିରିଜ୍‌ରେ ସ୍ଥାନ ପାଇଲେ

ଭୁବନେଶ୍ୱର: ଓଡ଼ିଶାର ଉଦୀୟମାନ ପାରା ତୀରନ୍ଦାଜ ପାୟଲ ନାଗ ଆଗାମୀ ବିଶ୍ୱ ତୀରନ୍ଦାଜି ପାରା ସିରିଜ୍‌ରେ ଭାଗନେବେ । ଚଳିତ ମାସ ୨୯ରୁ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କକ୍‌ରେ ହେବାକୁ ଥିବା ଏହି ପ୍ରତିଯୋଗିତାର କଂପାଉଣ୍ଡ ମହିଳା ଓପନ୍ ଇଭେଂଟରେ ସେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି । ଏହା ତାଙ୍କର ଦ୍ୱିତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ହେବାକୁ ଯାଉଛି । ଗତ ଡିସେମ୍ବରରେ ଦୁବାଇରେ ଆୟୋଜିତ ଏସୀୟ ପାରା ଯୁବ କ୍ରୀଡ଼ାରେ ଭାଗନେଇ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ହେଲେ ଏହି ପ୍ରତିଯୋଗିତାରେ ସେ ପଦକ ଜିତିବାରେ ସଫଳ ହୋଇ ନଥିଲେ ମଧ୍ୟ ଅନେକ ଅଭିଜ୍ଞତା ସାଉଁଟିଥିଲେ । ଏହି ଅଭିଜ୍ଞତା ବିଶ୍ୱ ପ୍ରତିଯୋଗିତାରେ ଉପଯୋଗ କରି ପଦକ ଜିତିବା ଆଶାରେ ଅଛନ୍ତି ଏହି ଦୁଇ ଗୋଡ଼ ଓ ଦୁଇ ହାତ ନଥିବା ପାରା ତୀରନ୍ଦାଜ ପାୟଲ । ବଲାଙ୍ଗୀରର ଏକ ଗରିବ ପରିବାରରେ ଜନ୍ମିତ ୧୮ ବର୍ଷୀୟା ଏହି ଓଡ଼ିଆ ଝିଅ ୨୦୨୫ ଜାତୀୟ ପାରା ତୀରନ୍ଦାଜି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ସେ ୨୦୨୬ରେ ପୁଣି ଥରେ ଜାତୀୟ ପ୍ରତିଯୋଗିତାରେ ପଦକ ଜିତି ଲଗାତାର ପୋଡିୟମ୍ ଫିନିସ୍ କରିବାର ସଫଳତା ପାଇଥିଲେ । ବିଶ୍ୱ ତୀରନ୍ଦାଜି ପ୍ରତିଯୋଗିତାରେ ପାୟଲ ଭାଗ ନେବାକୁ ଯାଉଥିବାରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି ।

ଜାତୀୟ ପତାକାକୁ ଅସମ୍ମାନ: ହାର୍ଦ୍ଦିକଙ୍କ ନାଁରେ ମାମଲା

ନୂଆଦିଲ୍ଲୀ: ୨୦୨୬ ଟି୨୦ ବିଶ୍ୱକପ୍ ବିଜୟ ପରେ, ହାର୍ଦ୍ଦିକ ପାଣ୍ଡ୍ୟା ଏକ ଆଇନଗତ ସମସ୍ୟାରେ ଫସିଛନ୍ତି । ତାଙ୍କ ବିରୁଦ୍ଧରେ ଜାତୀୟ ପତାକାକୁ ଅସମ୍ମାନ କରିଥିବା ଅଭିଯୋଗ ହୋଇଛି । ପୁଣେର ଜଣେ ଓକିଲ ସେ ଜାତୀୟ ପତାକାକୁ ଅସମ୍ମାନିତ କରିଥିବା ଅଭିଯୋଗ ଆଣିଛନ୍ତି । ସ୍ଥାନୀୟ ଶିବାଜୀନଗର ପୁଲିସ୍ ଷ୍ଟେସନରେ ୱାଜିଦ ଖାଁ ଅଭିଯୋଗ ଦାୟର କରିଛନ୍ତି । ହାର୍ଦ୍ଦିକ ସେଲିବ୍ରେଶନ ସମୟରେ ଜାତୀୟ ପତାକାକୁ ଗୁଡାଇ ଗର୍ଲଫ୍ରେଣ୍ଡ ସହ ପୋଡିୟମରେ ଶୋଇ ପଡିଥିଲେ । ଏହା ଜାତୀୟ ପତାକାକୁ ଅସମ୍ମାନ । ପୋଲିସ ଅବଶ୍ୟ ଏ ପର୍ଯ୍ୟନ୍ତ ଏଫଆଇଆର ରୁଜୁ କରିନି । ହାର୍ଦ୍ଦିକ ତାଙ୍କ ନୂଆ ପ୍ରେମିକା ମାହିକା ଶର୍ମାଙ୍କ ସହ ଏହାର ଖୁସି ମନାଉଥିଲେ । ହାର୍ଦ୍ଦିକଙ୍କ ଆଚରଣ ଜାତୀୟ ପତାକାର ମର୍ଯ୍ୟାଦା ବିରୋଧୀ । ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଜାତୀୟ ପତାକାକୁ ସମ୍ମାନ କରିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ ।

କର୍ଷ୍ଟେନ ଶ୍ରୀଲଙ୍କାର ମୁଖ୍ୟ ପ୍ରଶିକ୍ଷକ

ଶ୍ରୀଲଙ୍କା: ଶ୍ରୀଲଙ୍କା କ୍ରିକେଟ୍ ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ଗ୍ୟାରି କର୍ଷ୍ଟେନଙ୍କୁ ପୁରୁଷ ଦଳ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି । ଟ୍ୱେଂଟି-୨୦ ବିଶ୍ୱକପ୍ ସୁପର-୮ରୁ ଶ୍ରୀଲଙ୍କା ବିଦାୟ ନେବା ପରେ ମୁଖ୍ୟପ୍ରଶିକ୍ଷକ ସନଥ ଜୟସୂରିୟା ଓହରି ଯାଇଥିଲେ । ତାଙ୍କ ସ୍ଥାନରେ କଷର୍ଷ୍ଟେନଙ୍କୁ ନିଯୁକ୍ତି ମିଳିଛି । ସେ ଆସନ୍ତା ଏପ୍ରିଲ୍ ୧୫ ତାରିଖରୁ ଦାୟିତ୍ୱ ନେବେ । ତାଙ୍କ ସହ ଦୁଇ ବର୍ଷିଆ ଚୁକ୍ତି ? ହୋଇଛି । ୫୮ ବର୍ଷୀୟ କର୍ଷ୍ଟେନ ଟ୍ୱେଂଟି-୨୦ ବିଶ୍ୱକପରେ ନାମିବ୍ୟାର ପରାମର୍ଶଦାତା ଥିଲେ । ସେ ଭାରତ ଓ ଦକ୍ଷିଣ ଆଫ୍ରିକାର ସଫଳ ପ୍ରଶିକ୍ଷକ ଥିଲେ ।

କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଇନ୍‌ଡୋର ଆଥଲେଟିକ୍ସ କେନ୍ଦ୍ର

ଭୁବନେଶ୍ୱର : କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୪ ଓ ୨୫ ତାରିଖ ଦୁଇ ଦିନ ଧରି ଆୟୋଜିତ ହେବ ପ୍ରଥମ ଜାତୀୟ ଇନ୍ଡୋର ଆଥଲେଟିକ୍ସ ଚାଂପିଅନସିପ୍ । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ଏବଂ ଏଏଫ୍‌ଆଇ ଆନୁକୂଲ୍ୟରେ ଆୟୋଜିତ ହେବ ଏହି ପ୍ରତିଯୋଗିତା । ପୁରୁଷ, ମହିଳା, ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳାରେ ମୋଟ୍ ୩୬ଟି ଇଭେଂଟରେ ପ୍ରତିଯୋଗିତା ହେବ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରୁ ଆଥଲେଟମାନେ ଭାଗ ନେବେ । କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହୋଇଛି ଦେଶର ପ୍ରଥମ ଇନ୍‌ଡୋର ଆଥଲେଟିକ୍ସ କେନ୍ଦ୍ର । ଏହି ଚାଂପିଅନସିପ୍ ଆୟୋଜନ ନେଇ ଭାରତ ବିଡ୍ ଦାଖଲ କରିଛି । ଜାତୀୟ ଇନ୍ଡୋର ଆଥଲେଟିକ୍ସ ଚାଂପିଅନରେ ପୁରୁଷ ଓ ମହିଳାରେ ୬୦ ମିଟର, ୪୦୦ ମିଟର, ୮୦୦ ମିଟର, ୧୫୦୦ ମିଟର, ୩୦୦୦ ମିଟର, ୬୦ ମିଟର ହର୍ଡଲ୍ସ, ହାଇ ଜଂପ, ଲଙ୍ଗ ଜଂପ ଓ ଟ୍ରିପଲ ଜଂପ ଏବଂ ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳାରେ ୬୦ ମିଟର, ୪୦୦ ମିଟର, ୮୦୦ ମିଟର, ୩୦୦୦ ମିଟର, ହାଇଜଂପ, ଲଙ୍ଗ ଜଂପ ଓ ସଟ୍‌ଫୁଟରେ ପ୍ରତିଦ୍ୱନ୍ଦ୍ୱିତା ହେବ ।

ଖସିଲେ ବରୁଣ ଚକ୍ରବର୍ତ୍ତୀ, ଉପରକୁ ଉଠିଲେ ଅଭିଷେକ

ମୁମ୍ବାଇ: ଟି-୨୦ ବିଶ୍ୱକପ୍ ସମାପନ ପରେ ଆଇସିସି ସଦ୍ୟତମ ଟି-୨୦ ମାନ୍ୟତା ଜାରି କରିଛି । ଟି୨୦ ବିଶ୍ୱକପରେ ଖରାପ ପ୍ରଦର୍ଶନ କରିଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଆଇସିସି ରାଙ୍କିଂରେ ଏକ ବଡ଼ ଝଟକା ଲାଗିଛି । ସେ ଆଉ ନମ୍ବର ୱାନ ବୋଲର ହୋଇରହିନାହାନ୍ତି । ଆଫଗାନିସ୍ତାନର ଲେଗ୍-ସ୍ପିନର ରଶିଦ ଖାନ ତାଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି । ରଶିଦ ଖାନ ୭୫୩ ରେଟିଂ ପଏଂଟ ସହିତ ଏକ ନମ୍ବର ବୋଲର ହୋଇଛନ୍ତି । ବରୁଣ ଚକ୍ରବର୍ତ୍ତୀ ଏବେ ୭୪୦ ରେଟିଂ ପଏଂଟ ସହିତ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି । ଯଶପ୍ରୀତ ବୁମ୍ରା ବୋଲରଙ୍କ ରାଙ୍କିଂରେ ଉନ୍ନତି କରି ଷଷ୍ଠ ସ୍ଥାନକୁ ଉଠିଛନ୍ତି । ବ୍ୟାଟିଂ ମାନ୍ୟତାରେ ଅଭିଷେକ ଶର୍ମା ନମ୍ବର ୧ ବ୍ୟାଟର ରହିଛନ୍ତି କିନ୍ତୁ ଇଶାନ କିଶନ ତାଙ୍କ ପାଇଁ ଏକ ବଡ଼ ବିପଦ ପାଲଟିଛନ୍ତି । ଅଭିଷେକ ଶର୍ମା ୮୭୫ ରେଟିଂ ପଏଂଟ ସହିତ ପ୍ରଥମ ସ୍ଥାନରେ ଅଛନ୍ତି । ଇଶାନ କିଶାନ ତାଙ୍କଠାରୁ ମାତ୍ର ଚାରି ପଏଂଟ ପଛରେ ଅଛନ୍ତି । କିଶାନ ୮୭୧ ପଏଂଟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଇଶାନ ପାକିସ୍ତାନୀ ବ୍ୟାଟର ସାହିବଜାଦା ଫରହାନ ଏବଂ ଇଂଲିଶ୍ ଖେଳାଳି ଫିଲ୍ ସଲ୍ଟଙ୍କୁ ପଛରେ ପକାଇ ଦେଇଛନ୍ତି । ଶୀର୍ଷ ୧୦ ରେ ଭାରତର ଚାରି ଜଣ ବ୍ୟାଟରଅଛନ୍ତି । ଅଭିଷେକ ଏବଂ ଇଶାନଙ୍କ ବ୍ୟତୀତ ସୂର୍ଯ୍ୟକୁମାର ଯାଦବ ନବମ ଏବଂ ତିଲକ ବର୍ମା ସପ୍ତମ ସ୍ଥାନରେ ଅଛନ୍ତି । ହେଲେ ୭୨୨ ପଏଂଟ ସହ ତଳକୁ ଖସି ନବମରେ ପହଂଚିଛନ୍ତି । ସଞ୍ଜୁ ସାମସନ ଆଇସିସି ଟି-୨୦ ମାନ୍ୟତାରେ ବଡ଼ ଲମ୍ଫ ମାରିଛନ୍ତି । ସେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଟି-୨୦ ରେଟିଂ ହାସଲ କରିଛନ୍ତି । ୬୩୭ ରେଟିଂ ପଏଂଟ ସହିତ ୨୨ତମ ସ୍ଥାନରେ ପହଂଚିଛନ୍ତି । ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍ ପୂର୍ବରୁ ସାମସନ ୬୫ତମ ସ୍ଥାନରେ ଥିଲେ । ତଥାପି ଭାରତକୁ ଟି-୨୦ ବିଶ୍ୱକପ୍ରେ ଚାଂପିଅନ କରାଇବା ପରେ ସାମସନ ଏବେ ୪୩ ବ୍ୟାଟରଙ୍କୁ ପଛରେ ପକାଇ ୨୨ତମ ସ୍ଥାନରେ ପହଂଚିଛନ୍ତି । ସଞ୍ଜୁ ସାମସନ ଟି-୨୦ ବିଶ୍ୱକପରେ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଂଟ୍ ବିବେଚିତ ହୋଇଥିଲେ । ସେ ପାଂଚଟି ମ୍ୟାଚରେ ୮୦.୨୫ ହାରରେ ୩୨୧ ରନ୍ କରିଥିଲେ । ଏଥିରେ ୨୪ଟି ଛକା ଏବଂ ୨୭ଟି ଚୌକା ସାମିଲ୍ । ପାଖାପାଖି ୨୦୦ ଷ୍ଟ୍ରାଇକ୍ ରେଟ୍ ସହ ସେ ବ୍ୟାଟିଂ କରିଥିଲେ ।

ଟିମ୍ ଇଣ୍ଡିଆକୁ ୧୩୧ କୋଟି

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆ ଲଗାତାର ତୃତୀୟ ଥର ପାଇଁ ଟି-୨୦ ବିଶ୍ୱକପ୍ ଜିତି ଇତିହାସ ରଚିଛି । ଟିମ୍ ଇଣ୍ଡିଆ ଖେଳାଳିଙ୍କ ଏହି ଉତ୍କୃଷ୍ଟ ପ୍ରଦର୍ଶନକୁ ଦେଖି ବିସିସିଆଇ ୧୩୧ କୋଟି ଟଙ୍କାର ନଗଦ ପୁରସ୍କାର ରାଶି ଘୋଷଣା କରିଛି । ବିସିସିଆଇ ପକ୍ଷରୁ ୧୩୧ କୋଟି ଟଙ୍କାର ଏକ ମୋଟା ଅଙ୍କର ରାଶି ଟିମ୍ ଇଣ୍ଡିଆର ସମଗ୍ର ଦଳରେ ସମାନ ଭାବରେ ବଂଟନ କରାଯିବ । ଦଳରେ ସାମିଲ ଥିବା ୧୫ ଜଣ ଖେଳାଳିଙ୍କ ମଧ୍ୟରୁ ସହାୟକ କର୍ମଚାରୀଙ୍କୁ ମଧ୍ୟ ଏହାର ଏକ ଅଂଶ ମିଳିବ । ପୂର୍ବରୁ, ଆଇସିସି ଟିମ୍ ଇଣ୍ଡିଆକୁ ୩ ନିୟୁତ ଡଲାର କିମ୍ବା ୨୭.୪୮ କୋଟି ଟଙ୍କା ଦେଇଥିଲା । ୨୦୨୪ ମସିହାରେ, ଟି-୨୦ ବିଶ୍ୱକପ୍ ଜିତିଥିଲା, ସେତେବେଳେ ଦଳକୁ ନଗଦ ପୁରସ୍କାର ଭାବରେ ୧୨୫ କୋଟି ଟଙ୍କା ମିଳିଥିଲା । ସେଥିମଧ୍ୟରୁ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କୁ ୫ କୋଟି ଟଙ୍କା ଦିଆଯାଇଥିଲା । ଟିମ୍ ଇଣ୍ଡିଆ ତିନି ଥର ଟି-୨୦ ବିଶ୍ୱକପ୍ ଜିତିବା ସହିତ ଟି-୨୦ କ୍ରିକେଟ୍ ଇତିହାସରେ ପ୍ରଥମ ଥର ପାଇଁ ଘରୋଇ ମାଟିରେ ଟାଇଟଲ୍ ଜିତିଥିବା ପ୍ରଥମ ଦଳ ହୋଇଛି ।

ପାକିସ୍ତାନ ଟିମ୍‌ର ନବକଳେବର: ପୁରୁଣାଙ୍କୁ ମିଳିଲାନି ସ୍ଥାନ

ଢାକା: ବାଂଲାଦେଶ ଗସ୍ତ ପାଇଁ ପାକିସ୍ତାନ କ୍ରିକେଟ୍ ଦଳରେ ଏଥର ଅନେକ ନୂଆ ମୁହଁ ଦେଖିବାକୁ ମିଳିଛି । ପାକିସ୍ତାନର ମୁଖ୍ୟ କୋଚ୍ ମାଇକ୍ ହାସନ୍ ଏହି ନୂଆ ଦଳକୁ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି । ଘରୋଇ କ୍ରିକେଟ୍ ଏବଂ 'ପାକିସ୍ତାନ ଶାହିନ୍ସ' ପାଇଁ ଭଲ ପ୍ରଦର୍ଶନ କରିଥିବା ଯୁବ ଖେଳାଳିମାନେ ଦିନିକିଆ ସିରିଜ୍ ପାଇଁ ସୁଯୋଗ ପାଇବାକୁ ଯୋଗ୍ୟ ବୋଲି ସେ ସ୍ପଷ୍ଟ କରିଛନ୍ତି । ୬ ନୂଆ ଖେଳାଳିଙ୍କୁ ସୁଯୋଗ, ବାବର ଆଜମ ବାଦ୍ ଏହି ସିରିଜ୍ ପାଇଁ ପାକିସ୍ତାନ ଦଳରେ ୬ ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି । କୋଚ୍ ହେସନ ଏହି ଦଳକୁ ଅଭିଜ୍ଞ ଏବଂ ନୂଆ ପ୍ରତିଭାର ଏକ 'ରୋମାଂଚକର ମିଶ୍ରଣ' ବୋଲି ବର୍ଣ୍ଣନା କରିଛନ୍ତି । ଅନ୍ୟପଟେ ଦଳରୁ ଷ୍ଟାର ବ୍ୟାଟର ବାବର ଆଜମଙ୍କୁ ବାଦ୍ ଦିଆଯିବା ଘଟଣାକୁ ନେଇ ସେ ପ୍ରତିକ୍ରିୟା ରଖିଛନ୍ତି । ହେସନ କହିଛନ୍ତି ଯେ କାହାକୁ ଦଳରୁ ଜାଣିଶୁଣି ବାହାର କରାଯାଇନାହିଁ, ବରଂ କ୍ୟାଲେଣ୍ଡର ବର୍ଷରେ ଖୁବ୍ କମ୍ ସୁଯୋଗ ମିଳୁଥିବାରୁ ନୂଆ ତଥା ପ୍ରତିଭାବାନ ଯୁବ ଖେଳାଳିଙ୍କୁ ପରଖିବା ପାଇଁ ଏହା ଏକ ବଡ଼ ସୁଯୋଗ ।ନଜରରେ ରହିବେ ଏହି ଯୁବ ତାରକାକୋଚ୍ ବିଶେଷ କରି ତିନି ଜଣ ଖେଳାଳିଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି ।

୨୮ରୁ ଆରମ୍ଭ ହେବ ଆଇପିଏଲ

ନୂଆଦିଲ୍ଲୀ: ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲର ପ୍ରଥମ ୨୦ ମ୍ୟାଚ୍ ଲାଗି ସୂଚୀ ଘୋଷିତ ହୋଇଛି । ମେ' ୩୧ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ ଦଳ ଭାଗ ନେଉଥିଲା । ବେଳେ ମୋଟ ୮୪ ମ୍ୟାଚ୍ ଖେଳାଯିବ । ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳର ବିଧାନସଭା ନିର୍ବାଚନ ଥିବାରୁ ଏବେ କେବଳ ପ୍ରଥମ ପର୍ଯ୍ୟାୟ ଲାଗି ସୂଚୀ ଘୋଷିତ ହୋଇଛି । ଏହି ରାଜ୍ୟଗୁଡ଼ିକ ଲାଗି ନିର୍ବାଚନ ତାରିଖ ଘୋଷଣା ପରେ ଅବଶିଷ୍ଟ ମ୍ୟାଚ୍ ସୂଚୀ ଘୋଷଣା କରାଯିବ ବୋଲି ସୂଚନା ମିଳିଛି । ଡିଫେଣ୍ଡିଂ ବିଜେତା ରୟାଲ ଚ୍ୟାଲେଞ୍ଜସ ବେଙ୍ଗାଲୁର(ଆରସିବି) ଓ ସନ୍‌ରାଇର୍ଜସ ହାଇଦ୍ରାବାଦ (ଏସ୍‌ଆରଏଚ୍) ମୁକାବିଲାରୁ ଚଳିତ ସଂସ୍କରଣର ଶୁଭାରମ୍ଭ ହେବ । ଏହି ଉଦ୍‌ଘାଟନୀ ମୁକାବିଲା ଆରସିବିର ଘରୋଇ ପଡ଼ିଆ ବେଙ୍ଗାଲୁରୁସ୍ଥିତ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବ । ହେଲେ ଏହି ୨୮ ତାରିଖ ମ୍ୟାଚ୍ କର୍ଣ୍ଣାଟକ ସରକାରଙ୍କ ଅନୁମତି ଅପେକ୍ଷା ରହିଛି । ୧୩ ତାରିଖରେ ସରକାରଙ୍କ ଦ୍ୱାରା ଗଠିତ କମିଟି ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଯାଂଚ କରିବେ । ଏହାପରେ ଏଠାରେ ମ୍ୟାଚ୍ ଆୟୋଜନ ଲାଗି ପ୍ରସ୍ତୁତି କାର୍ଯ୍ୟ ହେବ ବୋଲି ଆଇପିଏଲ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଗତ ବର୍ଷ ଏଠାରେ ଆରସିବିର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ଦଳଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ଷ୍ଟାଡିୟମ୍‌ରେ ମ୍ୟାଚ୍ କରାଇବା ନେଇ ବାସନ୍ଦ ଲାଗିଥିଲା । ନିକଟରେ କର୍ଣ୍ଣାଟକ ସରକାର ଆଇପିଏଲ୍ ମ୍ୟାଚ୍ ଲାଗ ଅନୁମତି ଦେଇଥିଲେ ।

ଯଦି ଆପଣ ଆମକୁ ଆପଣଙ୍କ ଲେଖା, ମତାମତ ଓ ବିଜ୍ଞାପନ ଦେବାକୁ ଚାହାନ୍ତି, ତାହାହେଲେ ନିମ୍ନଲିଖିତ ମେଲ୍ ଆଇଡ଼ କିମ୍ବା ଫୋନ୍ ନମ୍ବରରେ ଯୋଗାଯୋଗ କରିପାରିବେ ।

Mail-
thesalandisamachar@gmail.com
Mob- 9438525025, 7008962025

ଜିଲ୍ଲାସ୍ତରୀୟ ବ୍ଲକସ୍ତରୀୟ ସାମ୍ବାଦିକ ପାଇଁ ଉପର ନମ୍ବରରେ ଯୋଗାଯୋଗ କରନ୍ତୁ ।

This Periodical is Published by Rupak Bihari Ray from At- Mathasahi, Dist- Bhadrak, Odisha, Ph. No. (06784)240771, Mob: 9438525025, 7008962025, E-mail: thesalandisamachar@gmail.com on behalf of Rupak Bihari Ray edited by Rupak Bihari Ray and Printed by Alok Bihari Ray at Anasuya Printers, At- Mathasahi, Dist- Bhadrak, Odisha

Editor :Rupak Bihari Ray Sub-Editor :Manoranjan Mohanty Managing-Editor :Deepak Bihari Ray ସଂପାଦକ :ରୁପକ ବିହାରୀ ସହ-ସଂପାଦକ :ମନୋରଞ୍ଜନ ମହାନ୍ତି ପରିଚ୍ଳନା ସଂପାଦକ : ଦୀପକ ବିହାରୀ ରାୟ